## ଅଲ୍ଲାଃତାଲାଙ୍କ ବାଣୀ

وَمَثَلُ الَّذِيْنَ يُنْفِقُوْنَ اَمْوَالَهُمُ ابْتِغَآءَ مَرْضَاتِ اللّٰهِ وَتَثْبِيْتًا مِّنْ اَنْفُسِهِمْ كَمَثَلِ جَنَّةٍۭ بِرَبْوَةٍ اَصَابَهَا وَابِلٌ فَاٰتَتْ اُكُلَهَا ضِعْفَيْنِ

(سورة البقره :266)

ଅନୁବାଦ – ଏବଂ ଯେଉଁମାନେ ଅଲ୍ଲାଃଙ୍କର ପ୍ରୀତିଭାଜନ ହେବାପାଇଁ ଓ ନିଜକୁ ସୁଦୃଢ଼ କରିପା ପାଇଁ ନିଜ ଧନ ବ୍ୟୟ କରନ୍ତି ସେମାନଙ୍କ ବ୍ୟୟର ଉପମା ଉଚ୍ଚ ଭୂମି ଉପରେ ଥିବା ଏକ ଉଦ୍ୟାନର ଅବସ୍ଥା ସଦୃଶ ଯେଉଁଠାରେ ବହୁଳ ବୃଷ୍ଟି ହେଲେ ତାହା ଦୁଇଗୁଣ ଫଳଦିଏ ।

ବକ୍ରାଃ: ୨୬୬

بِسْمِ اللّٰهِ الرَّحْمٰنِ الرَّحِيْمِ　　نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ　　وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 3

ସଂଖ୍ୟା 36

ସାପ୍ତାହିକ ବଦର

The Weekly BADAR Qadian ODIA
କାଦିଆନ

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

06 ସେପ୍ଟେମ୍ବର୍ 2018　06 ତବୁକ୍ 1397 ହି.ଶ　25 ଜୁଲ୍‌ହଜା 1439 ହି.କ

## ଅହ୍‌ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର ଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

# ଯେଉଁଠାରେ ମଧ ଜନସଂଖ୍ୟା ରହିଛନ୍ତି ଓ ଯେଉଁ ପର୍ଯ୍ୟନ୍ତ କୌଣସି ପ୍ରକାର ସୃଷ୍ଟଜଙ୍କ ଅସ୍ତିତ୍ୱ ଅବସ୍ଥିତ ଅଛି, ତାହା ଆଧାତ୍ମିକ ହେଉ ବା ଶାରିରୀକ, ସେ ସମସ୍ତଙ୍କର ସୃଷ୍ଟିକର୍ତା ଓ ପାଳନକର୍ତା ହେଉଛନ୍ତି ଇଶ୍ୱର, ଯିଏ ପ୍ରତ୍ୟେକ ସମୟରେ ସେମାନଙ୍କ ଲାଳନପାଳନ କରିଥାନ୍ତି ଓ ସେମାନଙ୍କ ଅନୁକୂଳ ଅବସ୍ଥାର ବ୍ୟବସ୍ଥା କରିଥାନ୍ତି

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ପ୍ରତ୍ୟେକ ବ୍ୟକ୍ତି ସେ ଯେତେ ଧନୀ ହୋଇଥିଲେ ମଧ ନିଜ ଇଚ୍ଛା ବିରୁଦ୍ଧରେ ମୃତ୍ୟୁ ରୂପକ ରସକୁ ପାନ କରିଥାଏ । ତେଣୁ ଦେଖ ସେହି ପ୍ରକୃତ ସମ୍ରାଟଙ୍କ ନିର୍ଦ୍ଦେଶ କିପରି ଏ ପୃଥିବୀରେ ପ୍ରକାଶ ହେଉଛି କି ଯେବେ ନିର୍ଦ୍ଦେଶ ଆସୁଛି ତ କୌଣସି ବ୍ୟକ୍ତି ନିଜର ମୃତ୍ୟୁକୁ ଗୋଟିଏ ସେକେଣ୍ଡ୍ ମଧ ରୋକିପାରୁନାହିଁ । ପ୍ରତ୍ୟେକ ପ୍ରକାରର ଖବିସ୍ (ଅପବିତ୍ର) ଓ ଅସାଧ ରୋଗ ଯେବେ ହୁଏ ତେବେ କୌଣସି ବୈଦ୍ୟ ବା ଡାକ୍ତର ଏହାକୁ ଦୂର କରିପାରେନାହିଁ । ତେଣୁ ଚିନ୍ତାକର ଇଶ୍ୱରଙ୍କ ସାମ୍ରାଜ୍ୟ କିପରି ପୃଥିବୀ ପୃଷ୍ଠରେ ପ୍ରକାଶିତ ହୋଇଛି କି ତାର ହୁକୁମ୍ ରଦ୍ଦ ହୋଇନପାରେ । ପୁଣି କାହିଁକି କୁହାଯିବ କି ଏ ପୃଥିବୀପୃଷ୍ଠରେ ଇଶ୍ୱରଙ୍କ ରାଜତ୍ୱ ନାହିଁ ବରଂ ଆସନ୍ତାକୁ ଆଉ କୌଣସି ସମୟରେ (ରାଜତ୍ୱ) ଆସିବ । ଦେଖ ଏ ଯୁଗରେ ଇଶ୍ୱରଙ୍କ ସ୍ୱର୍ଗୀୟ ନିର୍ଦ୍ଦେଶ ଦ୍ୱାରା ତାଉନ୍ (ପ୍ଲେଗ୍ ରୋଗ) ଏ ପୃଥିବୀକୁ ଦୋହଲାଇଦେଲା । ଯଦ୍ୱାରା ତାର ମସିହ୍ ମଉଦ୍ ପାଇଁ ଏହା ଏକ ନିଦର୍ଶନ ହେଉ । ତେଣୁ କିଏ ଅଛି, ଯିଏ ତା ବିନା ମର୍ଜିରେ ଏହାକୁ ଦୂର କରିପାରିବ । ତେଣୁ କାହିଁକି କୁହାଯାଇପାରିବ କି ଏବେ ପୃଥିବୀରେ ଇଶ୍ୱରଙ୍କ ରାଜତ୍ୱ ନାହିଁ । ହଁ ଯିଏ ଜଣେ ଦୁଷ୍ଟଚରିତ୍ର କଏଦୀଙ୍କ ଭଳି ତା ପୃଥିବୀରେ ଜୀବନ ବିତାଏ ସେ ଚାହିଁଥାଏ କି କେବେ ନ ମରୁ କିନ୍ତୁ ଇଶ୍ୱରଙ୍କ ସଚ୍ଚା ରାଜତ୍ୱ ତାକୁ ନିଃଶେଷ କରିଦିଏ ପରିଶେଷରେ ସେ ମଲକୁଲ୍ ମୌତ୍ (ମୃତ୍ୟୁର ଫରିସ୍ତା)ର ପଞ୍ଝାଦ୍ୱାରା ଗିରଫ୍ ହୋଇଥାଏ । ପୁଣି କାହିଁକି କହିପାରିବା କି ଏପର୍ଯ୍ୟନ୍ତ ଇଶ୍ୱରଙ୍କ ରାଜତ୍ୱ ପୃଥିବୀରେ ଆସିନାହିଁ ବୋଲି । ଦେଖ ପୃଥିବୀ ପୃଷ୍ଠରେ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ନିର୍ଦ୍ଦେଶରେ ଘଡିକେ କରୋଡ କରୋଡ ମନୁଷ୍ୟ ମୃତ୍ୟୁ ବରଣ କରୁଛନ୍ତି ଓ କରୋଡ କରୋଡ ଲୋକେ ତାର ଇଚ୍ଛାନୁସାରେ ଜନ୍ମ ହେଉଛନ୍ତି ଓ କରୋଡ କରୋଡ ତା ଇଚ୍ଛାରେ ଗରୀବରୁ ଧନୀ ଓ ଧନୀରୁ ଗରିବ ହୋଇଯାଉଛନ୍ତି । ପୁଣି କାହିଁକି କହିପାରିବା ଯେ ଏପର୍ଯ୍ୟନ୍ତ ପୃଥିବୀରେ ଇଶ୍ୱରଙ୍କ ରାଜତ୍ୱ ନାହିଁ । ଆକାଶରେ ତ କେବଳ ଫରିସ୍ତା ରହୁଛନ୍ତି କିନ୍ତୁ ପୃଥିବୀପୃଷ୍ଠରେ ମୁନୁଷ୍ୟ ବି ରହୁଛନ୍ତି ଓ ଫରିସ୍ତା ମଧ ରହୁଛନ୍ତି, ଯେଉଁମାନେ ଇଶ୍ୱରଙ୍କ କର୍ମୀ ଓ ତା ସାମ୍ରାଜ୍ୟର ସେବକ ଅଟନ୍ତି । ଯେଉଁମାନଙ୍କୁ ମନୁଷ୍ୟଙ୍କ ବିଭିନ୍ନ କାର୍ଯ୍ୟ କରିବା ପାଇଁ ନିୟୋଜିତ କରାଯାଇଛି ଏବଂ ସେମାନେ ସବୁବେଳେ ଇଶ୍ୱରଙ୍କ ଇତାଅତ୍ (ଆଜ୍ଞାପାଳନ) କରିଥାନ୍ତି ଓ ନିଜର ରିପୋର୍ଟ୍ ଗୁଡିକୁ ପ୍ରେରଣ କରିଥାନ୍ତି । ତେଣୁ କାହିଁକି କହିପାରିବା ଯେ ଏ ପୃଥିବୀରେ ଇଶ୍ୱରଙ୍କ ରାଜତ୍ୱ ନାହିଁ । ବରଂ ଇଶ୍ୱର ସବୁଠାରୁ ଅଧିକା ନିଜର ପୃଥିବୀୟ ରାଜତ୍ୱ ଦ୍ୱାରା ଚିହ୍ନିତ ହୋଇଛନ୍ତି କାରଣ ପ୍ରତ୍ୟେକ ବ୍ୟକ୍ତି ଏହା ଭାବିଥାଏ କି ଆକାଶର ରହସ୍ୟ ହେଉଛି ଗୁପ୍ତ ଓ ଅଦୃଶ୍ୟ ବରଂ ବର୍ତମାନ ସମୟରେ ଉଣାଅଧିକେ ସମସ୍ତ ଇସାଇ ଓ ସେମାନଙ୍କର ଫିଲୋସଫର୍‌ମାନେ ଆକାଶର ଅସ୍ତିତ୍ୱକୁ ସ୍ୱୀକାର କରୁନାହାଁନ୍ତି, ଯାହା ଉପରେ ଇଶ୍ୱରଙ୍କ ରାଜତ୍ୱ କରିବାର ଆଧାର ଇଞ୍ଜିଲ୍‌ରେ କୁହାଯାଇଛି । କିନ୍ତୁ ପୃଥିବୀ ତ ବର୍ତମାନ ଗୋଟିଏ ଭୁଖଣ୍ଡ ଯାହା ଆମ ପାଦତଳେ ରହିଛି ଓ ହଜାର ହଜାର କଜା ଓ କଦର୍ (ଇଶ୍ୱରୀୟ ନିର୍ଣ୍ଣୟ) ସେଥିରେ ଏପରି ପ୍ରକାଶ ହେଉଅଛି ଯାହା ନିଜେ ବୁଝା ପଡୁଛି କି ଏହା ସବୁକିଛି ପରିବର୍ତନୀୟ ଏବଂ ସମସ୍ତ ଉତ୍ପତି ଏବଂ ବିନାଶ କୌଣସି ଏକ ଖାସ୍ ମାଲିକଙ୍କ ନିର୍ଦ୍ଦେଶ ମୁତାବକ ହେଉଅଛି । ପୁଣି କାହିଁକି କୁହାଯିବ କି ଏ ପୃଥିବୀରେ ଏପର୍ଯ୍ୟନ୍ତ ଇଶ୍ୱରଙ୍କ ରାଜତ୍ୱ ଆସିନାହିଁ । ବରଂ ଏପରି ଶିକ୍ଷା ଏ ଯୁଗରେ, ଯେବେକି ଇସାଇମାନେ ବହୁତ ଜୋର୍ ଦେଇ ଆକାଶର ଅସ୍ୱୀକାର କରିଛନ୍ତି, ତାହା ଅତ୍ୟନ୍ତ ଅନୁପଯୁକ୍ତ । କାରଣ ଇଞ୍ଜିଲ୍‌ର ଉକ୍ତ ଦୁଆ (ପ୍ରାର୍ଥନା)ଟି ଗ୍ରହଣୀୟ ହୋଇଛି ଯେ ଏବେ ଯାଏ ପୃଥିବୀରେ ଇଶ୍ୱରଙ୍କ ସାମ୍ରାଜ୍ୟ ନାହିଁ ବୋଲି ଓ ଅନ୍ୟପଟେ ଇସାଇମାନଙ୍କର ସମସ୍ତ ବିଶେଷଜ୍ଞଗଣ ସହୃଦୟତାର ସହିତ ଏକଥାକୁ ସ୍ୱୀକାର କରିଛନ୍ତି ଅର୍ଥାତ୍ ନିଜର ନୂତନ ଗବେଷଣା ଦ୍ୱାରା ଏ ଫଇସଲା କରିସାରିଛନ୍ତି କି ଆକାଶ କୌଣସି ବସ୍ତୁ ନୁହେଁ (ଅର୍ଥାତ୍) ତାର କୌଣସି ଅସ୍ତିତ୍ୱ ନାହିଁ । ସୁତରାଂ ଏହା ପ୍ରମାଣିତ ହେଲା କି ଇଶ୍ୱରଙ୍କ ସାମ୍ରାଜ୍ୟ ନା ତ ପୃଥିବୀରେ ଅଛି ନା ଆକାଶରେ । ଆକାଶକୁ ତ ଇସାଇମାନେ ଅସ୍ୱୀକାର କଲେ ଓ ପୃଥିବୀର ରାଜତ୍ୱକୁ ତାଙ୍କ ଇଞ୍ଜିଲ୍ ଇଶ୍ୱରଙ୍କୁ ଉତର ଦେଇସାରିଛି । ତେବେ ବର୍ତମାନ୍ ତାଙ୍କ କଥାନୁସାରେ ଇଶ୍ୱରଙ୍କ ନିକଟରେ ନା ତ ପୃଥିବୀର ସାମ୍ରାଜ୍ୟ ଅଛି ନା ଆକାଶର ସାମ୍ରାଜ୍ୟ ରହିଛି । ଆମ ମହାନ୍ ଇଶ୍ୱର ସୁରଃ ଫାତିହାରେ ନା ଆକାଶର ନାମ ନେଇଛନ୍ତି ନା ପୃଥିବୀର ନାମ । ଏବଂ ଏହା କୁହାଯାଇ ବାସ୍ତବିକତା ବିଷୟରେ ଆମ୍‌କୁ ଖବର ଦେଇଛନ୍ତି କି ସେ ହେଉଛନ୍ତି ରବ୍‌ବୁଲ୍ ଆଲମିନ୍ । ଅର୍ଥାତ୍ ଯେଉଁଠାରେ ମଧ ଜନସଂଖ୍ୟା* ରହିଛନ୍ତି ଓ ଯେଉଁ ପର୍ଯ୍ୟନ୍ତ କୌଣସି ପ୍ରକାର ସୃଷ୍ଟଜଙ୍କ ଅସ୍ତିତ୍ୱ ଅବସ୍ଥିତ ଅଛି ତାହା ଆଧାତ୍ମିକ ହେଉ ବା ଶାରିରୀକ ସେ ସମସ୍ତଙ୍କର ସୃଷ୍ଟିକର୍ତା ଓ ପାଳନକର୍ତା ହେଉଛନ୍ତି ଇଶ୍ୱର, ଯିଏ ପ୍ରତ୍ୟେକ ସମୟରେ ସେମାନଙ୍କ ଲାଳନପାଳନ କରିଥାନ୍ତି ଓ ସେମାନଙ୍କ ଅନୁକୂଳ ଅବସ୍ଥାର ବ୍ୟବସ୍ଥା କରିଥାନ୍ତି ଓ ସମସ୍ତ ବ୍ରହ୍ମାଣ୍ଡ ଉପରେ ଅହରହ ଓ ପ୍ରତିକ୍ଷଣ ତାର ସିଲ୍‌ସିଲା ରବୁବିୟତ୍ (ଲାଳନପାଳନ କରିବାର ସିଲ୍‌ସିଲା), ରହ୍‌ମାନିୟତ୍, ରହିମିୟତ୍ ଏବଂ ପୁରସ୍କାର ଓ ଦଣ୍ଡଦେବାର ବ୍ୟବସ୍ଥା ଜାରି ରହିଛି । ଏବଂ ମନେରଖ କି ସୁରଃ ଫାତେହାରେ ଯେଉଁ *ମାଲେକେ ୟୋମିଦ୍ଦିନ୍* ବାକ୍ୟଟି ଅଛି ତାହାର ଅର୍ଥ ଏହା ନୁହେଁ କି କୟାମତ୍ ଦିନ ପୁରସ୍କାର ଓ ଦଣ୍ଡମିଳିବ ବରଂ ପବିତ୍ର କୋରାନ୍‌ରେ ବାରମ୍ବାର ଓ ସ୍ୱଷ୍ଟ ରୂପେ ଏହା ବର୍ଣ୍ଣନା କରାଯାଇଛି କୟାମତ୍ ଏକ ମହାପ୍ରଳୟର ସମୟ କିନ୍ତୁ ଏହି ପ୍ରକାରର ପ୍ରଳୟ ଏହି ସଂସାରରେ ଆରମ୍ଭ ହୋଇଯାଏ ଯାହାପ୍ରତି ଆୟତ *ୟଜ୍ ଅଲ୍‌ଲକୁମ୍ ଫୁର୍‌କାନା* (ଅନ୍‌ଫାଲ୍:୩୦)ଇସାରା କରୁଅଛି । ଏବେ ଏକଥା ମଧ ଶୁଣିରଖ ଇଞ୍ଜିଲ୍‌ର ଦୁଆ (ପ୍ରାର୍ଥନା)ରେ ତ ପ୍ରତ୍ୟେକ ଦିନ ରୁଟି ମଗାଯାଇଛି । ଯେପରିକି ସେଥିରେ କୁହାଯାଇଛି ଯେ ''ଆମକୁ ଆମର ପ୍ରତ୍ୟେକ ଦିନର ରୋଟି ପ୍ରତ୍ୟେକ ଦିନ ହିଁ ଦିଅ ।'' କିନ୍ତୁ ବଡ ଆଶ୍ଚର୍ଯ୍ୟର କଥା ଯାହାଙ୍କ ରାଜତ୍ୱ ଏପର୍ଯ୍ୟନ୍ତ ପୃଥିବୀ ପୃଷ୍ଠକୁ ଆସିନାହିଁ ସେ କିପରି ରୁଟି ଦେଇପାରେ । ଏପର୍ଯ୍ୟନ୍ତ ସମସ୍ତ କ୍ଷେତ ଓ ସମସ୍ତ ଫଳ ତା ନିର୍ଦ୍ଦେଶାନୁସାରେ ନାହିଁ । ବରଂ ସେ ସବୁ ନିଜକୁ ନିଜେ ହୋଇଛନ୍ତି ଓ ବର୍ଷା ନିଜେ ହେଉଅଛି । (ତେଣୁ) ତାର କି ଅଧିକାର ଅଛି କି ସେ କାହାକୁ ରୁଟି ଦେବ । ଯେବେ (ତା) ରାଜତ୍ୱ ପୃଥିବୀରେ ଆସିଯିବ ତେବେ ତାଠାରୁ ରୁଟି ମାଗିବା ଉଚିତ୍ । ଏବେ ତ ସେ ପୃଥିବୀର ସମସ୍ତ ଜିନିଷଠାରୁ ବେଦଖଲ୍ ଅଛି । ଯେବେ ସେ ଉକ୍ତ ସମ୍ପତି ଉପରେ ସମ୍ପୂର୍ଣ୍ଣ ରୂପେ କବ୍‌ଜା କରିବ ତେବେ ଯାଇ କାହାକୁ ରୋଟି ଦେଇପାରିବ ଏବଂ ବର୍ତମାନ ତା ଠାରୁ ମାଗିବା ମଧ ଅଶୋଭନୀୟ ଓ ପୁଣି ଏହାପରେ ଏକଥା କୁହାଯାଇଛି କି ଯେଉଁଭଳି ଆମେ ନିଜର କରଜଦାର୍ (ଯାହାକୁ କରଜ ଦିଆଯାଇଛି)ଙ୍କୁ କ୍ଷମା ଦେଉଅଛୁ, ତୁମେ ମଧ ନିଜର କରଜକୁ ଆମପାଇଁ କ୍ଷମା କରିଦିଅ । ଏପରି ଅବସ୍ଥାରେ ଏହା ମଧ ଠିକ୍ ନୁହେଁ କାରଣ ପୃଥିବୀ ପୃଷ୍ଠରେ ଏପର୍ଯ୍ୟନ୍ତ ତାକୁ ରାଜତ୍ୱ ହାସଲ ହୋଇନାହିଁ ଏବଂ ଇସାଇମାନେ ଏପର୍ଯ୍ୟନ୍ତ କିଛି ତା ହାତରୁ ନେଇ ଖାଇନାହାଁନ୍ତି । ତେବେ ପୁଣି କି ପ୍ରକାର କରଜ । ସୁତରାଂ ଏପରି ଶୂନ୍ୟ ହସ୍ତଥିବା ଇଶ୍ୱରଙ୍କ ଠାରୁ କରଜ କ୍ଷମା କରାଇବାର କିଛି ଆବଶ୍ୟକ ନାହିଁ ଓ ନା ତାକୁ କିଛି ଭୟ କରିବାର ଅଛି କାରଣ ପୃଥିବୀରେ ଏପର୍ଯ୍ୟନ୍ତ ତାର ରାଜତ୍ୱ ନାହିଁ ଓ ନା ତାର ହୁକୁମତ୍‌ର ଚାବୁକ କୌଣସି ପ୍ରକାର ରୋବ (ପ୍ରଭାବ) ପକାଇ ପାରିବ । (ତେଣୁ) ତାର କି ସାହସ ଯେ ସେ କାହାକୁ ଦଣ୍ଡଦେଇପାରିବ ବା ମୁସା ଆ:ସଙ୍କ ଯୁଗର ଅମାନ୍ୟକାରୀ ଜାତିଙ୍କୁ ତାଉନ୍ ଦ୍ୱାରା ନିଃଶେଷ କରିପାରିବ ବା କୌମେ ଲୁତ (ଲୁତ୍‌ର ଜାତି) ଙ୍କ ଉପରେ ପଥର ବର୍ଷା ବା ଭୂମିକମ୍ପ ବା ବିଜୁଳି ବା ଅନ୍ୟ କୌଣସି ଦଣ୍ଡଦ୍ୱାରା ଅମାନ୍ୟକାରୀମାନଙ୍କୁ ନିଃଶେଷ କରିପାରିବ । କାରଣ ଏପର୍ଯ୍ୟନ୍ତ ଇଶ୍ୱରଙ୍କ ରାଜତ୍ୱ ପୃଥିବୀରେ ଆସିନାହିଁ । ତେଣୁ ଯେହେତୁ ଇସାଇମାନଙ୍କ ଇଶ୍ୱର ଏପରି ଦୁର୍ବଳ ଯେପରି ତା ପୁତ୍ର ଦୁର୍ବଳ ଥିଲା । ଏପରି ବେଦଖଲ୍ ଯେପରି ତାର ପୁତ୍ର ବେଦଖଲ୍ ଥିଲା । ତେବେ ପୁଣି ତା ଠାରୁ ଏପରି ଦୁଆ (ପ୍ରାର୍ଥନା ମାଗିବା ନିରର୍ଥକ କି ଆମ କଜରକୁ କ୍ଷମା କରିଦିଅ । ସେ କେବେ କରଜ ଦେଇଥିଲା ଯେ କ୍ଷମା କରିବ । କାରଣ ଏପର୍ଯ୍ୟନ୍ତ ପୃଥିବୀରେ ତାର ରାଜତ୍ୱ ନାହିଁ । ଯେବେ ପୃଥିବୀରେ ତାର ରାଜତ୍ୱ ନାହିଁ ତେବେ ପୃଥିବୀର ପ୍ରସ୍ଫୁଟନ ତା ନିର୍ଦ୍ଦେଶରେ ହେଉନାହିଁ ଏବଂ ପାର୍ଥିବ ବସ୍ତୁଗୁଡିକ ତାର ନୁହେଁ । ବରଂ (ସେଗୁଡିକ) ସ୍ୱତଃପ୍ରୃତ ଭାବେ (ସୃଷ୍ଟି) ହୋଇଛନ୍ତି । କାରଣ ତାର ହୁକୁମ୍ (ନିର୍ଦ୍ଦେଶ) ପୃଥିବୀ ପୃଷ୍ଠରେ ଲାଗୁ ହୋଇନାହିଁ । ଏବଂ ଯେହେତୁ ପୃଥିବୀରେ ସେ ମାଲିକ ଓ ସମ୍ରାଟ ନୁହେଁ ଓ ପୃଥିବୀର କୌଣସି ବସ୍ତୁ ତା ରାଜକୀୟ ନିର୍ଦ୍ଦେଶ ଦ୍ୱାରା (ପରିଚାଳିତ) ନୁହେଁ ତେବେ ତାକୁ ନା ତ ଦଣ୍ଡଦେବାର ଅଧିକାର ରହିଛି ନା କୌଣସି ହକ୍ ଅଛି । ସୁତରାଂ ନିଜର ଏପରି ଦୁର୍ବଳ ଇଶ୍ୱର ବନାଇବା ଓ ପୃଥିବୀରେ ରହି ତା ଠାରୁ କୌଣସି ପ୍ରକାରର ଆଶା ରଖିବା ହେଉଛି ମୁର୍ଖତା କାରଣ ଏବେ ତାର ରାଜତ୍ୱ ପୃଥିବୀ ପୃଷ୍ଠରେ ନାହିଁ । (କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୪୦-୪୩)

*ଦେଖ ଏହି ଶବ୍ଦ ରବ୍‌ବୁଲା ଆଲମିନ୍ କେଡେ ସ୍ୱୟଂସମ୍ପୂର୍ଣ୍ଣ କଲେମା (ବାକ୍ୟ) । ଯଦି (କେବେ) ପ୍ରମାଣିତ ହୁଏ କି ଗ୍ରହ ନକ୍ଷତ୍ର ଗୁଡିକରେ ଜନସଂଖ୍ୟା ଅଛନ୍ତି ବୋଲି ତେବେ ମଧ ସେହି ଜନସଂଖ୍ୟା ଏହି କଲେମା ଅନ୍ତର୍ଗତ ଆସିବେ । ମିନ୍‌ହୁ ।

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ...

ସବୁ ମାର୍ଗକୁ ଖୋଜିପାରିବା ଯାହା ଉପରେ ପରିଚାଳିତ ହୋଇ ଆମେ ଜଣେ ଅନ୍ୟଜଣଙ୍କ ନିମନ୍ତେ ଭଲ କାର୍ଯ୍ୟ କରିବା ପାଇଁ ଏକତ୍ରିତ ହୋଇପାରିବା । ଆମକୁ ଜମାତ୍ ଅହେମଦୀୟା ସହିତ ମିଶି ଏହି ଶାନ୍ତିପ୍ରିୟ ମାର୍ଗ ଉପରେ ଚାଲିବା ଉଚିତ୍ ହେବ ଯାହାର ଆବଶ୍ୟକତା ଆଜି ସଂସାରକୁ ରହିଛି । ଏହି ଉତ୍ସବରେ ମୋତେ ସାମିଲ୍ ହେବା ପାଇଁ ମୌକା ଦେଇଥିବାରୁ ମୁଁ ବହୁତ କୃତଜ୍ଞ ।

ଏହି ଉତ୍ସବରେ Montenegro ରୁ ମଧ୍ୟ ତିନିଜଣ ସଦସ୍ୟ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ସାମିଲ୍ ହୋଇଥିଲା । ସେମାନଙ୍କ ମଧ୍ୟରୁ ଜଣେ ମେମ୍ବର୍ ଅଫ ନ୍ୟାସ୍ନାଲ୍ ପାର୍ଲିଆମେଂଟ୍ Mr. Dritan Abazovic ସାହେବ୍ ମଧ୍ୟ ଥିଲେ । ସେ କହିଲେ କି ଏହି ଉତ୍ସବଟି ଜମାତ୍ ଅହେମଦୀୟା ନିମନ୍ତେ ବହୁତ ବଡ ସଫଳତା । କାରଣ ଜମାତ୍ ଅହେମଦୀୟାର ବିଶ୍ୱବ୍ୟାପୀ ମୁଖିଆ ଏବଂ ଖଲିଫା ଇସ୍ଲାମ୍‌ର ପ୍ରକୃତ ଶିକ୍ଷାକୁ ଅତ୍ୟନ୍ତ ଉଚ୍ଚ ସ୍ତରରେ ଉପସ୍ଥାପନ କରିଛନ୍ତି । ହଲାଣ୍ଡ ପାର୍ଲିଆମେଂଟ୍ ମେମ୍ବର୍ ମାନଙ୍କ ପ୍ରଶ୍ନଗୁଡିକ ଅତ୍ୟନ୍ତ ଆକ୍ରମଣାତ୍ମକ ଥିଲା । କିନ୍ତୁ ହଜୁର୍ ଅନ୍ୱୱର୍‌ଙ୍କ ଉତର ଗୁଡିକ ଅତ୍ୟନ୍ତ ଯୁକ୍ତିଯୁକ୍ତ ଓ ବାସ୍ତବିକତା ଉପରେ ଆଧାରିତ ଥିଲା ଏଥିରୁ ହଜୁର୍ ଅନ୍ୱୱର୍‌ଙ୍କ ସାହସ ଓ ଆତ୍ମବିଶ୍ୱାସ ସ୍ପଷ୍ଟ ହେଉଥିଲା । ସେ ପୁଣି କହିଲେ କି ଆଜିକାର ଏହି ବିପଦପୂର୍ଣ୍ଣ ପୃଥିବୀରେ ଏହିଭଳି ଉତ୍ସବର ଅତ୍ୟନ୍ତ ଆବଶ୍ୟକତା ରହିଛି ।

ହଲାଣ୍ଡରେ ହୋଇଥିବା ପ୍ରୋଗ୍ରାମ୍‌ରେ ସୁଇଜରଲାଣ୍ଡରୁ Bishop Dr. Amen Howard ସାହେବ ମଧ୍ୟ ସାମିଲ୍ ହୋଇଥିଲେ । ସେ Sanctuary Praise International Church Geneva ର Bishop ଅଟନ୍ତି । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି- ମୁଁ ମୋ ଦୃଷ୍ଟିକୋଣରୁ ଏହା ନିଶ୍ଚିତ ଯେ ସାଧାରଣତଃ ଏହି କନ୍‌ଫରେନ୍‌ସଟି ସଫଳ ହୋଇଛି ଅର୍ଥାତ୍ ବ୍ୟବସ୍ଥାକାରୀମାନେ ବହୁତ ସୁନ୍ଦର ବ୍ୟବସ୍ଥା କରିଥିଲେ ଓ ହଜରତ୍ ମହାମହିମ ପ୍ରଶ୍ନଗୁଡିକର ଉତର ବହୁତ ଦୃଢ଼ତାର ସହିତ ପ୍ରଦାନ କଲେ । କଷ୍ଟଦାୟକ ପ୍ରଶ୍ନର ଉତର ଦେବାରେ ଆପଣ କେତେ ମାହିର୍ ଏଥିରୁ ଜଣାପଡୁଥିଲା । ଅର୍ଥାତ୍ ଆପଣ ରାଜନୈତିଜ୍ଞ ବ୍ୟକ୍ତି ବିଶେଷଙ୍କ ପ୍ରଶ୍ନଗୁଡିକୁ ବହୁତ ଧୈର୍ଯ୍ୟର ସହିତ ସୁନ୍ଦର ଓ ସଠିକ୍ ଉତର ପ୍ରଦାନ କରୁଥିଲେ । ହଜରତ୍ ମହାମହିମଙ୍କ ଉତର ଗୁଡିକ ଯେଉଁଭଳି ଶାନ୍ତିପୂର୍ଣ୍ଣ ଭାବେ ଦିଆଗଲା ତାହା ବହୁତ ପ୍ରଶଂସନୀୟ ।

ମୁଁ ଏ ବିଶ୍ୱାସ ରଖିଛି କି ଆପଣ ହେଉଛନ୍ତି ବାସ୍ତବରେ ଶାନ୍ତିର ଦୂତ ଓ ମୁଁ ଏହା ଚାହୁଁଛି କି ସମସ୍ତ ମୁସଲମାନ୍‌ମାନେ ଆନ୍ତର୍ଜାତୀୟ ସ୍ତରରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଥିବା ପ୍ରଚେଷ୍ଟାରେ ଆପଣଙ୍କ ସହିତ ମିଶିଯାଆନ୍ତୁ ।

ଜର୍ମାନୀର ସହର ଆଖନ୍ ରୁ Renate Muller Drehsen ସାହେବ୍ ଯିଏ ହେଉଛନ୍ତି ଜଣେ ଆର୍ଟିଷ୍ଟ ଓ ପାର୍ଟ ଟାଇମ୍ ଟିଚର୍ ରୂପେ ମଧ୍ୟ କାର୍ଯ୍ୟ କରୁଛନ୍ତି, ସେ ମଧ୍ୟ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇଥଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ଏହି ଫଙ୍କସନ୍‌ଟି ଶାନ୍ତି ଓ ପ୍ରେମର ବାର୍ତା ଦେଉଥିଲା । ମୋର ଏ ବିଷୟରେ ଯେଉଁ ଧାରଣା ଅଛି ତାହା ହେଉଛି ଖଲିଫା ଶାନ୍ତିର ବାତାବରଣକୁ ସ୍ଥାପନ କରିବାକୁ ଚାହୁଁଛନ୍ତି । ଖଲିଫାଙ୍କର ଏହି ଅଭିଭାଷଣରୁ ଯେଉଁ କଥା ମୁଁ ଜାଣିବାକୁ ପାଇଲି ତାହା ହେଉଛି ଖଲିଫା ବହୁତ ଜୀବନ୍ତ କଥା କହୁଛନ୍ତି ଓ ଖଲିଫାଙ୍କର ଦୃଷ୍ଟିକୋଣର ଚିନ୍ତାଧାରା ବହୁ ବ୍ୟାପକ ।

ଆଖ୍‌ନ୍ ସହରର ଡେମୋକ୍ରାଟିକ୍ ପାର୍ଟିର ମେମ୍ବର୍ Herr Lother Lippert ସାହେବ୍ କହିଲେ ଖଲିଫାଙ୍କର ଅଭିଭାଷଣ ବହୁତ ସୁନ୍ଦର ଥିଲା । ସେ ଆମ ଚିନ୍ତାଧାରାକୁ ଏକ ନୂତନ ଦିଗ ପ୍ରଦାନ କରିଛନ୍ତି ।

ଜର୍ମାନୀରୁ Frau Alla Ktanski ସାହେବ୍ ଯିଏ ହେଉଛନ୍ତି USAS SPD ର ଚେୟାର୍‌ମ୍ୟାନ୍, ସେ ମଧ୍ୟ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ କି ହଜୁର୍‌ଙ୍କ ଅସ୍ତିତ୍ୱରେ ଏକ ଆକର୍ଷଣ ରହିଛି । ଆପଣଙ୍କୁ ଦେଖି ଏପରି ଅନୁଭବ ହେଉଛି ଯେପରି ଜଣେ ବହୁତ ବଡ ବିନମ୍ର ବ୍ୟକ୍ତି ବିଶେଷ । ଆପଣଙ୍କର କହିବା ଶୈଳୀ ବହୁତ ନମ୍ର । ଖଲିଫାଙ୍କ ସମ୍ମୁଖରେ ଛିଡ଼ା ହେବା ଏକ ଅଜବ ଅନୁଭବ ଥିଲା । ଏହା ମୋ ପାଇଁ ବହୁତ ବଡ଼ ସମ୍ମାନର ବିଷୟ ଥିଲା କି ଖଲିଫା ମୋ ପାଇଁ ସମୟ ବାହାର କଲେ ଓ ମୋ ବିଷୟ ପଚାରି ବୁଝିଲେ । ରାଜନୈତିଜ୍ଞମାନଙ୍କ ପ୍ରଶ୍ନର ଉତର ଗୁଡିକୁ ଖଲିଫା ବହୁତ ଧୈର୍ଯ୍ୟର ସହିତ ପ୍ରଦାନ କଲେ । ସେହି ଉତର ସବୁ ଅତ୍ୟନ୍ତ ପ୍ରମାଣପୂର୍ଣ୍ଣ ଓ ସଠିକ୍ ଥିଲା ।

ଏହି ପ୍ରୋଗ୍ରାମ୍‌ରେ ଆଉଜଣେ ଅତିଥି Lolitta ଏବଂ ତାଙ୍କ ଝିଅ Mareike Bucken ମଧ୍ୟ ସାମିଲ୍ ହୋଇଥିଲେ । Lolitta ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି- ମୋର ଝିଅ Mareike Bucken ଓ ମୁଁ ଖଲିଫାଙ୍କ ସମ୍ମୁଖରେ ଛିଡ଼ା ହେବା ଓ ତାଙ୍କୁ ସଲାମ୍ କହିବା ମନକୁ ଦୋହଲାଇ ଦେଇଥିବା ଅନୁଭବ ଥିଲା । ଆମେ ପୂର୍ବରୁ ମଧ୍ୟ ଆପଣଙ୍କୁ ଦେଖିସାରିଛୁ କିନ୍ତୁ ଏତେ ନିକଟରୁ ଆଜି ପ୍ରଥମଥର ଦେଖୁଅଛୁ । ଆପଣଙ୍କର ଦର୍ଶନ ଆମ ଦୁଇଜଣଙ୍କ ପାଇଁ ଆତ୍ମସନ୍ତୋଷର କାରଣ ଥିଲା । ଏହିଭଳି ଅବସରରେ ସାମିଲ୍ ହେବା ସର୍ବଦା ମନମୁଗ୍ଧକର ହୋଇଥାଏ ଓ ଏହିଭଳି ଫଙ୍କସନ୍‌ରେ ସାମିଲ୍ ହେବା ଦ୍ୱାରା ମୋତେ ବହୁ ମାତ୍ରାରେ ଖୁସି ଅନୁଭବ ହୋଇଥାଏ । ମୋ ଝିଅ କହୁଛି କି ଖଲିଫା ଯେତେବେଳେ ହଲ୍ ଭିତରେ ପଦାର୍ପଣ କଲେ ସେତେବେଳେ ପରିବେଶଟି ସମ୍ପୂର୍ଣ୍ଣ ରୂପେ ବଦଳିଗଲା । ଖଲିଫାଙ୍କ ଅସ୍ତିତ୍ୱରେ ଏକ ବିଶେଷ ପ୍ରକାରର ଆକର୍ଷଣ ରହିଛି । ଏହାକୁ ମୁଁ ନିଜେ ମଧ୍ୟ ଅନୁଭବ କରିଛି । ଏହି ଅନୁଭବକୁ ମୁଁ କଦାପି ଭୁଲିପାରିବି ନାହିଁ ।

କ୍ରୋଏସିଆ ଦେଶରୁ ସରକାରରେ ଥିବା ସୋସିଆଲ୍ ଡେମୋକ୍ରାଟିକ୍ ପାର୍ଟିର ଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Pand Ek Drazenko ସାହେବ୍ ଡଚ୍ ପାର୍ଲିଆମେଂଟ୍‌ର ଉତ୍ସବରେ ଯୋଗଦେବା ପାଇଁ ଆସିଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ-

ଖଲିଫତୁଲ୍ ମସିହ୍ ଇସ୍ଲାମୀୟ ଶିକ୍ଷାଗୁଡିକୁ ବହୁତ ସ୍ପଷ୍ଟରୂପେ ଓ ପ୍ରଭାବଶାଳୀ ଢ଼ଙ୍ଗରେ ବର୍ଣ୍ଣନା କଲେ । ଦୁନିଆରେ ଶାନ୍ତି ସ୍ଥାପନ କରିବା ନିମନ୍ତେ ଇସ୍ଲାମୀୟ ଶିକ୍ଷକ ବହୁତ ପ୍ରଭାବୀ । ଯଦି ସମସ୍ତ ମୁସଲମାନ୍ ଏହି ଶିକ୍ଷାଗୁଡିକ ଉପରେ ସହୃଦୟତାର ସହିତ ପରିଚାଳିତ ହେବେ ତେବେ ଏ ସଂସାର ଶାନ୍ତିର ସ୍ତୁପ ହୋଇଯିବ ।

Freedom of expression (ବାକ୍ ସ୍ୱାଧୀନତା) ସମ୍ବନ୍ଧରେ ଜମାତ୍ ଅହେମଦୀୟାର ସର୍ବୋଚ୍ଚ ନେତା ଯେଉଁ ସିଧାସଳଖ ଚିନ୍ତାଧାରା ପ୍ରଦାନ କରିଛନ୍ତି ତାହା ବହୁତ ପ୍ରଭାବଶାଳୀ ଥିଲା । ବିଶେଷ ରୂପେ Hollocoste ସମ୍ବନ୍ଧରେ କିଛି ଦେଶଗୁଡିକରେ ଯେଉଁ ପ୍ରତିବନ୍ଧକ ରହିଛି ସେ ସମ୍ବନ୍ଧରେ ତାଙ୍କ ଚିନ୍ତାଧାରା ଆହୁରି ଅଧିକା ମଜବୁତ୍ ପ୍ରଦାନ କରିଛି ।

ପାକିସ୍ତାନ୍‌ରେ ଅହେମଦୀ ମାନଙ୍କ ଉପରେ ଅତ୍ୟାଚାର ହେଉଅଛି । ଏହି ବାସ୍ତବିକତା ସତ୍ତ୍ୱେ ମଧ୍ୟ ଜମାତ୍ ଅହେମଦୀୟାର ସର୍ବୋଚ୍ଚ ନେତା ପାକିସ୍ତାନ୍ ଉପରେ ସିଧାସଳଖ ସମାଲୋଚନା କରିବାରୁ ନିବୃତ ରହିଲେ ଏବଂ ବହୁତ ସୁନ୍ଦର ଶୈଳୀରେ ବାସ୍ତବିକ ଇସ୍ଲାମୀୟ ଶିକ୍ଷା ଉପରେ ମୁସଲମାନ୍ ମାନଙ୍କୁ ପରିଚାଳିତ ହେବପାଇଁ ପ୍ରୋତ୍ସାହିତ କଲେ ଯାହା ଅତ୍ୟନ୍ତ ପ୍ରଭାବଶାଳୀ ଥିଲା ।

ଜମାତ୍ ଅହେମଦୀୟାର ମୁଖିଆ ସନ୍ତ୍ରାସବାଦୀ ମାନଙ୍କୁ ଯୋଗାଇ ଦିଆଯାଉଥିବା ଅସ୍ତ୍ରଶସ୍ତ୍ର ଗୁଡିକ ଉପରେ ପ୍ରତିବନ୍ଧକ ଲଗାଇବା ଓ ସେମାନଙ୍କ ଫଣ୍ଡିଂକୁ ରୋକିବା ପାଇଁ ଯେଉଁ ଚିନ୍ତାଧାରା ପ୍ରଦାନ କରିଛନ୍ତି ତାହା ବହୁତ ବାସ୍ତବିକ୍ ଥିଲା । ବାସ୍ତବରେ ଯଦି ପୃଥିବୀର ଶକ୍ତିଶାଳୀ ରାଷ୍ଟ୍ରଗୁଡିକ ଏହି ପଂଏଟ୍ ଉପରେ ଗମ୍ଭୀରତାର ସହିତ ଓ ଦିଆନତ୍‌ଦାରୀ ସହିତ ଅମଳ କରିବେ ତ ଏ ପୃଥିବୀ ଶାନ୍ତି ଆଡକୁ ଫେରି ଆସିବ ।

ସ୍ୱିଡେନ୍‌ର ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Mr. Bengt Eliasson ମଧ୍ୟ ଏହି ଉତ୍ସବରେ ଯୋଗଦେବା ପାଇଁ ଆସିଥିଲେ । ସେ ନିଜର ମନୋଭାବ ବ୍ୟକ୍ତ କରି କହିଲେ:- ମୋତେ ହଜୁର୍ ଅନ୍ୱୱର୍‌ଙ୍କର ଅଭିଭାଷଣଟି ବହୁତ ପ୍ରଭାବିତ କରିଛି । ହଜୁର୍ ଅନ୍ୱୱର୍ ଜଣେ ଧର୍ମୀୟ ନେତା ହିସାବରେ ଏ ଦୁନିଆର ପ୍ରଭାବଶାଳୀ ଲୋକମାନଙ୍କୁ ଖୁବ୍ ତାଗିଦ୍ କରିଛନ୍ତି । ହଜୁର୍ ଅନ୍ୱୱର୍‌ଙ୍କ ଅଭିଭାଷଣରେ କେବଳ ସତ୍ୟତା ହିଁ ସତ୍ୟତା ଥିଲା । କୌଣସି ପ୍ରକାରର ଇଂଟରପ୍ରିଟିସନ୍ ନଥିଲା । ଶାନ୍ତି, ନ୍ୟାୟ, ଧୈର୍ଯ୍ୟ, ସହିଷ୍ଣୁତା, ମାନବିକତା, ପ୍ରେମ ଏବଂ ଭାଇଚାରା ସହିତ ସମ୍ପର୍କୀୟ ବାର୍ତାକୁ ହଜୁର୍ ଅନ୍ୱୱର୍ ଅ:ବ:ଅ ବହୁତ ସହଜ ଭାଷାରେ ବୁଝାଇଦେଲେ ।

ଫରେନ୍ ଆଫାୟାରସ୍ କମିଟିର ସଦସ୍ୟମାନଙ୍କ ତରଫରୁ ସ୍ୱାଧୀନତା ପ୍ରକାଶ କରିବା ସମ୍ବନ୍ଧୀୟ ପ୍ରଶ୍ନଗୁଡିକର ଉତର ହଜୁର୍ ଅନ୍ୱୱର୍ ଅ:ବ:ଅ ବହୁତ ଯୁକ୍ତିଯୁକ୍ତ ଓ ବୁଦ୍ଧିମତାର ସହିତ ପ୍ରଦାନ କଲେ । ୟୁହୁଦୀମାନଙ୍କର ରିଫରେନ୍‌ସ୍ ଦେବାରେ ମଧ୍ୟ ସେମାନେ ହଜୁର୍‌ଙ୍କ ଇଙ୍ଗିତକୁ ବୁଝିପାରିଲେ ନାହିଁ ଯେବେ କି ଆମ ଦେଶ ସ୍ୱିଡେନ୍‌ରେ ୟୁହୁଦୀଙ୍କ ବୀଜରୋପଣ କରିବା କାନୁନ ରୂପେ ମନା ଅଛି ଓ ରୋପଣ କରିବାରେ ଦଣ୍ଡ ଓ ଜୋରିମନା ମଧ୍ୟ ରହିଛି । ହଜୁର୍ ଅନ୍ୱୱର୍‌ଙ୍କ ଉତର ଗୁଡିକ ଅତ୍ୟନ୍ତ ତଥ୍ୟସମ୍ପନ୍ନ ଓ ମର୍ମପୂର୍ଣ୍ଣ ଥିଲା ।

ଆଲ୍‌ବାନିଆରୁ ଆସିଥିବା ଉଚ୍ଚ ଉପଦେଷ୍ଟା, ତରାନାର ମେୟର୍ ଓ ପୂର୍ବତନ କ୍ଲିଟ୍ କମିଟିର ଉପାଧ୍ୟକ୍ଷ Ilir Hoholli ସାହେବ୍ ମଧ୍ୟ ଏହି ଉତ୍ସବରେ ଯୋଗଦେବାପାଇଁ ଆସିଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ମୁଁ ଏହା କଳନା କରିଥିଲି କି ଜମାତ୍ ଅହେମଦୀୟା ଏପରି ମହାନ୍ ଶୈଳୀରେ ଇସ୍ଲାମ୍‌ର ତବ୍‌ଲିଗ୍ କରୁଅଛି ବୋଲି । ଇମାମ୍ ଜମାତ୍ ଅହେମଦୀୟା ବହୁତ ସୁନ୍ଦର ଶୈଳୀରେ ଓ ବହୁତ ମନମୁଗ୍ଧକାରୀ ଶୈଳୀରେ ଇସ୍ଲାମୀୟ ଶିକ୍ଷାଗୁଡିକୁ ଉପସ୍ଥାପନ କଲେ ଓ ଇମାମ୍ ଜମାତ୍ ଅହେମଦୀୟା ବହୁତ ଧୈର୍ଯ୍ୟ ଓ ସାହସର ସହିତ ପ୍ରଶ୍ନଗୁଡିକର ଉତର ଗୁଡିକୁ ପ୍ରଦାନ କଲେ । ଶାନ୍ତି ସ୍ଥାପନା ନିମନ୍ତେ ଜମାତ୍ ଅହେମଦୀୟାର ଇମାମ୍‌ଙ୍କ ଥିବା ଏହି ଚେଷ୍ଟା ବହୁତ ପ୍ରଶଂସନୀୟ ।

DHV PETER KINGMA ସାହେବ୍ ଯିଏ ଆମ୍‌ଷ୍ଟରଡ୍ରମ୍‌ର ଫ୍ରି ୟୁନିଭରସିଟିରେ ବୁଦ୍ଧିଜିମ୍, ଇସ୍ଲାମ୍ ଏବଂ ଅନ୍ୟାନ୍ୟ ଧର୍ମର ପ୍ରବୀଣ ଅଟନ୍ତି । ସେ ଏହି ପାର୍ଲିଆମେଂଟ୍‌ର ଉତ୍ସବରେ ସାମିଲ୍ ହୋଇଥିଲେ ଓ ନିଜର ମନୋଭାବ ବ୍ୟକ୍ତ କରି କହିଲେ-ଖଲିଫତୁଲ୍ ମସିହ୍ ଇସ୍ଲାମ୍‌ରେ ଥିବା ଶାନ୍ତିପୂର୍ଣ୍ଣ ପ୍ରସଙ୍ଗରେ ଶିକ୍ଷାକୁ ଯେଉଁଭଳି ସ୍ପଷ୍ଟ ଶବ୍ଦରେ ଚର୍ଚ୍ଚା କଲେ ସେଥିରୁ ତାଙ୍କୁ ଏକଥା ଜଣାପଡ଼ିଛି କି ତାଙ୍କର ଇଂଟରଫେଟ୍ ଡାଇଲଗ୍‌ର ପ୍ରୋଗ୍ରାମ୍‌ରେ ଜମାତ୍‌ର ପ୍ରତିନିଧିତ୍ୱ ରହିବା ଉଚିତ୍ । ଏବେ ଜମାତ୍ ପାଇଁ ଏହା ଜରୁରୀ ଅଟେ କି ସେ ଆମ ପ୍ରୋଗ୍ରାମ୍ ଗୁଡିକରେ ନିଶ୍ଚିତ ରୂପେ ଯୋଗ ଦେବେ ଯଦ୍ୱାରା ଇସ୍ଲାମ୍‌ର ଅସଲ ଓ ବାସ୍ତବିକ ସ୍ୱରୂପ ଆମ ସମ୍ମୁଖରେ ପହଂଚିବ ।

ଇଂଟର ନ୍ୟାସ୍ନାଲ୍ ହ୍ୟୁମାନ୍ ରାଇଟସ୍ କମିଶନ୍‌ର ୟୁରୋପ୍ ନିମନ୍ତେ ନିୟୋଜିତ ହୋଇଥିବା ଆମ୍ବାସେଡର୍ ମିଷ୍ଟର୍ ଖାଲିଦ୍ ଚୌଧୁରୀ ସାହେବ୍ କହିଲେ କି ହଜୁର୍ ବହୁତ ସ୍ପଷ୍ଟ ରୂପେ ଇସ୍ଲାମ୍‌ର ସୁନ୍ଦର ଶିକ୍ଷାକୁ ହଲାଣ୍ଡର ପାର୍ଲିଆମେଂଟ୍‌ରେ ଉପସ୍ଥାପନ କଲେ । କିଛି ପାର୍ଲିଆମେଂଟାରୀଆନ୍ ବହୁତ ଚେଷ୍ଟା କରିଥିଲେ କି ପାକିସ୍ତାନ୍‌ରେ ଅହେମଦୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ପ୍ରସଙ୍ଗରେ ହଜୁର୍ ଅନ୍ୱୱର୍ ପାକିସ୍ତାନ୍ ସମ୍ବନ୍ଧରେ କିଛି କମେଂଟ୍ ଦେବେବୋଲି । କିନ୍ତୁ ହଜୁର୍ ଅନ୍ୱୱର୍ ସେମାନଙ୍କୁ ବତାଇଲେ କି ସଂଖ୍ୟାଲଘୁ ଗୋଷ୍ଠୀମାନଙ୍କ ଅଧିକାର ଗୁଡିକୁ କିପରି ବିଭିନ୍ନ ଦେଶଗୁଡିକରେ ଅଣଦେଖା କରାଯାଉଛି । କିନ୍ତୁ ଏକଥା ର ଆବଶ୍ୟକ ରହିଛି କି ସବୁଠାରେ ଉତ୍ପନ୍ନ ହେଉଥିବା ମାନବିକ ଅଧିକାରର ଉଲଘଂନକୁ ରୋକିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ନିଆଯାଉ । ସେ ପୁଣି କହିଲେ ଏ ଦୃଷ୍ଟିକୋଣରୁ ମୁଁ ହଜରତ୍ ଅକ୍‌ଦସ୍‌ଙ୍କ ମହାନତା ବିଷୟରେ ଅବଗତ ହେବି ଯେ ସେ ପାକିସ୍ତାନ୍ ବିରୁଦ୍ଧରେ କୌଣସି କଥା କହିନାହାଁନ୍ତି ।

(ବହୱାଲା ଅଖବାର୍ ବଦର୍ ୨୯ ଅକ୍ଟୋବର୍ ୨୦୧୫)

# ଖୁତ୍‌ବା ଜୁମା

**ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଆଜି ଆମେ ଆଉ ଗୋଟିଏ ଜଲ୍‌ସାସାଲାନାରେ ଯୋଗଦେବାର ସୌଭାଗ୍ୟ ପାଉଅଛେ । ସମସ୍ତଙ୍କୁ ଜଲ୍‌ସାର ଏହି ତିନିଦିନର ଆଧ୍ୟାତ୍ମିକ ପରିବେଶରୁ ଲାଭ ଉଠାଇବା ପାଇଁ ଚେଷ୍ଟା କରିବା ଉଚିତ୍ । ଜଲ୍‌ସାର ପ୍ରୋଗ୍ରାମ୍ ଗୁଡିକୁ ନୀରବ ଓ ଧ୍ୟାନର ସହିତ ତେବେ ଯାଇ ଜଲ୍‌ସାରେ ସାମିଲ୍ ହେବାର ଲାଭ ମିଳିବ । ତେବେ ଯାଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଜଲ୍‌ସାର ଯେଉଁ ଉଦ୍ଦେଶ୍ୟ ରଖିଛନ୍ତି ତାହା ଆମେ ପୁରଣ କରିପାରିବା ।**

କାର୍‌କୁନ୍‌ମାନଙ୍କୁ ଏକଥା ସର୍ବଦା ମନେରଖିବା ଉଚିତ୍ କି ଅତିଥିମାନଙ୍କର ଆଚରଣ ଯାହା ବି ଥିଲେ ମଧ୍ୟ ସେମାନଙ୍କ ମନୋଭାବର ଧ୍ୟାନ ରଖିବାକୁ ହେବ ।

ଏହା ବିଲ୍‌କୁଲ୍ ଠିକ୍ କଥା କି ଅହେମଦୀମାନେ ସେ ଅତିଥି ହୁଅନ୍ତୁ ବା ଅତିଥି ସତ୍କାରକାରୀ ହୁଅନ୍ତୁ, ସେମାନଙ୍କୁ ଉତମ ଚରିତ୍ର ପ୍ରଦର୍ଶନ କରିବା ଉଚିତ୍ । କିନ୍ତୁ ଯେଉଁମାନେ ନିଜକୁ ଜଲ୍‌ସାରେ ଯୋଗ ଦେଇଥିବା ଅତିଥିମାନଙ୍କର ସେବା କରିବା ପାଇଁ ପେଶ୍ କରିଛନ୍ତି, ସେମାନେ ଆହୁରି ଭଲ ଚରିତ୍ର ପ୍ରଦର୍ଶନ କରିବା ଉଚିତ୍ । ଅନ୍ୟମାନଙ୍କର ବ୍ୟବହାର ଯେଉଁଭଳି ଥିଲେ ମଧ୍ୟ କାର୍‌କୁନ୍‌ମାନେ ବିଶେଷ ରୂପେ ଏ କଥା ନିଶ୍ଚିତ କରନ୍ତୁ କି ସେମାନଙ୍କ ଚେହେରାରେ ସର୍ବଦା ହସ ଫୁଟୁଥିବ ।

**ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନଙ୍କୁ ଏଥିପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ୍ କି ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି ଯେ ଇସ୍‌ଲାମ୍‌ର ଗୋଟିଏ ଉତମ ଚରିତ୍ର ହେଉଛି ଏହା କି ମୋମିନ୍ ନିରର୍ଥକ ଓ ବେକାର୍ କଥାକୁ ପରିତ୍ୟାଗ କରୁ ଏବଂ ଏହି ଜଲ୍‌ସା ଯାହାକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କେବଳ ଏକ ଐଶ୍ୱରିକ ଜଲ୍‌ସା ଅଭିହିତ କରିଛନ୍ତି, ଏଥିରେ ପ୍ରତ୍ୟେକ ପ୍ରକାରର ନିରର୍ଥକ କଥାରୁ ଏବଂ ସମୟ ନଷ୍ଟ କରିବାରୁ ନିବୃତ ରହିବା ଉଚିତ୍ ।**

ତର୍‌ବିୟତି ଦୃଷ୍ଟିକୋଣରୁ ଓ ଦୀନ୍ ସହିତ ଯୋଡ଼ି ହେବା ସମ୍ବନ୍ଧରେ ସବୁଠାରୁ ଗୁରୁତ୍ୱପୁର୍ଣ୍ଣ କଥା ହେଉଛି ଉପାସନା । ସେଇଥିପାଇଁ ଆମ ଉପରେ ପାଂଚବେଳା ନମାଜ ଧାର୍ଯ୍ୟ କରାଯାଇଛି ।

ସୁରକ୍ଷା ଦୃଷ୍ଟିକୋଣରୁ ଜଲ୍‌ସାଗାଃର ଭିତରେ ଏବଂ ବାହାରେ ମଧ୍ୟ ନିଜ ପରିବେଶ ଉପରେ ଦୃଷ୍ଟି ରଖନ୍ତୁ ।

**ଜଲ୍‌ସାସାଲାନା ଉପଲକ୍ଷେ ଆତିଥ୍ୟତା କରୁଥିବା ସଦସ୍ୟମାନଙ୍କୁ ଓ ଅତିଥିମାନଙ୍କୁ ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ଉପଦେଶ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]**
**(ପ୍ରଦତ୍ତ: ୦୩ ଅଗଷ୍ଟ ୨୦୧୮ ଅନୁଯାୟୀ ୦୩ ଜହୁର ୧୩୯୭ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ଅଲ୍‌ହମ୍‌ଦୋଲିଲ୍ଲାଃ ଅର୍ଥାତ୍ ଅଲ୍ଲାଃଙ୍କ ଅଶେଷ ଦୟା ଯେ, ସେ ଆମକୁ ଆଜି ଆଉ ଏକ ବାର୍ଷିକ ଧର୍ମସମ୍ମିଳନୀରେ ଯୋଗ ଦେବାକୁ ଶକ୍ତି ପ୍ରଦାନ କଲେ । କିଛି ଲୋକେ ପ୍ରଥମଥର ପାଇଁ ଏହି ଜଲ୍‌ସାରେ ସାମିଲ୍ ହେଉଛନ୍ତି । ବହୁତ ଲୋକେ ଏପରି ମଧ୍ୟ ଅଛନ୍ତି ଯେଉଁମାନଙ୍କୁ ଯାତ୍ରା କରିବା ପାଇଁ ଓ ଭିଜାର ସୁବିଧା ମିଳିବା ଯୋଗୁ ସେମାନେ ଅନେକ ବର୍ଷ ହେବ ଏହି ଜଲ୍‌ସାରେ ସାମିଲ୍ ହେଉଛନ୍ତି । ୟୁ.କେ ରେ ରହୁଥିବା ଏପରି ମଧ୍ୟ ବ୍ୟକ୍ତି ଅଛନ୍ତି ଯେଉଁମାନେ ପ୍ରଥମଥର ପାଇଁ ଏହି ଜଲ୍‌ସାରେ ସାମିଲ୍ ହେଉଛନ୍ତି । ସେମାନେ ଅଳ୍ପ ଦିନ ହେବ ଏଠାକୁ ଆସି ସେଟେଲ୍ ହୋଇଛନ୍ତି ବା କିଛି ପିଲାମାନେ ସିଆଣିଆ ହେବାପରେ ଏଠାରେ ଯୋଗ ଦେଉଛନ୍ତି । ସମସ୍ତ ଯୋଗଦାନକାରୀଙ୍କୁ ଜଲସାର ଏହି ତିନି ଦିନର ଆଧ୍ୟାତ୍ମିକ ପରିବେଶରୁ ଉପକୃତ ହେବାକୁ ଶକ୍ତି ପ୍ରଦାନ କରନ୍ତୁ । ଜଲସାର କାର୍ଯ୍ୟକ୍ରମଗୁଡ଼ିକୁ ନିରବ ଓ ଶାନ୍ତି ପୂର୍ଣ୍ଣ ଭାବରେ ଶୁଣିବା ଆବଶ୍ୟକ ତେବେଯାଇ ଜଲସାରେ ସାମିଲ୍ ହେବା ଫଳପ୍ରଦ ସାବ୍ୟସ୍ତ ହେବ । ତେବେଯାଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜଲ୍‌ସାକୁ କାଏମ୍ କରିବାର ଉଦ୍ଦେଶ୍ୟକୁ ଆମେ ପୁରଣ କରିପାରିବା ।

ହଜୁର ଅନଓ୍ୱର ଅ.ବ କହିଲେ- ଯେପରିକି ସମସ୍ତେ ଜାଣିଛନ୍ତି ଯେ ଜଲ୍‌ସାର ସମସ୍ତ ବ୍ୟବସ୍ଥା ବା ପାଖାପାଖି ୯୦ ପ୍ରତିଶତ ଯେଉଁ ବ୍ୟବସ୍ଥା ରହିଛି ସେ ସବୁକୁ ଜମାତ୍‌ର ଲୋକମାନେ ସ୍ୱଚ୍ଛାସେବକ ରୂପେ ସମ୍ପାଦନ କରୁଛନ୍ତି । ତେଣୁ ଜଲସାର ବ୍ୟବସ୍ଥାରେ ଦୋଷତ୍ରୁଟି ଓ ଅସମ୍ପୂର୍ଣ୍ଣତା ରହିଯାଇଥାଏ । ଯେଉଁସ୍ଥଳେ କର୍ମୀମାନେ ନିଜ କାର୍ଯ୍ୟର ଅନୁଧ୍ୟାନ କରି ସେଥିରେ ସୁଧାର ଆଣିବାକୁ ଚେଷ୍ଟା କରିବା ଉଚିତ୍ ସେଠାରେ ଅତିଥିମାନେ ମଧ୍ୟ ଉକ୍ତ ଦୋଷତ୍ରୁଟି ଓ ଅସମ୍ପୂର୍ଣ୍ଣତାକୁ ଅଣଦେଖା କରିବା ଉଚିତ୍ ଏବଂ ଯେଉଁଠାରେ କର୍ମୀମାନଙ୍କୁ କୌଣସି ପ୍ରକାର ସାହାର୍ଯ୍ୟ ସହଯୋଗର ଆବଶ୍ୟକତା ପଡ଼େ ତେବେ ସେଥିନିମନ୍ତେ ସର୍ବପ୍ରଥମେ ନିଜେ ଆଗକୁ ଆସିବା ଉଚିତ୍ । ଆମମାନଙ୍କ ମଧ୍ୟରେ ଏକତା ସେତେବେଳେ ଉତ୍ପନ୍ନ ହେବ ଯେତେବେଳେ ଆମେ ପରସ୍ପରର ଭାର ବହନ କରିବା । ଏହି ସତ୍ୟତାକୁ ଅତିଥି ଓ ଅତିଥିସତ୍କାରକାରୀ ଉଭୟଙ୍କୁ ମନେରଖିବା ଉଚିତ୍ ।

ହଜୁର ଅନଓ୍ୱର ଅ.ବ କହିଲେ- ସାଧାରଣତଃ ଆତିଥ୍ୟତା କରୁଥିବା ଲୋକମାନଙ୍କ ବିଷୟରେ ମୁଁ ଜଲ୍‌ସାର ଗୋଟିଏ ସପ୍ତାହ ପୂର୍ବରୁ ଖୁତ୍‌ବାରେ ଚର୍ଚ୍ଚା କରିଥାଏ ଓ ଜଲ୍‌ସା ଦିନର ଖୁତ୍‌ବାରେ ଅତିଥିମାନଙ୍କୁ ସେମାନଙ୍କ କାର୍ଯ୍ୟାବଳୀ ସମ୍ବନ୍ଧରେ କହିଥାଏ । ଆମ ଜଲ୍‌ସାର ବିଶେଷତା ବରଂ ଆମ ଜମାତି ନିଜାମ୍‌ର ଏହି ଉତମତା ରହିଛି ଯେ ଆମେ ଆପୋଷରେ ସେତେବେଳେ ପ୍ରେମ ଓ ସ୍ନେହର ସହିତ ରହିପାରିବା ଯେତେବେଳେ ପ୍ରତ୍ୟେକ ବ୍ୟକ୍ତି ନିଜର ଦାୟିତ୍ୱକୁ ସଠିକ୍ ରୂପେ ସମ୍ପାଦନ କରୁଥିବ ଓ ଏହାକୁ ବୁଝୁଥିବ । ସେ ଯାହା ହେଉ ବର୍ତମାନ ମୁଁ ଉଭୟ ଅତିଥି ଓ ଆତିଥ୍ୟତା କରୁଥିବା ଲୋକମାନଙ୍କୁ କିଛି ଉପଦେଶ ମୂଳକ କଥା ପ୍ରତି ଧ୍ୟାନ ଆକର୍ଷଣ କରାଇବି ।

କାର୍‌କୁନ୍ ମାନଙ୍କୁ ମୁଁ ପଛ ଖୁତ୍‌ବାରେ କିଛି ତ କହିନଥିଲି କିନ୍ତୁ ପଛ ରବିବାର ଦିନ ଜଲ୍‌ସାର ଯେଉଁ ବ୍ୟବସ୍ଥାପକ ବିଭାଘର ମୁଆଇନା (ନିରୀକ୍ଷଣ ଓ ପର୍ଯ୍ୟବେକ୍ଷଣ) ହୋଇଥିଲା ସେଥିରେ ମୁଁ ଏହା ଧ୍ୟାନ ଆକର୍ଷଣ କରାଇଥିଲି କି ସେମାନଙ୍କର ଆଚରଣ କିପରି ହେବା ଉଚିତ୍ ଓ କିପରି ସେମାନଙ୍କୁ କାର୍ଯ୍ୟ କରିବାକୁ ପଡ଼ିବ । ଅଲ୍ଲାଃତାଲାଙ୍କ ଦୟାବଳରୁ ବହୁତ ଦିନରୁ ଏହି କାର୍‌କୁନ୍‌ମାନଙ୍କ ମଧ୍ୟରୁ ଅଧିକାଂଶ କାର୍‌କୁନ୍ ଡ୍ୟୁଟି ଦେଇ ଆସୁଛନ୍ତି । ତେଣୁ ଯେଉଁଠି କାମକୁ ବୁଝିବା ଓ କାମକୁ ଉତମ ରୂପେ ସମ୍ପାଦନ କରିବାର ପ୍ରଶ୍ନ ଉଠୁଛି, ଏଠିକାର କାର୍‌କୁନ୍ (ସ୍ୱେଚ୍ଛାସେବୀ କର୍ମୀ) ବର୍ତମାନ ଅତ୍ୟନ୍ତ ସଂସ୍କାରୀ ହୋଇସାରିଛନ୍ତି ଓ ପ୍ରତ୍ୟେକ ବର୍ଷ ନୂଆ ନୂଆ ସାମିଲ୍ ହୋଇଥିବା କାର୍‌କୁନ୍ ପିଲାମାନେ ଓ ଯୁବକମାନଙ୍କୁ ମଧ୍ୟ ପ୍ରଥମରୁ କାମ କରୁଥିବା ଲୋକେ ସେହିପରି ଅଫ୍‌ସର୍‌ମାନେ ନିଜର ଅନୁଭବ ଦେଇ ଲାଭାନ୍ୱିତ କରି ତର୍‌ବିୟତ୍ କରୁଛନ୍ତି ବା ଦେଉଛନ୍ତି । କିନ୍ତୁ କିଛି କଥା ବିଷୟରେ ଧ୍ୟାନ ଆକର୍ଷଣ କରିବାକୁ ପଡ଼ିଥାଏ । ତେଣୁ ବର୍ତମାନ ମୁଁ ଅତିଥି ଓ ଆତିଥ୍ୟତା କରୁଥିବା ଲୋକମାନଙ୍କୁ ଏ ବିଷୟରେ କିଛି କଥା ପ୍ରତି ଧ୍ୟାନ ଆକର୍ଷଣ କରାଇବି ।

ସର୍ବପ୍ରଥମ କଥା ଏହି କି ଯେ ସେବକମାନେ ଅତିଥିମାନଙ୍କ ସତ୍କାର ନିମନ୍ତେ ନିଜକୁ ଉର୍ସ୍ଗ କରିଛନ୍ତି ଯେ ଅଲ୍ଲାଃଙ୍କ ଆଦେଶ ମୁତାବକ ହଜରତ ମସିହ ମଉଦ ଆ.ସଙ୍କ ଦ୍ୱାରା ପ୍ରଚଳିତ ଜଲସାରେ ଯୋଗ ଦେବାକୁ ଆସିଛନ୍ତି ନା କି କୌଣସି ମେଳାରେ ସାମିଲ ହେବାକୁ ଆସିଛନ୍ତି । ନିଜ ଆଧ୍ୟାତ୍ମିକ ଜ୍ଞାନ ଓ ଚାରିତ୍ରିକ ସ୍ତର ବୃଦ୍ଧି ନିମନ୍ତେ ଏକତ୍ରିତ ହୋଇଛନ୍ତି ଏବଂ ମୁଁ ଆଶା କରୁଅଛି କି ଏହି ଚିନ୍ତାଧାରା ଜଲସାରେ ଯୋଗ ଦେବାକୁ ଆସିଥିବା ପ୍ରତ୍ୟେକ ସଦସ୍ୟଙ୍କର ରହିଥିବ ତଥା ହେବା ଉଚିତ୍ । ନଚେତ୍ ସେମାନଙ୍କ ଜଲସାରେ ଯୋଗ ଦେବା ନିରର୍ଥକ ଅଟେ । ସେ ଯାହା ହେଉ କର୍ମୀମାନଙ୍କୁ ସର୍ବଦା ମନେରଖିବା ଉଚିତ୍ ଯେ, ଅତିଥିମାନଙ୍କ ଆଚରଣ ଯେପରି ହେଉ ନା କାହିଁକି ସେମାନେ ନିଜର ସର୍ବୋତ୍କୃଷ୍ଟ ଆଚରଣ ପ୍ରଦର୍ଶନ କରି ଅତିଥିମାନଙ୍କ ଭାବନା ପ୍ରତି ଯତ୍ନବାନ ହେବା ଉଚିତ୍ । ଯଦି କେବେ ଅତିଥି ବା ଏହି ଜଲ୍‌ସାରେ ସାମିଲ୍ ହୋଇଥିବା କୌଣସି ବ୍ୟକ୍ତି ଭୁଲ୍ ଆଚରଣ ମଧ୍ୟ କରେ ତେବେ କାର୍‌କୁନ୍ ମାନଙ୍କର ଏ କାର୍ଯ୍ୟ କି ସେମାନେ ନିଜର ଭାବନାକୁ ଆୟତରେ ରଖନ୍ତୁ । ଏବଂ ସେହିଭଳି ଓ ତା ଅନୁରୂପ ଉତର ନ ଦିଅନ୍ତୁ । ଯେବେ ପ୍ରତ୍ୟେକ କାର୍‌କୁନ୍ ଇଶ୍ୱରଙ୍କ ସାନିଧ୍ୟ ହାସଲ କରିବା ପାଇଁ ଅତିଥିମାନଙ୍କ ସେବା ନିମନ୍ତେ ନିଜକୁ ପେଶ୍ କରିଦେଇଛି ତେବେ ଇଶ୍ୱରଙ୍କ ଖାତିର୍ କିଛି ଅତିଥିମାନଙ୍କର ଭୁଲ୍ ଆଚରଣ ଗୁଡିକୁ ମଧ୍ୟ ଯଦି ବର୍‌ଦାସ୍ତ୍ କରିବାକୁ ପଡେ ତେବେ ବର୍‌ଦାସ୍ତ୍ କରନ୍ତୁ । ତେବେଯାଇ ଆପଣମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଓ ପ୍ରୀତିଭାଜନ ହାସଲକାରୀ ସାବ୍ୟସ୍ତ ହେବେ । ଆମେ ଯେଉଁ ନବୀଙ୍କ ଅନୁସରଣକାରୀ ଅଟୁ ସେ ଅତିଥିମାନଙ୍କ ସହ କିଭଳି ଆଚରଣ କରୁଥିଲେ ? କଦାଚିତ୍ ଅତିଥିମାନେ ଆସୁନଥିଲେ କି ବର୍ଷକରେ ଥରେ ଏ ଜଲ୍‌ସା ପାଇଁ ଆସିଛନ୍ତି ବରଂ ଯେଉଁମାନେ ସହରରେ ରହୁଥିଲେ ସେମାନେ ଆପଣଙ୍କ ସହ ପ୍ରତିଦିନ ସାକ୍ଷାତ କରିବାକୁ ଆସୁଥିଲେ । ଯଦି ସେମାନଙ୍କ ଅଭାବ ଅନାଟନ ଯୋଗୁଁ କିମ୍ବା ଏମିତି ଖାଇବା ନିମନ୍ତେ ସେମାନଙ୍କୁ ହଜୁର ସ.ଆ ନିମନ୍ତ୍ରଣ କରନ୍ତି ସେତେବେଳେ ସେମାନେ ଆସି ଦିର୍ଘ ସମୟ ବସିଯାନ୍ତି ଯଦ୍ୱାରା ହଜୁର ସ.ଆ ବିଶ୍ରାମ ନେବା ଓ ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ କରିବାରେ ବିଘ୍ନ ସୃଷ୍ଟିହୁଏ । ତଥାପି ଆପଣ ସେମାନଙ୍କୁ କଦାପି କହୁନଥିଲେ କି ମୁଁ ବ୍ୟସ୍ତ ଅଛି ତେଣୁ (ଖାଇବା) ସମୟ ପୂର୍ବରୁ ଆସ ନାହିଁ କି ଖାଇବା ପରେ ଶିଘ୍ର ଚାଲିଯାଅ, କାରଣ ତୁମର ବସି ରହିବା ଫଳରେ ମୁଁ କେତେକ କାର୍ଯ୍ୟ ସମ୍ପାଦନ କରିପାରୁ ନାହିଁ । ସେମାନଙ୍କ ଏପରି ଅବସ୍ଥା ଦେଖି ଏବଂ ହଜୁର ସ.ଆଙ୍କର ଅତିଥିମାନଙ୍କୁ ବରଦାସ୍ତ କରିବାର ଧର୍ଯ୍ୟ ଓ ସହନଶୀଳତା ଦେଖି ଅଲ୍ଲାଃତାଲା ମୋମିନ୍‌ମାନଙ୍କୁ କହିଲେ- **ଫୟସ୍‌ତହ୍‌ଇ ମିନ୍‌କୁମ୍** (ଅଲ୍ ଅହ୍‌ଜାବ୍:୫୪) ଅର୍ଥାତ ସେ ତୁମ ଭାବନାକୁ ମର୍ଯ୍ୟାଦା ପ୍ରଦାନ କରିବାକୁ ଯାଇ ତୁମମାନଙ୍କୁ ଚାଲିଯିବା ପାଇଁ କହିବାକୁ ଲାଜ କରୁଛନ୍ତି କିନ୍ତୁ ଅଲ୍ଲାଃତାଲା (ଉଚିତ୍ କଥା) କହିବାକୁ କଦାପି କୁଣ୍ଠା ବୋଧ ମନେ କରିନଥାନ୍ତି । ଅତଃ ଦିର୍ଘ ସମୟ ନବୀଙ୍କ ଘରେ ବସି ରହି ତାଙ୍କୁ ଅଯଥା କଷ୍ଟ ଦିଅ ନାହିଁ । ଅତଏବ ଅଲ୍ଲାଃତାଲା ଗୋଟିଏ ପାର୍ଶ୍ୱରେ ଅତିଥି ସତ୍କାରର ସର୍ବୋତ୍କୃଷ୍ଟ ଆଚରଣ ଚର୍ଚ୍ଚା କରିଦେଲେ । ଅନ୍ୟ ପାର୍ଶ୍ୱରେ ଅତିଥିମାନଙ୍କୁ ବିଶେଷ ଭାବରେ ଆଦେଶ ଦେଲେ କି ଅତିଥି ହୋଇ ନିଜ ଅଧିକାରର ଦୁରୁପଯୋଗ କର ନାହିଁ । ଅତିଥିମାନଙ୍କୁ ଅତିଥି ହେବାର ଅନୁଚିତ୍ ଫାଇଦା ଉଠାଇବା ଉଚିତ୍ ନୁହେଁ । ଅତିଥିମାନଙ୍କର ଯେଉଁ ସୀମା ଅଛି ତା ଭିତରେ ସେମାନଙ୍କୁ ରହିବାର ଆବଶ୍ୟକ ଅଛି ।

ପୁଣି ହଜୁର ସ.ଆଙ୍କର ଅଣମୁସଲମାନମାନଙ୍କ ଅତିଥି ସତ୍କାର କରିବା ଏବଂ ଉଚ୍ଚାକାଂକ୍ଷୀ ହେବାର ସ୍ତର ଏକ ଏପରି ସ୍ତର ଅଟେ ଯାହା ଦେଖି ମଣିଷ ହତବାକ ରହିଯାଇଥାଏ । ତାହାର ଉଦାହରଣ ଆମେ

ଦେଖିଥାଉ କି ଏକଦା ଜଣେ ଅଣମୁସଲମାନ ଆପଣଙ୍କ ନିକଟକୁ ଅତିଥି ହୋଇଆସିଲା । ଆପଣ ତାହାର ସତ୍କାର ମଧ କଲେ କିନ୍ତୁ ପାହାନ୍ତାରୁ ସେ ଶେଜ ଅପରିଷ୍କାର କରି ଚାଲିଗଲା, ଯାହାକୁ ସ୍ୱୟଂ ହଜୁର ସ.ଆ ପରିଷ୍କାର କରୁଥିବା ଦେଖି ସାହାବାମାନେ କହିଲେ ହଜୁର ଆମକୁ ଦିଅନ୍ତୁ ଆମେ କରି ଦେଉଛୁ, ଆମେ ଉପସ୍ଥିତ ଅଛୁ । କିନ୍ତୁ ଆପଣ ଉତର ଦେଲେ ନା ସେ ମୋର ଅତିଥି ଥିଲା । ତେଣୁ ମୁଁ ହିଁ ଏହାକୁ ପରିଷ୍କାର କରିବି । (ଉଦ୍ଧୃତ ମସନଭି ମୌଲଭି ମାନଭି ଦଫ୍ତର୍ ପଞ୍ଚମ୍, ପୃଷ୍ଠା- ୨୦-୨୪, ଅନୁବାଦକ କାଜି ସଜାଦ୍ ହୁସେନ୍ ଅଲଫସିଲ୍ ନାସ୍ରାନ୍ ଲାହୋର ୨୦୦୬) **ଅତଃ ଏହା ସେହି ସର୍ବୋଚ୍ଚ ସ୍ତରର ଆଚରଣ ଯାହାର କୌଣସି ମୁକାବିଲା ନାହିଁ, ଯାହା ଅତୁଳନୀୟ ।**

ହଜୁର ଅନଓ୍ୱର ଅ.ବ କହିଲେ- ଆମ ଜଲସାକୁ ଆପଣା ଓ ପର ସମସ୍ତେ ଆସିଥାନ୍ତି ଏବଂ ସମସ୍ତ ଆଗମନକାରୀ ଉତମ ଆଚରଣର ଅଧିକାରୀ ଅଟନ୍ତି କିମ୍ବା ଧାର୍ମିକ ଜ୍ଞାନ ହାସଲ କରିବା ନିମନ୍ତେ ଆସିଥାନ୍ତି କିମ୍ବା ଅହେମଦିୟତ୍ ସଂକ୍ରାନ୍ତରେ ଜ୍ଞାନ ହାସଲ କରିବା ପାଇଁ ଆସିଥାନ୍ତି । ଦୋଷତ୍ରୁଟି ତ ପ୍ରତ୍ୟେକ ମଣିଷଠାରେ ରହିଥାଏ । ଯଦି କିଛି ଭୁଲ ହୋଇଯାଏ ତେବେ ଆମେ ଏପରି କହିପାରିବା ନାହିଁ କି ଏମାନେ ଅସଭ୍ୟ କିମ୍ବା ସେମାନଙ୍କ ନିୟତ ସଠିକ୍ ନୁହେଁ । ବରଂ ତାହା ସେମାନଙ୍କ ମାନବିକ ଦୁର୍ବଳତାର ପ୍ରମାଣ ଅଟେ । ତେଣୁ ଏପରି କୌଣସି ଘଟଣା ଘଟିଲେ ତାହାକୁ ସହ୍ୟ କରିନେବା ଉଚିତ୍ । ଏହା ସମ୍ପୂର୍ଣ୍ଣ ରୂପେ ଠିକ୍ ଯେ, ଅହେମଦିଗଣ ଅତିଥି ହୁଅନ୍ତୁ ଅବା ଅତିଥି ସତ୍କାରକାରୀ ସେମାନଙ୍କୁ ଉତମ ଆଚରଣ ପ୍ରଦର୍ଶନ କରିବା ଅପରିହାର୍ଯ୍ୟ । କିନ୍ତୁ ଯେଉଁମାନେ ନିଜକୁ ବାର୍ଷିକ ଜଲସାରେ ଯୋଗଦେବାକୁ ଆସିଥିବା ଅତିଥିମାନଙ୍କ ସେବା କରିବା ନିମନ୍ତେ ଉତ୍ସର୍ଗ କରିଥାନ୍ତି ସେମାନଙ୍କୁ ସର୍ବୋଚ୍ଚ ସ୍ତରର ଉତମ ଆଚରଣ ପ୍ରଦର୍ଶନ କରିବା ଉଚିତ୍ । ଯଦି କର୍ମୀମାନେ ଧର୍ଯ୍ୟ, ଉତମ ଆଚରଣ ଓ ସହନଶୀଳତାର ପ୍ରଦର୍ଶନ କରିବେ ତେବେ ଅନ୍ୟ ଜଣକ ସ୍ୱଂୟ ଲଜ୍ଜିତ ହୋଇଯିବ । ଅତଃ ପ୍ରତ୍ୟେକ ବିଭାଗରେ କର୍ତବ୍ୟ ସମ୍ପାଦନ କରୁଥିବା କର୍ମୀ ସର୍ବୋଚ୍ଚ ସ୍ତରର ଉତମ ଆଚରଣ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବା ଉଚିତ୍ । ଏବଂ ଏହି ଦିନ ଗୁଡିକରେ ଏହାକୁ ବହୁତ ବଡ ଆହ୍ୱାନ ରୂପେ ଭାବି ଉତମ ଆଚରଣ ପ୍ରଦର୍ଶନ କରନ୍ତୁ ।

ଅଲ୍ଲାଃତାଲା ପବିତ୍ର କୁରାନରେ ଏଥିପ୍ରତି ଧ୍ୟାନ ଆକର୍ଷଣ କରି କୁହନ୍ତି **କୁଲୁ ଲିନ୍ ନାସି ହୁସ୍ନା (ବକ୍ରାଃ:୮୪)** ଅର୍ଥାତ ଲୋକମାନଙ୍କ ସହ ଉତମ ଓ ନମ୍ର ଆଚରଣ କର । ସେମାନଙ୍କୁ ସୁନ୍ଦର ବଚନ କୁହ । ଏହା ସେହି ମୂଳମନ୍ତ୍ର ଯାହାକି ଝଗଡ଼ା ରୋକିବା ଓ ଉତମ ଆଚରଣ ପ୍ରଦର୍ଶନ କରିବା ନିମନ୍ତେ ଜରୁରୀ ଅଟେ । ଏହି ନିୟମ କେବଳ ବିଶେଷ ପରିସ୍ଥିତି ନିମନ୍ତେ ନୁହେଁ ବରଂ ସଦାସର୍ବଦା ପାଇଁ ରହିଛି । ଯେତେବେଳେ ମଣିଷ ଏଥିରେ ଅଭ୍ୟସ୍ତ ହୋଇଯାଏ ସେତେବେଳେ ପାରସ୍ପରିକ କଳହ ଓ ଝଗଡ଼ାର ମୂଳୋତ୍ପାଟନ ତଥା ଅନ୍ତ ହୋଇଯାଏ । ଅତଃ ଅତିଥି ଓ ସତ୍କାରକାରୀଙ୍କୁ ସର୍ବଦା ଅଲ୍ଲାଃତାଲାଙ୍କ ଏହି ନିର୍ଦ୍ଦେଶକୁ ନିଜ ସମ୍ମୁଖରେ ରଖିବା ଉଚିତ୍ ଏବଂ ଏହି ଦିନମାନଙ୍କରେ ତ ବିଶେଷ ଭାବରେ ଧ୍ୟାନ ଦେଇ ଅମଳ କରିବା କି ଏହି ଆଧ୍ୟାତ୍ମିକ ପରିବେଶକୁ ସମସ୍ତେ ମିଳିମିଶି ସୁନ୍ଦର ରୂପେ ବନାଇବା ଯଦ୍ଦ୍ୱାରା ଯେଉଁ ଉଦ୍ଦେଶ୍ୟ ନେଇ ଆମେ ଏଠାରେ ଏକତ୍ରିତ ହୋଇଛେ ତାହା ପୂରଣ ହେଉ ଏବଂ ତାହା କ'ଣ ଏହି କି ଯେ, ନିଜ ଆଧ୍ୟାତ୍ମିକ ଓ ଚାରିତ୍ରିକ ଅବସ୍ଥାକୁ ପରିମାର୍ଜିତ କରିବା । ଏବଂ ଏହି ଚରିତ୍ର ଗୁଡିକ ଏଠାକୁ ଆସୁଥିବା ଅଣ ଅହେମଦୀ ଲୋକମାନଙ୍କୁ ମଧ ଇସ୍ଲାମ୍ର ଉତମ ଚରିତ୍ର ବିଷୟରେ ବତାଇବାର ମାଧ୍ୟମ ହେବ । ଏହା ଏକ ନୀରବ ତବ୍ଲିଗ୍ ଅଟେ । ଅତିଥିମାନେ ଓ କାର୍କୁନ୍ ମାନେ ମଧ ନିରବ ତବ୍ଲିଗ୍ କରିଚାଲୁଥିବେ ।

ଆଁ ହଜୁର ସ:ଆ:ସ କହୁଛନ୍ତି କି - ନିକିତୀରେ ଉତମ ଚରିତ୍ରଠାରୁ ଅଧିକ ଓଜନ ଅନ୍ୟ କୌଣସି ଜିନିଷ ହୋଇନଥାଏ ଏବଂ ଉତମ ଆଚରଣର ଅଧିକାରୀ, ନମାଜ ଓ ରୋଜା ନିୟମିତ ଭାବରେ ସମ୍ପାଦନ କରିଥାଏ (ସୁନନେ ଅବୁ ଦାଉଦ, କିତାବୁଲ୍ ଅଦବ୍ ବାବ୍ ଫି ହୁସ୍ନୁଲ୍ ଖୁଲ୍କ, ହଦିସ୍ ନଂ-୪୭୯୮-୪୭୯୯) ଅର୍ଥାତ ତାହାକୁ ପୁଣ୍ୟ କରିବାର ଶକ୍ତି ମିଳିଥାଏ ଓ ବିଶେଷ ରୂପେ ଯେବେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଖାତିର୍ ପୁଣ୍ୟ କରିବାର ଶକ୍ତି ମିଳେ ତେବେ ତାର ଉପାସନା କରିବା ପ୍ରତି ମଧ ଧ୍ୟାନ ସୃଷ୍ଟି ହୋଇଥାଏ । ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରିବାର ଶକ୍ତି ମିଳିଥାଏ କି ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ମୁତାବକ ମୁଁ ଉତମ ଚରିତ୍ରକୁ ପରିପ୍ରକାଶ କରୁଅଛି ଓ ଏହି କୃତଜ୍ଞତା ଉପାସନା କରିବା ପ୍ରତି ଧ୍ୟାନ ଆକର୍ଷଣ କରାଏ । ଯେପରି ଗୋଟିଏ ପୁଣ୍ୟ ଆହୁରି ଉତମ ପୁଣ୍ୟ କରିବା ପାଇଁ ଶକ୍ତି ପ୍ରଦାନ କରି ଚାଲିଥାଏ । ପୁଣି ସେହି ପୁଣ୍ୟ କର୍ମ ଆଗକୁ ନିଜର ଛୁଆ ଜନ୍ମ କରିଚାଲେ । ଅତଃ କାର୍କୁନ୍ (କର୍ମୀମାନେ) ବିଶେଷ ଭାବରେ ଏହାକୁ ଆପଣାଇ ନେବା ଉଚିତ୍ କି ଯେଉଁଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁ ନା କାହିଁକି କେହି କିପରି ବ୍ୟବହାର କରନ୍ତୁ ନା କାହିଁକି ସର୍ବଦା ହସିହସି ଅତିଥିମାନଙ୍କ ସେବା କରିବା ଉଚିତ୍ । ଏତତ୍ ଦ୍ୱାରା ଏହି ପ୍ରକାଶ ଆଚରଣର ପ୍ରଭାବ ସେମାନଙ୍କ ହୃଦୟରେ ପଡ଼ିଥାଏ ଏବଂ ହୃଦୟ ମଧ ଦ୍ୱିବିଧାରେ ପଡ଼ିବାରୁ ମୁକ୍ତି ଲାଭ କରିଥାଏ । ପୁଣି ଯେତେବେଳେ ହୃଦୟ ନିର୍ମଳ ରହିଥାଏ ସେତେବେଳେ ଯେଉଁ ନିଷ୍ପତି ନେବ ତାହା କଦାପି ଭୁଲ୍ ହେବ ନାହିଁ, ଯାହାକି ଉତେଜିତ ଓ ବ୍ୟଗ୍ରତା ଯୋଗୁଁ ହୋଇଯାଏ । ହଜୁର ସ.ଆଙ୍କ ଉତମ ଆଚରଣ ସମ୍ବନ୍ଧରେ ଜଣେ ସାହାବି ବର୍ଣ୍ଣନା କରନ୍ତି ମୁଁ ହଜୁର ସ.ଆଙ୍କ ବ୍ୟତୀତ ଅନ୍ୟ କାହାର ଏପରି ହସହସ ମୁହଁ ଦେଖି ନାହିଁ । (ସୁନନେ ତିରମିଜି, ଅବୁଆବଲ୍ ମନାକିବ, ବାବ୍ କୌଲେ ଇବ୍ନେ ଜଜ୍ ମା ରାଇତୁ ଅହଦନ୍ ଅକ୍ସର୍ ତବସ୍ସୁମନ ହଦିସ୍-୩୬୪୧)

ପୁଣି ହଜୁର ନିଜ ଅନୁଗାମୀ ମାନଙ୍କୁ ଉପଦେଶ ଦିଅନ୍ତି କି ନମ୍ର ଆଚରଣ କର କାରଣ ଯେ ନମ୍ର ଆଚରଣ କରିବାରୁ ବଂଚିତ ରହିଗଲା ସେ କଲ୍ୟାଣ (ପ୍ରାପ୍ତି)ରୁ ବଂଚିତ ରହିଯାଇଥାଏ । (ସହି ମୁସ୍ଲିମ୍, କିତାବୁଲ୍ ବିର୍ର ଓ୍ୱସ୍ ସିଲା, ବାବ୍ ଫଜଲୁର୍ ରିଫକ, ହଦିସ୍ ନଂ-୬୫୯୮) ଯଦି ଏହି କଥାକୁ କାର୍କୁନ୍ ଓ ସାମିଲ୍ ହୋଇଥିବା ଲୋକେ ଉଭୟେ ବୁଝିନିଅନ୍ତି ତେବେ ଜଲସାର ଏହି (ଆଧ୍ୟାତ୍ମିକ) ପରିବେଶର ବରକତରୁ ନିଜ ଅଣ୍ଟି ଭରିନେବେ । କାର୍କୁନ୍ମାନେ ଅଲ୍ଲାଃତାଲାଙ୍କ ଫଜଲରୁ ପ୍ରତ୍ୟେକ ଅତିଥିମାନଙ୍କର ସହୃଦୟତାର ସହିତ ସେବା କରୁଛନ୍ତି କିନ୍ତୁ ଯଦି କାହା ମନରେ ଏ ଭାବନା ଆସେ କି ଅମୁକ ବ୍ୟକ୍ତିକୁ ଅଧିକା ପଚରା ଯାଉଛି ଓ ମୋତେ କମ୍ ବୋଲି । ତେବେ ଏହି ଭାବନାକୁ ମଧ ଦୂର କରିବା ପାଇଁ ଚେଷ୍ଟା କରିବା ଉଚିତ୍ ଅର୍ଥାତ୍ ଯଦି କାହା ମନ ଭିତରେ ଏ ଭାବନା ଆସେ ତେବେ କାର୍କୁନ୍ମାନେ ଏହି ଭାବନାର ଦୂରୀକରଣ କରନ୍ତୁ । କିନ୍ତୁ ଏଥି ସହିତ ମୁଁ ଜଲସାରେ ଯୋଗଦେବାକୁ ଆସିଥିବା ଅତିଥିବୃନ୍ଦକୁ କହିବି କି ଜଲସାର ଏହି ପ୍ରଶସ୍ତ ବ୍ୟବସ୍ଥା ସେବକମାନଙ୍କ ଦ୍ୱାରା ସମ୍ପାଦିତ ହେଉଅଛି ସେମାନେ ଆମର ବେତନ ଭୁକ୍ତ କର୍ମଚାରୀ ନୁହନ୍ତି । ସେମାନଙ୍କ ମଧ୍ୟରୁ କେତେକ ନିଜ ନିଜ କ୍ଷେତ୍ରରେ ବେଶ ଉଚ୍ଚ ପଦରେ ଅଧିଷ୍ଠିତ ହଜରତ ମସିହ ମଉଦ ଆ.ସଙ୍କ ଅତିଥିମାନଙ୍କ ସେବା କରିବା ମନଭାବ ନେଇ ସେମାନେ ଆପ୍ରାଣ ଉଦ୍ୟମ କରିଥାନ୍ତି । ସେହିପରି ନବଯୁବକମାନେ ଯେଉଁମାନେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ବିଶ୍ୱ ବିଦ୍ୟାଳୟରେ ଅଧ୍ୟୟନରତ, ଯୁବତି ଓ ଯୁବକ ତଥା ପିଲାମାନେ ରହିଛନ୍ତି । ସେମାନେ ସମସ୍ତେ ଏକ ଉତ୍ସାହର ସହିତ ଅତିଥିମାନଙ୍କ ସେବା କରିଥାନ୍ତି । ତେଣୁକରି ଯଦି କୌଣସି ସ୍ଥାନରେ ଛୋଟମୋଟ ଦୋଷତ୍ରୁଟି ଦେଖନ୍ତି ତେବେ ତାହାକୁ ଅଣଦେଖା କରିବେ ଏବଂ ଗୋଟିଏ ଉଦ୍ଦେଶ୍ୟକୁ ସମ୍ମୁଖରେ ରଖନ୍ତୁ କି କେବଳ ଅଲ୍ଲାଃତାଲା ଓ ତା ରସୁଲ୍ ସ:ଆ:ସ ଓ ତାଙ୍କ ଦୀନ୍ର କଥା ଶୁଣିବା ନିମନ୍ତେ ଏକାଠି ହୋଇଅଛେ ଓ ଯେବେ ଏହି ଉଦ୍ଦେଶ୍ୟ ସମ୍ମୁଖରେ ରହିବ ତେବେ କୌଣସି ପ୍ରକାରର ଆପତି ଅଭିଯୋଗ ସୃଷ୍ଟି ହେବନାହିଁ । ଜଲସାର କାର୍ଯ୍ୟଗୁଡିକୁ କରିବା ପାଇଁ ନିୟମିତ ଗୋଟିଏ ବ୍ୟବସ୍ଥାପକ ରହିଛି । ବିଭିନ୍ନ ପ୍ରକାରର ବିଭାଗ ରହିଛି ଯାହା ଏହି ସବୁ କାର୍ଯ୍ୟଗୁଡିକୁ ସୁଚାରୁରୂପେ ତୁଲାଇବା ପାଇଁ ତିଆରି କରାଯାଇଛି । ଯଦି କୌଣସି ଅତିଥିଙ୍କୁ କୌଣସି ବିଭାଗରେ ନ୍ୟୁନତା ପରିଲକ୍ଷିତ ହୁଏ ବା ଯେଉଁଭଳି ସେ ଭାବୁଥାନ୍ତି କି ଏପରି ଆତିଥ୍ୟତା ହେବା ଉଚିତ୍ ବୋଲି ଯଦି ତାହା ସେପରି ହୋଇନଥାଏ ତେବେ କର୍ମୀମାନଙ୍କ ସହ ଯୁକ୍ତି କରିବା ପରିବର୍ତେ ଉକ୍ତ ବିଭାଗର ଇନ୍ଚାର୍ଯ୍ୟଙ୍କୁ ଲେଖି ଜଣାଇବେ । ଯଦି ଉକ୍ତ ସୁଧାର ଚଳିତ ବର୍ଷ ହୋଇନପାରେ ତେବେ ଆସନ୍ତା ବର୍ଷ ସେଥିପ୍ରତି ନିଶ୍ଚିତ ଧ୍ୟାନ ଦିଆଯିବ ଏବଂ **ଆମ ଜମାଅତ ନିଜାମର ଏହି ବିଶେଷତା ଅଟେ ଏବଂ ଏହା ହେବା ଉଚିତ୍ କି ଯେଉଁ ଦୋଷତ୍ରୁଟିର ଟିପଣୀ କରାଯାଏ ତାହାକୁ ଆମେ ଦୂର କରି ସେଥିରେ ସୁଧାର ଆଣିବାକୁ ଚେଷ୍ଟା କରିଥାଉ ।**

ଅତିଥି ସତ୍କାରର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଉଛି ଖାଦ୍ୟ ପ୍ରସ୍ତୁତି ବିଭାଗ । ଜଲସା ଦିନ ଗୁଡିକରେ ଲଙ୍ଗରଖାନାରେ ବିଶେଷ ଖାଦ୍ୟ ପ୍ରସ୍ତୁତ ହୋଇଥାଏ ଓ ସେହି ସବୁ ଖାଦ୍ୟକୁ ରନ୍ଧାଯାଇଥାଏ । ବର୍ତମାନ ସମୟରେ ଦୁନିଆର ପ୍ରତ୍ୟେକ ସ୍ଥାନରେ ଯେଉଁଠି ମଧ ଆମର ଜଲସା ଅନୁଷ୍ଠିତ ହେଉଅଛି ବା ସାଧାରଣତଃ ସେହି ସ୍ଥାନ ଗୁଡିକରେ ଯେଉଁଠି ପାକିସ୍ତାନୀ ଏବଂ ହିନ୍ଦୁସ୍ତାନୀ ଲୋକମାନେ ଅଧିକ ଅଛନ୍ତି ସେଠାରେ ଏକପ୍ରକାର ଖାଦ୍ୟ ରନ୍ଧା ପ୍ରସ୍ତୁତ କରାଯାଇଥାଏ । କେବଳ କିଛି ଖାଦ୍ୟ ଏପରି ହୋଇଥାଏ ଯାହା ଅନ୍ୟ ଦେଶର ଲୋକମାନଙ୍କ ନିମନ୍ତେ ବିଶେଷ ରୂପେ ପ୍ରସ୍ତୁତ ହୋଇଥାଏ । ଅନ୍ୟଦେଶର କହିବା ଅର୍ଥ ହେଉଛି ଅଣପାକିସ୍ତାନୀ ଓ ଅଣ ହିନ୍ଦୁସ୍ତାନୀ । ଏଥିରେ ଅଧିକାଂଶ ଲୋକେ ଯେଉଁମାନେ ସାମିଲ୍ ହୋଇଥାନ୍ତି ଯେପରିକି ମୁଁ କହିଲି କି ପାକିସ୍ତାନୀ ବା ହିନ୍ଦୁସ୍ତାନୀ ରିଜିଅନ୍ର ଲୋକେ ଥାଆନ୍ତି । ସେଥିପାଇଁ ଏହି ବିଶେଷ ଖାଦ୍ୟ ଆଳୁ, ମାଂସ ଓ ଡାଲି ଲଙ୍ଗରଖାନାରେ ପ୍ରସ୍ତୁତ ହୋଇଥାଏ ଏବଂ ରୋଟି ମଧ । କିନ୍ତୁ ଖାଦ୍ୟ ପ୍ରସ୍ତୁତକାରୀ ଏଥିପ୍ରତି ଧ୍ୟାନ ଦେବେ କି ଠିକ୍ ଅଛି ଖାଦ୍ୟ ତ ଆମ ଇଚ୍ଛାନୁସାରେ ଏମାନଙ୍କୁ ଖୁଆଇବୁ କିନ୍ତୁ ଖାଦ୍ୟ ଭଲ ଭାବରେ ସିଝିଥିବା ଉଚିତ୍ । ବିଶେଷ ରୂପେ ମାଂସ ଠିକ୍ ରୂପେ ସିଝିବା ଉଚିତ୍ । ମୁଁ ଜାଣିବାକୁ ପାଇଲି କି ଗତକାଲିର ମାଂସ ଭଲଭାବରେ ସିଝିନଥିଲା ବୋଲି । ଗତକାଲି ଅଳ୍ପ ଅତିଥି ଥିଲେ ତେଣୁ ଅଧିକା ଅଭିଯୋଗ ଆସିନାହିଁ । କିନ୍ତୁ ଆଜିମଧ ସେହି ଅବସ୍ଥା ରହିବ ତେବେ ପୁଣି ଇନ୍ତେଜାମିୟା (ବ୍ୟବସ୍ଥାପକ)ଙ୍କୁ ଏ ସମ୍ବନ୍ଧରେ ଗମ୍ଭୀରତାର ସହିତ ଚିନ୍ତା କରିବାକୁ ପଡ଼ିବ । ଯଦି ମାଂସର କ୍ୱାଲିଟି ଭଲ ନଥିଲା ତେବେ ଇନ୍ତେଜାମିଆଙ୍କୁ ତତ୍କ୍ଷଣାତ୍ ଏ ବିଷୟରେ କାରବାଇ କରିବା ଉଚିତ୍ ହେବ କି ଭଲ କ୍ୱାଲିଟିର ମାଂସ ମିଳୁ । ମୋର ଆଶା (ଖାଦ୍ୟ ଭଲ ଭାବରେ ପ୍ରସ୍ତୁତ ହୋଇନଥିଲେ) ଅତିଥିମାନେ ତ ଅଭିଯୋଗ କରିବେ ନାହିଁ କିନ୍ତୁ ଯଦି ସେମାନେ (ଅଭିଯୋଗ) କରନ୍ତି ତେବେ ଉତ୍ୟକ୍ତ ନହୋଇ ନମ୍ରତାର ସହିତ ବ୍ୟବସ୍ଥା ମୁଖ୍ୟଙ୍କୁ ଅବଗତ କରିଦେବେ କି ଏଥିରେ ଏହି ତ୍ରୁଟି ରହିଛି ତାହାକୁ ଦୂର କରନ୍ତୁ । ଏହିଭଳି ଖାଦ୍ୟ ମଧ ନଷ୍ଟ ହୋଇନଥାଏ ଓ ଆମକୁ ରିଜିକ୍ର ସୁରକ୍ଷା କରିବା ପାଇଁ ମଧ ହୁକୁମ୍ ଦିଆଯାଇଛି ।

ଅତିଥିମାନଙ୍କୁ ଏଥିପ୍ରତି ମଧ ଧ୍ୟାନ ଦେବା ଉଚିତ୍ ଯେପରିକି ହଜୁର ସ.ଆ କୁହନ୍ତି ଇସଲାମର ଏକ ସୌନ୍ଦର୍ଯ୍ୟ ଏହା ଅଟେ କି ମୋମିନ୍ ନିରର୍ଥକ ଓ ଅଯଥା ବାର୍ତାଳାପ କରିନଥାଏ । (ସୁନନେ ଇବ୍ନେ ମାଜା, କିତାବୁଲ୍ ଫିତନ୍ ବାବ୍ କଇଫଲ୍ ଲିସାନ ଫିଲ୍ ଫିତ୍ନା ହଦିସ୍ ନଂ-୩୯୭୬) ଏବଂ ଏହି ଜଲସାକୁ ହଜରତ ମସିହ ମଉଦ ଆ.ସ କେବଳ ହିଁ କେବଳ ଅଲ୍ଲାଃତାଲାଙ୍କ ଜଲସା ବୋଲି କହିଛନ୍ତି ତେଣୁକରି ସମସ୍ତ ପ୍ରକାରର ନିରର୍ଥକ ବାର୍ତାଳାପରେ ସମୟ ନଷ୍ଟ କରିବାରୁ ନିବୃତ ରହିବା ଉଚିତ୍ । ଜଲସାର କାର୍ଯ୍ୟକ୍ରମଗୁଡ଼ିକୁ ଧ୍ୟାନ ପୂର୍ବକ ଶୁଣିବେ । ବକ୍ତାମାନେ ଆପଣଙ୍କ ପସନ୍ଦର ଥାଆନ୍ତୁ ବା ନଥାଆନ୍ତୁ କିନ୍ତୁ ବକ୍ତାମାନଙ୍କର ବିଷୟ ବସ୍ତୁ ଏପରି ରଖାଯାଇଛି ଯାହା ସମସ୍ତଙ୍କ ପାଇଁ ଲାଭପ୍ରଦ ହେବ ଓ ପ୍ରତ୍ୟେକ ଭାଷଣରେ କିଛି ନା କିଛି କଥା ଏମିତି ରହିଛି ଯାହା କୌଣସି ନା କୌଣସି ହୃଦୟ ଉପରେ ପ୍ରଭାବ ପକାଇବ । ସେଇଥିପାଇଁ ବହୁତ ମଗ୍ନତାର ସହିତ ଶୁଣିଲେ ଏହାର ପ୍ରଭାବ ମଧ ପଡ଼ିବ । ଅତି ଆବଶ୍ୟକ ନପଡ଼ିଲେ ବାହାରକୁ ଯିବେ ନାହିଁ ଏବଂ ଯେଉଁଭଳି ବର୍ତମାନ ସମୟରେ ଉପସ୍ଥାନ ଅଛି ଜଲସା ସମୟରେ ମଧ ଓ ପ୍ରତ୍ୟେକ ପ୍ରୋଗ୍ରାମ୍ରେ ଏହିଭଳି ଉପସ୍ଥାନ ରହିବା ଉଚିତ୍ । ଯଦ୍ଦ୍ୱାରା ଛୋଟ ଛୋଟ ପିଲା ଓ ଯୁବକମାନେ ମଧ ଜଲସାର ଗୁରୁତ୍ୱକୁ ଅନୁଭବ କରିପାରିବେ ଓ ସେମାନେ ନିଜକୁ ଦୀନ୍ ସହିତ ଯୋଡିବା ପାଇଁ ଚେଷ୍ଟା କରିବେ । ଆଜିକାଲିର ସାଂସାରିକ ଆକର୍ଷଣ ପିଲା ଓ ନବଯୁବକମାନଙ୍କୁ ଧର୍ମର ଗୁରୁତ୍ୱକୁ ହୃଦୟଙ୍ଗମ କରିବାରୁ ବିମୁଖ କରୁଅଛି । **ସୁତରାଂ ସେମାନଙ୍କୁ (ଧର୍ମ) ସହିତ ଯୋଡ଼ିବା ବହୁତ ବଡ଼ ତଥା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ ।** ପିତାମାତାଙ୍କୁ ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ । ପ୍ରତ୍ୟେକ ମାତାପିତାଙ୍କୁ ଏଥିପ୍ରତି ଯତ୍ନବାନ ହେବା ଉଚିତ୍ । ଅଲ୍ଲାଃତାଲା ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

ତରବିୟତ କରିବା ଓ ପିଲାମାନଙ୍କୁ ଧର୍ମ ସହ ଯୋଡ଼ିବା ସମ୍ବନ୍ଧରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉପାସନା କରିବା ଓ ସେଥିପାଇଁ ଆମ ଉପରେ ପାଂଚବେଳା ନମାଜକୁ ପଢ଼ିବା ଧାର୍ଯ୍ୟ କରାଯାଇଛି । ଜଲସାର ପ୍ରୋଗ୍ରାମ୍ ଓ ମୁସାଫିର୍ ମାନଙ୍କ ଯୋଗୁ, ଯେଉଁମାନେ ବାହାରୁ ଆସିଛନ୍ତି, ଆମେ ଆଜିକାଲି ନମାଜ ଗୁଡିକ ଜମା କରୁଅଛୁ । ତେଣୁ ଏହି ନମାଜ ଗୁଡିକୁ ସମୟାନୁସାରେ ପଢ଼ିବା ଜରୁରୀ ଅଟେ । ଏହାର ନିଜେ ସମ୍ପାଦନକାରୀ ହେବା ସହିତ ନିଜ ପିଲାମାନଙ୍କୁ ମଧ ନମାଜ ସମୟରେ, ଯଦି ଏଠି ହଦିକତୁଲ୍ ମେହଦୀରେ ଅଛନ୍ତି ନିଜ ସାଥିରେ ନିଶ୍ଚିତ ଆଣନ୍ତୁ । ଫଜର୍ ନମାଜ ମଗରିବ୍ ଓ ଇସା ନମାଜ ସମୟରେ ଯଦି ଏଠାରେ ନାହାଁନ୍ତି ଓ ନିଜ ଘରକୁ ଚାଲିଯାଇଛନ୍ତି ତେବେ ସେଠାରେ ପାଖରେ ଥିବା ସେଂଟର୍ ବା ମସଜିଦ୍କୁ ସାଥିରେ ନେଇ ଯାଆନ୍ତୁ । ଯଦି ନମାଜ ସେଣ୍ଟର ଘରଠାରୁ ଦୂରରେ ଅବସ୍ଥିତ

ଥାଏ ତେବେ ନିଜ ଘରେ ବାଜମାଅତ ନମାଜ ପାଠ କରିବାର ବ୍ୟବସ୍ଥା କରିବା ଉଚିତ୍ । ଏହିପରି କର୍ମୀମାନଙ୍କୁ ମଧ୍ୟ ନିୟମିତ ଭାବରେ ନମାଜ ସମୟରେ ଏଠି ବାଜମାଅତ୍ ପାଠ କରନ୍ତୁ ଏବଂ ଯେଉଁମାନେ ଡ୍ୟୁଟିରେ ଅଛନ୍ତି ସେମାନେ ଡ୍ୟୁଟି ଶେଷ କରିବା ପରେ ସର୍ବପ୍ରଥମେ ନମାଜ ପାଠ କରନ୍ତୁ । ତେଣୁ ଡ୍ୟୁଟି ଲଗାଉଥିବା ଇନ୍‌ଚାର୍ଯ୍ୟ ବା ବ୍ୟବସ୍ଥାପକ ମାନଙ୍କୁ ମଧ୍ୟ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ ହେବ କି ଡ୍ୟୁଟି ଗୁଡିକ ନମାଜ ପଢ଼ିବାର ସମୟକୁ ସମ୍ମୁଖରେ ରଖି ଲଗାଯାଉ । ଏପରି ନହେଉ କି ଡ୍ୟୁଟି ଯୋଗୁ ନମାଜର ସମୟ ଚାଲିଯାଉ । ଏପରି ସିଫ୍‌ଟ୍ ହେବା ଉଚିତ୍ କି ପ୍ରଥମ ସିଫ୍‌ଟ୍ ଓ ଦ୍ୱିତୀୟ ସିଫ୍‌ଟ୍‌କୁ ନମାଜ ପଢ଼ିବାର ଅବସର ମିଳୁ । ଯଦି ଆମେ ନମାଜ ପାଠ କରିବା ପ୍ରତି ଯତ୍ନବାନ ନୁହେଁ ତେବେ ଆମର ସମସ୍ତ କାର୍ଯ୍ୟ ନିରର୍ଥକ ଅଟେ ।

ବ୍ୟବସ୍ଥା ଦୃଷ୍ଟି କୋଣରୁ ମଧ୍ୟ ମୁଁ କିଛି କଥା କହିବାକୁ ଚାହେଁ । ଯେଉଁମାନେ ନିଜ ଗାଡ଼ିରେ ଆସୁଛନ୍ତି ସେମାନେ ଇନ୍ତେଜାମିଆ ସହିତ ସହଯୋଗ କରନ୍ତୁ । ଯେଉଁଭଳି ଗାଡିଗୁଡିକୁ ପାର୍କ୍ କରିବା ପାଇଁ କୁହାଯାଉଛି ସେହିଭଳି କରନ୍ତୁ । ପାର୍କିଂ କରିବାରେ ବେଳେବେଳେ ସମସ୍ୟା ସୃଷ୍ଟି ହୋଇଥାଏ । କିଛି ଲୋକ ଜିଦି କରିଥାନ୍ତି ଓ ନିଜ ମନଇଚ୍ଛାରେ ପାର୍କିଂ କରିବା ପାଇଁ କାର୍‌କୁନ୍‌ଙ୍କ ସହିତ ଝଗଡ଼ା କରିଥାନ୍ତି । ଏହାଦ୍ୱାରା ଇନ୍ତେଜାମ୍ ଖରାପ ହୋଇଥାଏ ଓ ବେଳେବେଳେ ଏପରି ହେବାଦ୍ୱାରା ତାହା (risk) ରିସ୍କର ମାଧ୍ୟମ ହୋଇଯାଏ ଓ କିଛି ସମସ୍ୟା ମଧ୍ୟ ସୃଷ୍ଟି ହୋଇଯାଏ ବା ବିପଦ ମଧ୍ୟ ସୃଷ୍ଟି ହୋଇଯାଏ । ସେହିଭଳି ଏଠି ଜଲ୍‌ସାଗାଃ ବ୍ୟତୀତ ଯେଉଁମାନେ ମସଜିଦ୍ ଫଜଲକୁ ନମାଜ ପାଠ କରିବାକୁ ଆସୁଛନ୍ତି, ଏ ସମ୍ବନ୍ଧରେ କାର୍‌କୁନ୍ ମାନଙ୍କୁ ମୁଁ ରବିବାର ଦିନ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଥିଲି କି ସେମାନେ ଡ୍ୟୁଟି ଦିଅନ୍ତୁ । କିନ୍ତୁ ଏଠାକୁ ଆସୁଥିବା ଅତିଥିମାନେ, ଯେଉଁମାନେ ଏହି ଇଲାକାରେ ନମାଜ ପାଠ କରିବେ, ସେମାନଙ୍କୁ ମଧ୍ୟ ମନେ ରଖିବା ଉଚିତ୍ ହେବ କି ଯେଉଁମାନେ ମସ୍‌ଜିଦ୍ ଫଜଲ୍‌ରେ ନମାଜ ପଢ଼ିବାକୁ ଆସୁଛନ୍ତି ସେମାନେ ନିଜ ଗାଡ଼ି ଏପରି ସ୍ଥାନରେ ଛିଡ଼ା କରନ୍ତୁ ଯେପରି ପଡ଼ୋଶିମାନଙ୍କୁ କୌଣସି ପ୍ରକାରର ଅସୁବିଧା ନହୁଏ ସେମାନଙ୍କୁ ନିଜ ଘରେ ପ୍ରବେଶ କରିବାର ରାସ୍ତା ଅବରୋଧ ନହୁଏ ଏବଂ ସେମାନଙ୍କୁ କଷ୍ଟ ନପହଂଚୁ । ରବିବାର ଦିନ ମୁଁ କାର୍‌କୁନ୍ ମାନଙ୍କୁ ମଧ୍ୟ ଏହା କହିଥିଲି କି ଆମ ପଡୋଶୀମାନେ ଏ ଅଭିଯୋଗ କରୁଛନ୍ତି କି ତୁମେମାନେ ନିଜ କାର୍‌ଗୁଡିକୁ ଆମ ଘର ସମ୍ମୁଖରେ ଏପରି ଛିଡ଼ା କରିଦେଉଛ ଯଦ୍ୱାରା ଆମ ଘର ରାସ୍ତା ବନ୍ଦ୍ ହୋଇଯାଉଛି । ଏହାଦ୍ୱାରା ନା ତ ଆମେ ନିଜ ଗାଡ଼ିଗୁଡିକୁ ବାହାରକୁ ବାହାର କରିପାରୁଛୁ ନା ଘର ଭିତରେ ରଖିପାରୁଛୁ । କିଛି ଲୋକେ, ଯେଉଁମାନଙ୍କ ସହିତ ସମ୍ପର୍କ ସବୁବର୍ଷ ବା ଇଦ୍ ସମୟରେ ଉପହାର ଦିଆଯାଉଛି ବା ସେମାନଙ୍କ ନିକଟକୁ ଜଲ୍‌ସା ସମୟରେ ଯୋଗାଯୋଗ ପାଇଁ ଯାଉଛନ୍ତି, ସେମାନେ କହୁଛନ୍ତି କି ତୁମେ କହୁଛ ଯେ ଖିଲାଫତ୍ ଆମର ମାର୍ଗ ଦର୍ଶନ କରୁଛି ବୋଲି ଓ ତୁମେ ଖିଲାଫତ୍ ବିଷୟରେ ବଡ଼ ବଡ଼ କଥା କହୁଛ କି ଆମେ ଖଲିଫାଙ୍କ କଥା ମାନୁଛୁ ବୋଲି । ତେବେ ତୁମର ଯେଉଁ ଖଲିଫା ଅଛନ୍ତି ସେ ତୁମକୁ ପଡୋଶୀଙ୍କ ହକ୍ ସମ୍ବନ୍ଧରେ ବତାଉନାହାଁନ୍ତି ବା ତୁମେ ତାଙ୍କ କଥା ମାନୁନାହଁ । ଏହା ଏପରି କଥା ଯାହା ପ୍ରତ୍ୟେକ ବ୍ୟକ୍ତିଙ୍କ ନିମନ୍ତେ ଲଜ୍ଜାର କଥା । ଯେଉଁ ଅଣ ଅହେମଦୀମାନେ ଆମ ସମ୍ବନ୍ଧରେ ଏପରି କଥା ପ୍ରକାଶ କରୁଛନ୍ତି ମୋତେ ଏହା ଶୁଣି ବହୁତ ଲାଜ ଲାଗୁଛି ଓ ସେମାନଙ୍କର କଥା ମଧ୍ୟ ଠିକ୍ । ଯଦି ଆମେ ଏପରି କରୁଛେ ତେବେ ଏହି ଦୁଇଟି କଥା ହେବ । ତେଣୁ ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ଓ ବିଶେଷ ରୂପେ ଏହାର ଧ୍ୟାନ ରଖନ୍ତୁ । ନିଜକୁ ପଛେ କଷ୍ଟ ଦିଅନ୍ତୁ କିନ୍ତୁ ପଡୋଶୀ ମାନଙ୍କର ରାସ୍ତା କଦାପି ବନ୍ଦ୍ କରନ୍ତୁ ନାହିଁ । ତାଙ୍କୁ କଷ୍ଟରେ ପକାନ୍ତୁ ନାହିଁ । ଇସ୍‌ଲାମ୍ ଯେତେ ପଡୋଶୀମାନଙ୍କର ଅଧିକାରକୁ ପ୍ରତିଷ୍ଠା କରିବା ପାଇଁ ପ୍ରୋତ୍ସାହନ ଦେଇଥାଏ ଅନ୍ୟ କୌଣସି ଧର୍ମ ସେଭଳି ଖୋଲାଖୋଲି ଭାବେ ପ୍ରୋତ୍ସାହନ କରିନଥାଏ କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଯଦି ଆମମାନଙ୍କ ମଧ୍ୟରୁ କିଛି ଏହା ଉପରେ ଅମଳ କରୁନାହାଁନ୍ତି ତେବେ ଏହା ଲଜ୍ଜାର ବିଷୟ । ଏବଂ ସେ ହେଉଛି ପାପି । ମୁଁ ବିଶେଷ ରୂପେ ସେହି ଲୋକମାନଙ୍କୁ କହୁଛି ଯେଉଁମାନେ ଲଣ୍ଡନ୍ ବାହାରୁ ଆସୁଛନ୍ତି ଓ ୟୁରୋପ୍‌ରୁ ଆସୁଛନ୍ତି । ଜର୍ମାନୀ ଇତ୍ୟାଦି ଦେଶରୁ ନିଜର କାର୍‌ରେ ବସି ଆସୁଛନ୍ତି । ତେଣୁ ଏକଥାକୁ ବିଶେଷ ରୂପେ ଧ୍ୟାନ ଦିଅନ୍ତୁ । କିଛି ଲୋକ ଏପରି ଅଛନ୍ତି ଯେଉଁମାନେ ଧ୍ୟାନ ରଖୁନାହାଁନ୍ତି ଓ ମୋତେ ବତାଯାଇଛି କି ଡ୍ୟୁଟିରେ ଛିଡା ହୋଇଥିବା କିଛି ଯୁବକ ଯେବେ ସେମାନଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଲେ ଏହାଦ୍ୱାରା ସେମାନେ ତାଙ୍କ ସହିତ ମଧ୍ୟ ଖରାପ ଆଚରଣ କଲେ ଓ ଖରାପ କଥା କହିଲେ । ପ୍ରଥମତଃ ଭୁଲ୍ ପାର୍କିଂ କରି ଅପରାଧ କରୁଛନ୍ତି । ପଡୋଶୀମାନଙ୍କର ହକ୍‌କୁ ମାରି ଅପରାଧ କରୁଛନ୍ତି ପୁଣି ଏପରି ଆଚରଣ କରୁଛନ୍ତି ଯଦ୍ୱାରା ପିଲାମାନଙ୍କ ଓ ଯୁବକମାନଙ୍କର ହୃଦୟରେ ବଡମାନଙ୍କ ପ୍ରତି ଥିବା ସମ୍ମାନ ଶେଷ ହୋଇଯାଉଛି । ଏପରି କହିବା ଦ୍ୱାରା ସେ ପିଲାମାନେ ମଧ୍ୟ ପ୍ରତିବଦଳରେ ସେହିଭଳି କହିବେ । ତେଣୁ କାହିଁକି ସେମାନଙ୍କୁ ଏପରି ପରୀକ୍ଷାରେ ପକାଉଛନ୍ତି । ତେଣୁ ଏହିଭଳି ଆଚରଣ ଦେଖାଉଥିବା ଲୋକମାନଙ୍କୁ ଜଲ୍‌ସା ନିମନ୍ତେ ଖର୍ଚ୍ଚ କରି ଓ ଏତେ ଦୂରରୁ ଯାତ୍ରା କରି ଆସିବା ନିରର୍ଥକ, ଭଲ ହେବ କି ସେମାନେ ନା ଆସନ୍ତୁ । ସେମାନେ ଆସି ନା କେବଳ ସେମାନଙ୍କୁ କ୍ଷତି ପହଂଚାଉଛନ୍ତି ବରଂ ଈଶ୍ୱରଙ୍କ ନିର୍ଦ୍ଦେଶକୁ ବିରୋଧ କରି ପିଲାମାନଙ୍କର ତର୍‌ବିୟତ୍‌କୁ ମଧ୍ୟ ଖରାପ କରୁଛନ୍ତି, ଯେପରିକି ମୁଁ କହିଲି । ସୁତରାଂ ଆସନ୍ତାକୁ ଏ କଥାପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ ।

ବ୍ୟବସ୍ଥା ବିଭାଗରେ ପରିଷ୍କାର ଓ ପରିମଳ ବିଭାଗ ରହିଛି । ଏଥିପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେବାର ଆବଶ୍ୟକ ରହିଛି । ମୁଁ ସର୍ବଦା ଆପଣମାନଙ୍କୁ ମନେପକାଇଥାଏ କି ପରିଷ୍କାର ପରିଚ୍ଛନ ରହିବା ବିଶ୍ୱାସର ଏକ ଅଂଶ ଅଟେ, ଏକଥା ସର୍ବଦା ମନେ ରଖିବା ଉଚିତ୍ । ଅତିଥିମାନେ ଯେବେ ଗାଧୁଆ ଘରକୁ ବ୍ୟବହାର କରୁଛନ୍ତି, ପାଇଖାନାକୁ ବ୍ୟବହାର କରୁଛନ୍ତି ତାହାକୁ ସଫାକରି ଓ ଶୁଖାଇକରି ଆସନ୍ତୁ । କିଛି ଅଭିଯୋଗ ମିଳୁଛି କି ସେହି ସବୁରେ ଏତେ ପାଣି ରହୁଛି ଯେ ଆଉ କେହି ତା ଭିତରକୁ ଯାଇପାରିବ ନାହିଁ । ଏହା ହେଉଛି କାର୍‌କୁନ୍ ମାନଙ୍କର କାର୍ଯ୍ୟ କିନ୍ତୁ କେବଳ କାର୍‌କୁନ୍‌ଙ୍କ ଉପରେ ଏହାକୁ ଛାଡିଦିଅନ୍ତୁ ନାହିଁ, ନିଜେ ମଧ୍ୟ ସେମାନଙ୍କୁ ସାହାଯ୍ୟ କରନ୍ତୁ । ଗାଧୁଆ ଘର ଓ ଶୌଚାଳୟକୁ ପରିଷ୍କାର ରଖିବା ଉଭୟ କର୍ମୀ ଓ ଅତିଥିମାନଙ୍କ କାର୍ଯ୍ୟ । ଏହିପରି ଯଦି ରାସ୍ତା ଓ ରାସ୍ତା କଡ଼ରେ କିମ୍ବା ପଡ଼ିଆରେ ଗ୍ଲାସ, ଟିଣ, ଜରି ଆଦି ଜିନିଷ ଦେଖନ୍ତି ତେବେ ତାହାକୁ ଉଠାଇ ଡ଼ଷ୍ଟବିନ୍‌ରେ ପକାଇ ଦିଅନ୍ତୁ । ଆଜିକାଲି ଆଉଗୋଟିଏ କଥା ବହୁତ ଜରୁରୀ ଅଛି କି ବର୍ତମାନ ବର୍ଷା ନହେବା ଯୋଗୁ ବହୁମାତ୍ରାରେ ଘାଷ ଶୁଖିଯାଇଛି, ଯେଉଁଥିରେ ନିଆଁ ଲାଗିଯିବାର ବିପଦ ରହିଛି । ଯଦି ସେଗୁଡିକ କାଟି ଅନ୍ୟ କିଛି ବ୍ୟବସ୍ଥା କରି ସୁରକ୍ଷା ନିମନ୍ତେ ଚେଷ୍ଟା କରାଯାଏ ତେବେ ମଧ୍ୟ ଏହାଦ୍ୱାରା କୌଣସି ଦୁର୍ଘଟଣା ହୋଇପାରେ । ତେଣୁ ସତର୍କ ରହିବା ଉଚିତ୍ । ସେଇଥିପାଇଁ ଡ୍ୟୁଟି କରୁଥିବା ଲୋକେ ଓ ଅତିଥିମାନେ ମଧ୍ୟ ଏ କଥା ପ୍ରତି ବିଶେଷରୂପେ ଧ୍ୟାନ ଦିଅନ୍ତୁ କି କୌଣସି ପ୍ରକାରର ନିଆଁ ଲଗାଉଥିବା ଜିନିଷ ଭୂମି ଉପରେ ଫିଙ୍ଗନ୍ତୁ ନାହିଁ । ସେ ଯାହାହେଉ ଏହା ହେଉଛି ବାସ୍ତବିକ କଥା ଓ ବାସ୍ତବିକ୍ କଥାକୁ ବର୍ଣ୍ଣନା କରିଦେବା ଉଚିତ୍ ଯଦ୍ୱାରା ଦୋଷ ଦୁର୍ବଳତା ଦୂର ହୋଇପାରିବ । ଯଦି କାହାକୁ ସିଗାରେଟ୍ ପିଇବାର ଅଭ୍ୟାସ ଅଛି ତାକୁ ଏହି ଦିନ ଗୁଡିକରେ ହଦିକତୁଲ୍ ମେହ୍‌ଦୀର ସୀମାରୁ ବାହରକୁ ଯାଇ ସିଗାରେଟ୍ ପିଇବା ଉଚିତ୍ କିନ୍ତୁ ଏ କଥାରୁ ଏପରି ନଭାବନ୍ତୁ କି ମୁଁ ସିଗାରେଟ୍ ପିଇବା ପାଇଁ ଅନୁମତି ଦେଉଅଛି ଓ ଏହାକୁ ଖରାପ ବୋଲି ଭାବୁନାହିଁ । ସେ ଯାହାହେଉ ଏହା ଏକ ଖରାପକାର୍ଯ୍ୟ ଓ ଚେଷ୍ଟା କରିବା ଉଚିତ୍ ହେବ କି ଏଥିରୁ ଦୂରେଇ ରୁହନ୍ତୁ । ଏ ସମ୍ବନ୍ଧରେ ମୁଁ ଅନେକ ଖୁତ୍‌ବା ମଧ୍ୟ ଦେଇସାରିଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହାକୁ ହରାମ (ଅବୈଧ) ତ କହିନାହାଁନ୍ତି କିନ୍ତୁ ଏହାକୁ ପସନ୍ଦ ମଧ୍ୟ କରିନାହାଁନ୍ତି ବରଂ କିଛି ଅବସରରେ ଏହାକୁ ନାପସନ୍ଦ କରିବାର ପ୍ରକାଶ ମଧ୍ୟ କରିଛନ୍ତି ଓ ଏହିସବୁ କୁ ଅଭ୍ୟାସରୁ ନିବୃତ ରହିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । (ଉଦ୍ଧୃତ ମଲ୍‌ଫୁଜାତ୍, ଖଣ୍ଡ-୫ ପୃଷ୍ଠା-୨୩୫) ଓ ଯେଉଁ ଯୁବକମାନେ ଏଥିରେ ନିଶାଦ୍ରବ୍ୟ ପକାଉଛନ୍ତି, କେତେକଙ୍କୁ ଖରାପ ସୋସାଇଟିରେ ଏହି ସବୁ ଅଭ୍ୟାସ ଥାଏ । ତେଣୁ ସେ ଯାହାହେଉ ଏହା ସବୁ ଭୁଲ୍ କଥା ଓ ଏହା କରିବା ପାଇଁ ମନା କରାଯାଉଛି ଓ ଏହା ପାପ ଅଟେ ।

ଏତତ୍ ବ୍ୟତୀତ ସୁରକ୍ଷା ବ୍ୟବସ୍ଥା ଦୃଷ୍ଟି କୋଣରୁ ନିଜ ଚର୍ତୁପାର୍ଶ୍ୱ ଉପରେ ନଜର ରଖିବା, ଜଲସା ସ୍ଥଳି ଭିତରେ କିମ୍ବା ବାହାରେ କେହି କିଛି ମନ୍ଦ ଉଦ୍ଦେଶ୍ୟରେ ଆସିଥାଇ ପାରନ୍ତି ଏଥିପ୍ରତି ଦୃଷ୍ଟି ରଖିବେ । କୌଣସି ପ୍ରକାରର ସନ୍ଦେହ ଜନିତ ଦ୍ରବ୍ୟ ଦେଖିବାକୁ ପାଇଲେ କିମ୍ବା ଏପରି କାହାର କୌଣସି ହରକତ୍ ଦେଖିଲେ ସଙ୍ଗେସଙ୍ଗେ ନିକଟରେ ମୁତୟନ ଥିବା କର୍ମଚାରୀଙ୍କୁ ଏତେଲା ଦେଇ ଅବଗତ କରାଇଦିଅନ୍ତୁ । ମହିଳାମାନେ ମଧ୍ୟ ଏଥିପ୍ରତି ବିଶେଷ ଧ୍ୟାନ ରଖନ୍ତୁ କି କୌଣସି ମହିଳା ମୁହଁକୁ ଢ଼ାଙ୍କି ବା ନିକାବ୍ ନେଇ ଜଲ୍‌ସାଗାଃ ଭିତରକୁ ନଆସନ୍ତୁ ଓ ଗେଟ୍‌ରେ ସ୍କାନିଂ ଇତ୍ୟାଦି ମଧ୍ୟ ଠିକ୍ ରୂପେ କରାଯାଉ । ସେମାନଙ୍କ ଚେହେରାକୁ ଦେଖନ୍ତୁ ଓ ଜଲ୍‌ସାଗାଃ ଭିତରେ ମଧ୍ୟ ମୁହଁ ଖୋଲା ରହିବା ଉଚିତ୍ । ସ୍କାନିଂ ନିମନ୍ତେ ବିଶେଷ ବ୍ୟବସ୍ଥା ଯୋଗୁ ଯଦି ଅତିଥିମାନଙ୍କୁ ଭିତରକୁ ପ୍ରବେଶ କରିବା ପାଇଁ ଡେରି ହେଉଛି ତେବେ ଯଦି ସେମାନଙ୍କୁ କିଛି ଅପେକ୍ଷା କରିବାକୁ ପଡ଼େ ତେବେ ସେହି ସବୁ କଷ୍ଟକୁ ବର୍‌ଦାସ୍ତ୍ କରନ୍ତୁ । ସତର୍କ ରହିବା ଓ ସିକ୍ୟୁରିଟି ଉପରେ ଅଧିକ ଧ୍ୟାନ ଦେବା ଜରୁରୀ ଅଟେ ।

ମହିଳାମାନଙ୍କ ତରଫରୁ ବେଳେବେଳେ ଏ ଅଭିଯୋଗ ମଧ୍ୟ ଆସୁଛି କି ଟେଂଟ୍ ଭିତରେ ପିଲାମାନଙ୍କର ପାଟିତୁଣ୍ଡ କମ୍ ହୋଇଥାଏ ଓ ଯେଉଁ ମା ମାନଙ୍କର ପିଲା ଅଛନ୍ତି ସେମାନେ ପିଲାମାନଙ୍କୁ କିଛି ନା କିଛି ଜିନିଷ ଦେଇ ଫୁସୁଲାଇ ଦିଅନ୍ତି ବା ପିଲାମାନେ ଆପୋଷରେ ଖେଳୁଥାନ୍ତି ବା କିଛି ଖାଇବାରେ ବ୍ୟସ୍ତ ଥାଆନ୍ତି ଓ ନୀରବତାର ସହିତ ଖେଳକୁଦ କରୁଥାନ୍ତି । କିନ୍ତୁ ସେମାନଙ୍କୁ ଚୁପ୍ କରାଇ ମା ମାନେ ଏହା ଭାବୁଥାନ୍ତି କି ବର୍ତମାନ ପାଟିତୁଣ୍ଡ କରିବା ଆମପାଇଁ ଜରୁରୀ । ତେଣୁ ସେମାନେ ଆପୋଷରେ ବାର୍ତାଳାପ ଆରମ୍ଭ କରିଦେଇଥାନ୍ତି ଓ ବେଳେବେଳେ ଏହା ମଧ୍ୟ ହୋଇଥାଏ କି ସେମୋନେ ଜଲ୍‌ସାରେ ଚାଲିଥିବା ତକ୍‌ରୀର୍ ସମୟରେ ମଧ୍ୟ କଥା ହୋଇଥାନ୍ତି । ଏହାଦ୍ୱାରା ଏକପ୍ରକାର କୋଳାହଳ ସୃଷ୍ଟି ହୋଇଥାଏ ଓ ଯେଉଁ ମା ମାନେ ନିରବତାର ସହିତ ଶୁଣିବାକୁ ଚାହିଁଥାନ୍ତି ସେମାନଙ୍କୁ ମଧ୍ୟ ଏହି ମହିଳାମାନେ ଶୁଣିବାକୁ ଦେଇନଥାନ୍ତି । ତେଣୁ ଲଜ୍‌ନା ଓ ସେଠି ଡ୍ୟୁଟି ଦେଉଥିବା ମହିଳାମାନେ ମଧ୍ୟ ଏ କଥାପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ପିଲାମାନଙ୍କ ନିମନ୍ତେ ଥିବା ଟେଂଟ୍‌ରେ ମଧ୍ୟ ପିଲାମାନଙ୍କ କୋଳାହଳକୁ ବର୍‌ଦାସ୍ତ କରାଯାଇପାରେ କିନ୍ତୁ ମା ମାନଙ୍କର କୋଳାହଳକୁ ନୁହେଁ । ସେହିପରି ମହିଳାମାନଙ୍କ ତରଫରୁ ଏ ଅଭିଯୋଗ ମଧ୍ୟ କରାଯାଉଛି କି ବେଳେବେଳେ କିଛି ମହିଳାମାନେ ମୁଖ୍ୟ ଟେଂଟ୍ ଭିତରେ ଚାଲିଥିବା ଭାଷଣ ସମୟରେ ଅକାରଣରେ ବାର୍ତାଳାପ କରିଥାନ୍ତି ଓ ସେମାନଙ୍କୁ ଚୁପ୍ କରାଉଥିବା ଝିଅମାନଙ୍କ ସହିତ ଖରାପ ଢ଼ଙ୍ଗରେ କଥା ହୁଅନ୍ତି ଓ ସେମାନଙ୍କୁ ଭୁଲ୍ ଉତର ଦେଇଥାନ୍ତି, ଯାହା କୌଣସି ପ୍ରକାରରେ ମଧ୍ୟ ସ୍ୱୀକାର୍ଯ୍ୟ ନୁହେଁ ।

ଅଲ୍ଲାଃତାଲା ସମସ୍ତଙ୍କୁ ଏହି ଜଲ୍‌ସାରୁ ଅଧିକରୁ ଅଧିକ ଲାଭ ଉଠାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଓ ସେହି ସମସ୍ତ କଥା ଓ ହିଦାୟତ୍ ଗୁଡିକ ଉପରେ ପରିଚାଳିତ ହେବାପାଇଁ ମଧ୍ୟ ଶକ୍ତି ପ୍ରଦାନ କରନ୍ତୁ, ଯେଉଁଗୁଡିକ ବର୍ତମାନ ମୁଁ ପ୍ରଦାନ କରିଛି ବା ଆପଣମାନଙ୍କ ପ୍ରୋଗ୍ରାମ୍‌ରେ ଯାହା ସବୁ ଲେଖାଯାଇଛି । କିନ୍ତୁ ଗୋଟିଏ କଥା ମନେରଖନ୍ତୁ କି ଏହି ସମସ୍ତ ହିଦାୟତ୍ ଉପରେ ଆଉଗୋଟିଏ କଥା ଭାରି ପଡ଼ିଛି ଯାହାକୁ କରିବା ପ୍ରତ୍ୟେକ ବ୍ୟକ୍ତିଙ୍କ ନିମନ୍ତେ ଧାର୍ଯ୍ୟ ଓ ଅତ୍ୟନ୍ତ ଜରୁରୀ ଅଟେ, ତାହା ହେଉଛି ଦୁଆ । ଜଲ୍‌ସାର ସଫଳତା ପାଇଁ ବିଶେଷ ରୂପେ ଦୁଆ କରନ୍ତୁ । ଅଲ୍ଲାଃତାଲା କେବଳ ନିଜର ଦୟାବଳରୁ ଏ ଜଲ୍‌ସାକୁ ପ୍ରତିକ୍ଷେତ୍ରରେ ବାବର୍‌କତ୍ କରନ୍ତୁ ଓ ପ୍ରତ୍ୟେକ ପ୍ରକାରର ଦୁଷ୍ଟତାରୁ ସୁରକ୍ଷା ପ୍ରଦାନ କରନ୍ତୁ ଓ ଆମେ ସମସ୍ତେ ଏହି ଜଲ୍‌ସାରୁ ଲାଭାନ୍ୱିତ ହେଉ, ଯେଉଁଥିପାଇଁ ଆମେ ସମସ୍ତେ ଏଠାରେ ଏକତ୍ରିତ ହୋଇଛେ ।

ସେହିପରି ଏହା ମଧ୍ୟ ବତାଇବାକୁ ଚାହୁଁଛି କି ରିଭିଉ ଅଫ୍ ରିଲିଜିଅନ୍ ଅନ୍ତର୍ଗତ ସବୁ ବର୍ଷ ଭଳି ଏବର୍ଷ ମଧ୍ୟ ଟ୍ୟୁରନ୍ ଶେରାଉଡ୍‌ଠାରେ ପ୍ରଦର୍ଶନୀ ସେମାନଙ୍କ ଟେଂଟ୍‌ରେ ଲଗାଯାଇଛି । ସେହିଭଳି ସେହି ସ୍ଥାନରେ ହିଁ ଅଲ୍ କଲମ୍ ପ୍ରୋଜେକ୍ଟ ମଧ୍ୟ ରହିଛି । ସେହିପରି ଆର୍କାଇଭ୍ ବିଭାଗ ଅନ୍ତର୍ଗତ ମଧ୍ୟ ପ୍ରଦର୍ଶନୀ ଲଗାଯାଇଛି । ଏହା ମଧ୍ୟ ଦେଖିବା ଉପଯୋଗୀ ହେବ ଓ ଜ୍ଞାନକୁ ବଢ଼ାଇବାର କାରଣ ହେବ । ସେହିଭଳି ଏଥର ତବ୍‌ଲିଗ୍ ବିଭାଗ ୟୁ.କେ ପବିତ୍ର କୋରାନ୍ ବିଷୟରେ ଗୋଟିଏ ପ୍ରଦର୍ଶନୀ ଲଗାଇବାର ବ୍ୟବସ୍ଥା କରିଛି । ଆଶା କରୁଛି ଇନ୍‌ଶାଅଲ୍ଲାଃ ଏହାଦ୍ୱାରା ମଧ୍ୟ ଲୋକମାନଙ୍କର ଜ୍ଞାନ ବଢ଼ିବ । ଏହାକୁ ମଧ୍ୟ ଦେଖନ୍ତୁ । ସେହିଭଳି ଆଜି ଦୁଇଗୋଟି ୱେବ୍‌ସାଇଟ୍ True Islam and Rational Religion ମଧ୍ୟ ଲଂଚ୍ ହେବ । ତବ୍‌ଲିଗ୍ ବିଭାଗ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନ ଚରିତ ଉପରେ ଅନ୍‌ଲାଇନ୍ ଭାଷଣ ପ୍ରତିଯୋଗିତା ମଧ୍ୟ ରଖିଛି । ଏଥିରେ ମଧ୍ୟ ଲୋକମାନେ ସାମିଲ୍ ହେଉଛନ୍ତି । ଏହାର ଏକ ବିଶେଷତ୍ୱ ହେଉଛି କି ଆଜି ଜଲ୍‌ସାରୁ ସେମାନେ ଏହାକୁ ଆରମ୍ଭ କରିଛନ୍ତି । ସେ ଯାହାହେଉ ଜଲ୍‌ସାଗାଃରେ ଯେଉଁ ପ୍ରୋଗ୍ରାମ୍ ହେଉଛି ତାଠାରୁ ଅଧିକା କଥା ଏହି ପ୍ରୋଗ୍ରାମ୍ ଦ୍ୱାରା କରାଯିବ । ତେଣୁ ଏହି ପ୍ରଦର୍ଶନୀ ଓ ପ୍ରୋଗ୍ରାମ୍ ଗୁଡିକରୁ ମଧ୍ୟ ଲୋକମାନେ ଲାଭ ଉଠାଇବା ଉଚିତ୍ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ, ଯେଉଁମାନେ ଏହି ଜଲ୍‌ସାରେ ସାମିଲ୍ ହୋଇଛନ୍ତି, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପ୍ରାର୍ଥନାରୁ ଭାଗନେବାବାଲା ବନାନ୍ତୁ ।

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...

ଥିଲା ଓ ଏହିସବୁ ପରିସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବାର ଥିଲା । ଆଁ ହଜ୍‌ରତ୍ ସ:ଆ:ସ ଏ ଭବିଷ୍ୟବାଣୀ କରିଥିଲେ କି ଏପରି ଏକ ସମୟ ଆସିବାକୁ ଅଛି ଯେତେବେଳେ ମୁସଲ୍‌ମାନ୍‌ମାନେ ଇସ୍‌ଲାମ୍‌ର ଶିକ୍ଷାଗୁଡିକୁ ଭୁଲାଇଦେବେ ଇସ୍‌ଲାମ୍‌ର କେବଳ ନାମ ବାକି ରହିଯିବ ଓ ମୁସଲ୍‌ମାନ୍‌ମାନେ ବାସ୍ତବରେ ନିଜ କାର୍ଯ୍ୟଶୈଳୀରେ ନିଜର ଶିକ୍ଷାକୁ ଭୁଲିଯାଇଥିବେ । ସୁତରାଂ ଏହି ଭବିଷ୍ୟବାଣୀ ବର୍ତ୍ତମାନ ପୂରଣ ହୋଇସାରିଛି । ଏବେ ଯେଉଁପର୍ଯ୍ୟନ୍ତ ମୁସଲ୍‌ମାନ୍‌ମାନେ ପ୍ରକୃତ ଶିକ୍ଷା ଉପରେ ପରିଚାଳିତ ନହୋଇଛନ୍ତି ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ଶିକ୍ଷାକୁ ଅନୁସରଣ ନ କରିଛନ୍ତି ଓ ସିଧା ରାସ୍ତାକୁ ନ ଆସିଛନ୍ତି ସେପର୍ଯ୍ୟନ୍ତ ଏହି ଅବସ୍ଥା ଆଗକୁ ଖରାପ ହୋଇଚାଲିବ । ବର୍ତ୍ତମାନ ଯେଉଁ ପରିସ୍ଥିତି ଉପୁଜିଛି ସେ ବିଷୟରେ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଗୋଟିଏ ନିତୀବାଣୀ ଏ ପ୍ରସଙ୍ଗରେ ନିମ୍ନରେ ଦିଆଯାଉଛି ।

ଆପଣ ଆ:ସ କହୁଛନ୍ତି ''ଇଶ୍ୱର ମୋତେ ଖବର ଦେଇଛନ୍ତି କି ଏ ସଂସାରରେ ଏକ ପ୍ରଳୟର ବାତାବରଣ ସୃଷ୍ଟି ହେବ ଓ ତାହା ପ୍ରଥମ ପ୍ରଳୟ ହେବ ଓ ସମସ୍ତ ସମ୍ରାଟ ଆପୋଷରେ ଜଣେ ଅନ୍ୟଜଣଙ୍କ ଉପରେ ଆକ୍ରମଣ କରିବେ ଓ ଏପରି ରକ୍ତପାତ ହେବ ଯେ ଏ ପୃଥିବୀ ରକ୍ତ ରଞ୍ଜିତ ହୋଇ ଭରିଯିବ ଏବଂ ପ୍ରତ୍ୟେକ ସମ୍ରାଟଙ୍କ ପ୍ରଜାମାନେ ମଧ୍ୟ ଆପୋଷରେ ଭୟଙ୍କର ଯୁଦ୍ଧ କରିବେ । (ଏହାଦ୍ୱାରା) ଏକ ବିଶ୍ୱବ୍ୟାପି ଧ୍ୱଂସଲୀଳା ହେବ । ଏହି ସମସ୍ତ ଘଟଣାର କେନ୍ଦ୍ରବିନ୍ଦୁ **ସିରିଆ** ହିଁ ହେବ'' ।

୩:୫୦ରେ ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ଶେଷ ହେଲା । ପରିଶେଷରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସମସ୍ତ ଅତିଥିମାନଙ୍କୁ ହାତ ମିଳେଇବାର ସୁଯୋଗ ପ୍ରଦାନ କଲେ ।

ମସ୍‌ଜିଦ୍ ମୁବାରକ୍ ହେଗ୍‌ରୁ ୪:୧୫ରେ ହଲାଣ୍ଡ୍‌ର ନ୍ୟାସ୍‌ନାଲ୍ ପାର୍ଲିଆମେଂଟ୍ ନିମନ୍ତେ ଯାତ୍ରା ଆରମ୍ଭ ହେଲା । ପାର୍ଲିଆମେଂଟ୍‌ର ଅଟ୍ଟାଳିକାଟି ଆମ ମସ୍‌ଜିଦ୍‌ଠାରୁ ଅଳ୍ପକିଛି କି.ମି ଦୂରରେ ଅବସ୍ଥିତ । ୪:୩୦ ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପାର୍ଲିଆମେଂଟ୍‌ରେ ପଦାର୍ପଣ କଲେ ଯେଉଁଠି ପାର୍ଲିଆମେଂଟ୍‌ର ଫରେନ୍ ଆଫାୟାର୍‌ସ୍ କମିଟିର ସେକ୍ରେଟାରୀ Mr. Theo Vantoor ସାହେବ୍ ପାର୍ଲିଆମେଂଟ୍ ହାଉସ୍‌ର ମୁଖ୍ୟଦ୍ୱାର ଠାରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ସ୍ୱାଗତ ଜଣାଇ ଓ୍ୱେଲ୍‌କମ୍ କଲେ ଓ ନିଜ ସହିତ ହଜୁର୍ ଅନୁଓ୍ୱର୍‌ଙ୍କୁ ପାର୍ଲିଆମେଂଟ୍‌ର ଅଟ୍ଟାଳିକା ଭିତରକୁ ପାଛୋଟି ନେଲେ ।

୪:୪୦ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କନ୍‌ଫରେନ୍‌ସ୍ ହଲ୍‌ରେ ପଦାର୍ପଣ କଲେ ଯେଉଁଠି ପାର୍ଲିଆମେଂଟ୍‌ର ଫରେନ୍ ଆଫାୟାର୍‌ସ୍ କମିଟିର କାର୍ଯ୍ୟନିର୍ବାହୀ ପ୍ରତିନିଧି ଚେୟାର୍‌ମ୍ୟାନ୍ Harry Van Bommel ସାହେବ୍ ହଜୁର୍ ଅନୁଓ୍ୱର୍‌ଙ୍କ ଆଗମନକୁ ଅପେକ୍ଷା କରିଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଆଗମନ ପୂର୍ବରୁ ହିଁ ସମସ୍ତ ମେମ୍ବର୍ ଅତିଥିଗଣ ନିଜ ନିଜ ଆସନରେ ବସିସାରିଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଯେତେବେଳେ ଷ୍ଟେଜ୍ (ମଂଚ) ରେ ପହଂଚିଲେ ଷ୍ଟେଜ୍‌ରେ କାର୍ଯ୍ୟନିର୍ବାହୀ ପ୍ରତିନିଧି ଚେୟାର୍‌ମ୍ୟାନ୍ ଫର୍ ଫରେନ୍ ଆଫାୟାର୍‌ସ୍ କମିଟିଙ୍କ ବ୍ୟତୀତ ଏହି କମିଟିର ପାଂଚଜଣ ସଦସ୍ୟ ବସିଥିଲେ । ଏହି ଉତ୍ସବର ଆତିଥ୍ୟକର୍ତ୍ତାର ଡ୍ୟୁଟି ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Harry Van Bommel ସାହେବ୍ (କାର୍ଯ୍ୟନିର୍ବାହୀ ପ୍ରତିନିଧି ଚେୟାର୍‌ମ୍ୟାନ୍ ଫର୍ ଫରେନ୍ ଆଫାୟାର୍‌ସ୍ କମିଟି) ନିର୍ବାହ କଲେ ।

ଆଜିକାର ଏହି ପ୍ରୋଗ୍ରାମ୍‌କୁ ସର୍ବପ୍ରଥମେ ଚେୟାର୍‌ମ୍ୟାନ୍ କମିଟି ନିଜର ଅଭିଭାଷଣକୁ ଉପସ୍ଥାପନ କରି ଶୁଭାରମ୍ଭ କଲେ । ସେ କହିଲେ ଡଚ୍ ପାର୍ଲିଆମେଂଟ୍‌ର ଷ୍ଟାଣ୍ଡିଙ୍ଗ୍ କମିଟି ଅଫ୍ ଫରେନ୍ ଆଫାୟାର୍‌ସ୍‌ଙ୍କ ତରଫରୁ ମୁଁ ସର୍ବପ୍ରଥମେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ମିର୍ଜା ମସ୍‌ରୁର୍ ଅହେମଦ୍ ସାହେବ୍ ବିଶ୍ୱବ୍ୟାପି ଜମାତ୍ ଅହେମଦୀୟା ମୁସ୍‌ଲିମାର ମୁଖିଆଙ୍କୁ ସ୍ୱାଗତ ଜଣାଉଛି । ମୁଁ ଏହି ଉତ୍ସବରେ ସାମିଲ୍ ହୋଇଥିବା ପାର୍ଲିଆମେଂଟ୍ ମେମ୍ବର୍‌ଗଣ ଓ ପୁଣି ସ୍ୱିଡେନ୍, ସ୍ପେନ୍, ଆୟାର୍‌ଲାଣ୍ଡ, କ୍ରୋରୋସିଆ ଏବଂ ମଂଟେଗ୍ରୋରୁ ଆସିଥିବା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ମାନଙ୍କୁ ମଧ୍ୟ ସ୍ୱାଗତ ଜଣାଉଛି ।

ଏହି ଉତ୍ସବର Live (ସିଧାପ୍ରସାରଣ) ନା କେବଳ ହଲାଣ୍ଡ ଦେଶରେ ବରଂ ସାରା ଦୁନିଆରେ Live (ସିଧାପ୍ରସାରଣ) କରାଯାଉଛି ।

ହଜ୍‌ରତ୍ ମହାମହିମ ! ହଲାଣ୍ଡ୍‌ର ନ୍ୟାସ୍‌ନାଲ୍ ଆସେମ୍ବ୍ଲିରେ ଆପଣ ମହାଶୟଙ୍କର ଉପସ୍ଥିତି ଫରେନ୍ ଆଫାୟାର୍‌ସ କମିଟି ପାଇଁ ହେଉଛି ଗର୍ବର ବିଷୟ । ଆମେ ସାରା ଦୁନିଆର ଅହେମଦୀ ମୁସଲ୍‌ମାନ୍ ମାନଙ୍କ ଅବସ୍ଥା ବିଷୟରେ ଭଲ ରୂପେ ଅବଗତ ଅଛୁ । ଆମପାଇଁ ବହୁତ ଖୁସିର ବିଷୟ କି ଆପଣ ମହାଶୟ ଶାନ୍ତିକୁ ବଢ଼ାଇ ଚାଲିଛନ୍ତି ଓ ଧର୍ମାଧର୍ମ ମଧ୍ୟରେ ଭାଇଚାରା ଓ ସୌହାର୍ଦ୍ଦ୍ୟ ବିଷୟରେ ଆପଣଙ୍କ ଯେଉଁ ଦୃଷ୍ଟିକୋଣ ଅଛି ତାହା ଆମ ନିକଟରେ ପହଂଚାଇବେ ।

ଏହାପରେ ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଇଂରାଜୀ ଭାଷାରେ ଅଭିଭାଷଣ ପ୍ରଦାନ କଲେ ।

**ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଅଭିଭାଷଣ**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ବିସ୍‌ମିଲ୍ଲାଃହିରରହ୍‌ମା ନିର୍‌ରହିମ୍ ପାଠ କରି ନିଜର ଅଭିଭାଷଣ ଆରମ୍ଭ କଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଆ କହିଲେ:-

ଉପସ୍ଥିତ ସମସ୍ତ ସମ୍ମାନୀୟ ଅତିଥିବୃନ୍ଦ ! ଆପଣ ସମସ୍ତଙ୍କ ଉପରେ ଅଲ୍ଲାଃତାଲାଙ୍କର କରୁଣା ଓ ବୈଭବ ଅବତୀର୍ଣ୍ଣ ହେଉ । ସର୍ବପ୍ରଥମେ ତ ମୁଁ ଏହି ଅବସର ପାଇଁ ହୃଦୟର ଅନ୍ତରରୁ ସେହି ଲୋକମାନଙ୍କର କୃତଜ୍ଞତା ଜ୍ଞାପନ କରିବାକୁ ଚାହିଁବି ଯେଉଁମାନେ ଆଜିର ଏହି ଉତ୍ସବକୁ ଅନୁଷ୍ଠିତ କରିଛନ୍ତି ଓ ମୋତେ ଏଠାରେ ଅଭିଭାଷଣ ପ୍ରଦାନ କରିବା ପାଇଁ ନିମନ୍ତ୍ରଣ ଦେଇଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ଆଜିର ଯୁଗରେ ଆମେ ଏହା ଦେଖୁଅଛୁ କି କିଛି ବିଶେଷ ପ୍ରକାରର ସମସ୍ୟା ଗୁଡିକୁ ଧାରାବାହିକ ରୂପେ ଏ ସମୟରେ ଗୁରୁତ୍ୱପୁର୍ଣ୍ଣ ସମସ୍ୟା ରୂପେ ଉପସ୍ଥାପନ କରାଯାଉଛି । ଉଦାହରଣ ସ୍ୱରୂପ କିଛି ଲୋକେ ଗ୍ଲୋବାଲ୍ ଓ୍ୱାର୍‌ମିଙ୍ଗ୍ ଓ ଋତୁଚକ୍ରର ପରିବର୍ତ୍ତନରେ ଉପୁଜିଥିବା ବିପଦଗୁଡିକ ଉପରେ ଜୋର୍ ଦେଉଛନ୍ତି ଓ କିଛି ଏପରି ମଧ୍ୟ ଅଛନ୍ତି ଯେଉଁମାନେ ବିଶେଷ ପ୍ରକାରର ବିବାଦ ଗୁଡିକ ବଢ଼ିଯିବା ଓ ଏ ଦୁନିଆର ସଙ୍କଟାପନ୍ନ ଅବସ୍ଥା ଯୋଗୁ ବହୁତ ବ୍ୟତିବ୍ୟସ୍ତ ଅଛନ୍ତି । ଯଦି ଆମେ ଏହି ସମସ୍ତ ପରିସ୍ଥିତିକୁ ନିରପେକ୍ଷ ରୂପେ ଅନୁଧ୍ୟାନ କରୁଛେ ତେବେ ଜଣାପଡୁଛି କି ଆଜିର ଏହି ଯୁଗରେ ପୃଥିବୀର ଶାନ୍ତି ଓ ଏହାର ସୁରକ୍ଷା ହେଉଛି ସବୁଠାରୁ ସଙ୍ଗୀନ ସମସ୍ୟା । ଏଥିରେ କୌଣସି ଶଙ୍କା ନାହିଁ କି ଏ ଦୁନିଆର ଦିନକୁ ଦିନ ବିପଦ ଆଡକୁ ମୁହାଁଇଚାଲିଛି ଓ ଏ ସବୁର ଅନେକ ସମ୍ଭାବ୍ୟ କାରଣମାନ ରହିଛି ଉଦାହରଣ ସ୍ୱରୂପ ଆର୍ଥିକ ସଙ୍କଟ ଏବଂ ଅଧିକାର ଗୁଡିକୁ କ୍ଷୁର୍ଣ୍ଣ କରିବା ଦ୍ୱାରା ଏ ଦୁନିଆର ଅଧିକାଂଶ ଭାଗ ପ୍ରଭାବିତ ହୋଇଛି । ଏହା ବହୁତ ବଡ କାରଣ ହୋଇପାରେ । ଆଉଗୋଟିଏ ସମ୍ଭାବ୍ୟ ମୂଳକ କାରଣ କିଛି ଦେଶ ଗୁଡିକର ନେତାମାନଙ୍କ ତରଫରୁ ନିଜ ପ୍ରଜାମାନଙ୍କ ସହିତ ଓ ଅନ୍ୟମାନଙ୍କ ସହିତ ଅନ୍ୟାୟ ମୂଳକ ବ୍ୟବହାର କରିବା । ଆଉଗୋଟିଏ କାରଣ ଏହା ମଧ୍ୟ ହୋଇପାରେ କି କିଛି ଧାର୍ମିକ ନେତାଗଣ ନିଜ ଗୋଷ୍ଠୀର ହିତକୁ ବ୍ୟାପକ ରୂପେ ଜାତୀୟ ହିତ ଉପରେ ଅଗ୍ରାଧିକାର ଦେଉଛନ୍ତି ଓ ନିଷ୍ଠାର ସହିତ ନିଜର ଦାୟିତ୍ୱ ଗୁଡିକୁ ନିର୍ବାହ କରୁନାହାଁନ୍ତି । ପୁଣି ଆନ୍ତର୍ଜାତିକ ସମ୍ବନ୍ଧ ଦୃଷ୍ଟିକୋଣରୁ ଏହି ସବୁ ବିବାଦ ଗୁଡିକ ଉପୁଜିବାର ଗୋଟିଏ ବଡ କାରଣ ହେଉଛି ଧନୀରାଷ୍ଟ୍ର ଓ ଗରିବରାଷ୍ଟ୍ର ମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ । ଏହା ଦେଖିବାକୁ ମିଳୁଛି କି ବଡ ବଡ଼ ଶକ୍ତିଶାଳୀ ଦେଶଗୁଡିକ ଅଧିକାଂଶ ସମୟ ଗରିବ ଦେଶଗୁଡିକର ପ୍ରାକୃତିକ ସାଧନରୁ ସେମାନଙ୍କର ଉଚିତ୍ ଭାଗ ନଦେଇ ନିଜେ ଲାଭ ଉଠାଉଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏ ଦୁନିଆରେ ଯେଉଁ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି ଏହାର କାରଣର ସୁଚୀପତ୍ର ବହୁତ ଲମ୍ବା ହୋଇପାରେ । ସେଥିମଧ୍ୟରୁ ମୁଁ ଅଳ୍ପ କିଛିଟା ବର୍ଣ୍ଣନା କରିଛି । ଯାହା ବି କାରଣ ହେଉ କିନ୍ତୁ ମୁଁ ବୁଝୁଛି ଯେ ବର୍ତ୍ତମାନ ସମୟର ସବୁଠାରୁ ଅଧିକ ବିପଦପୁର୍ଣ୍ଣ ସମସ୍ୟା ହେଉଛି ଅଶାନ୍ତି । ଏହା ଶୁଣି ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ଏହା କହିବେ କି ଏହି ଅଶାନ୍ତିର ବାତାବରଣ ମୁସଲ୍‌ମାନ୍ ଦେଶଗୁଡିକରେ ସବୁଠାରୁ ଅଧିକା ଓ ମୁସଲ୍‌ମାନ୍ ଜାତିଙ୍କ ଦ୍ୱାରା ହେଉଥିବା ବିଭ୍ରାଟ ହିଁ ଅଶାନ୍ତିର ଅସଲ କାରଣ । ଯେହେତୁ ମୁଁ ମୁସଲ୍‌ମାନ୍ ମାନଙ୍କର ଗୋଟିଏ ଜମାତ (ଗୋଷ୍ଠୀ), ବିଶ୍ୱବ୍ୟାପୀ ଜମାତ୍ ଅହେମଦୀୟା ମୁସ୍‌ଲିମାର ମୁଖିଆ ଅଟେ, ସେଇଥିପାଇଁ ଆପଣମାନେ ବୋଧହୁଏ ଏହା ଭାବୁଥିବେ କି ସେଥିପାଇଁ ମୁଁ ମଧ୍ୟ ଏହାପାଇଁ କିଛି ମାତ୍ରାରେ ଭାଗିଦାରୀ ଥିବି । ଆପଣମାନେ ବୋଧହୁଏ ଏହା ମଧ୍ୟ ଭାବୁଥିବେ କି ଚରମପନ୍ଥୀ ଗୋଷ୍ଠୀଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ପରିସ୍ଥିତି ଏବଂ ସନ୍ତ୍ରାସବାଦ ବଢ଼ିଚାଲିବାର କାରଣ ହେଉଛି ବାସ୍ତବରେ ଇସ୍‌ଲାମୀୟ ଶିକ୍ଷାଦ୍ୱାରା ପ୍ରଭାବିତ । ଯେବେ କି ଇସ୍‌ଲାମ୍‌କୁ ଏଭଳି ଘୃଣ୍ୟ ଓ ଚରମପନ୍ଥୀ କାର୍ଯ୍ୟ ସହିତ ଯୋଡ଼ିବାଟା ସମ୍ପୂର୍ଣ୍ଣ ରୂପେ ନ୍ୟାୟ ବିରୋଧି ।

ହଜୁର୍ ଅନୁଓ୍ୱର୍ ପୁଣି କହିଲେ ବର୍ତ୍ତମାନ ଧର୍ମଗୁଡିକର ଇତିହାସ ଭିତରକୁ ଯାଇ ବ୍ୟାଖ୍ୟା କରିବାର ଆବଶ୍ୟକତା ନାହିଁ କିନ୍ତୁ ଏତିକି କହିଦେବା ଯଥେଷ୍ଟ ହେବ କି ଯେବେ ଆମେ ଧର୍ମର ଇତିହାସ ଉପରେ ଦୃଷ୍ଟିନିକ୍ଷେପ କରୁଛେ ତେବେ ଆମକୁ ଏହା ଜଣାପଡୁଛି କି ପ୍ରତ୍ୟେକ ଧର୍ମର ଅନୁଗାମୀ ସମୟ ମୁତାବକ ଅସଲ ଶିକ୍ଷାଠାରୁ ଦୂରେଇ ଯାଇଛନ୍ତି ଯାହାଦ୍ୱାରା ସେମାନଙ୍କ ଭିତରେ ଅନ୍ତଃ କନ୍ଦଳ ଓ ଆପୋଷ ମତଭେଦ ସୃଷ୍ଟି କରିଛି । ଲୋକମାନଙ୍କୁ ହତ୍ୟା କରାଯାଇଛି ଓ ବହୁତ ଅତ୍ୟାଚାର କରାଯାଇଛି । ଏହି ସବୁ କଥାକୁ ଦୃଷ୍ଟିଆଗରେ ରଖି ମୁଁ ଖୋଲା ହୃଦୟତାର ସହିତ ସ୍ୱୀକାର କରୁଛି ମୁସଲ୍‌ମାନ୍‌ମାନେ ମଧ୍ୟ ସମୟ ଅନୁସାରେ ଇସ୍‌ଲାମ୍‌ର ଅସଲ ଶିକ୍ଷାରୁ ଦୂରେଇ ଯାଇଛନ୍ତି, ଯେଉଁଥିପାଇଁ ନିରାଶା ଓ ଶତ୍ରୁତାପୁର୍ଣ୍ଣ ମନୋଭାବ ସୃଷ୍ଟି ହୋଇଯାଇଛି ଓ ଯାହା ପୁଣି ସାମ୍ପ୍ରଦାୟିକତା, ହତ୍ୟା, ଲୁଣ୍ଠନ ଓ ଅନ୍ୟାୟର କାରଣ ହେଉଛି । କିନ୍ତୁ ଗୋଟିଏ ବାସ୍ତବିକ ମୁସଲ୍‌ମାନ୍ ହୋଇଥିବା ଦୃଷ୍ଟିକୋଣରେ ଆଜି ଇସ୍‌ଲାମ୍‌ର ଏହି ଖରାପ ପରିସ୍ଥିତିକୁ ଦେଖି ମୋ ଇମାନ୍‌ରେ କୌଣସି ଅଭାବ ଆସିନାହିଁ କାରଣ ଆଜିଠାରୁ ପାଖାପାଖି ୧୪୦୦ ବର୍ଷ ପୂର୍ବେ ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଏହି ଭବିଷ୍ୟବାଣୀ କରିଥିଲେ କି ଧିରେ ଧିରେ ଇସ୍‌ଲାମ୍‌ର ଶିକ୍ଷାଗୁଡିକ ସ୍ଖଳନ ହୋଇଚାଲିବା ଓ ମୁସଲ୍‌ମାନ୍‌ଙ୍କ ମଧ୍ୟରେ ଚାରିତ୍ରିକ ସ୍ଖଳନ ହେବ । ଆପଣ ସ:ଆ:ସ ଏହା ମଧ୍ୟ ଭବିଷ୍ୟବାଣୀ କରିଥିଲେ କି ଆଧ୍ୟାତ୍ମିକ ଅନ୍ଧକାରରେ ପରିପୁର୍ଣ୍ଣ ଏହି ଯୁଗରେ ଇଶ୍ୱରଙ୍କ ତରଫରୁ ଜଣେ ସଂସ୍କାରକ ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍ ରୂପେ ପ୍ରେରଣ କରାଯିବେ ଯିଏ ମାନବଜାତିକୁ, ଇସ୍‌ଲାମ୍‌ର ଅସଲ ଏବଂ ଶାନ୍ତିପିୟ ଶିକ୍ଷାପ୍ରତି ମାର୍ଗଦର୍ଶନ କରାଇବେ । ସୁତରାଂ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଜମାତ୍ ଅହେମଦୀୟା ମୁସ୍‌ଲିମାର ପ୍ରତିଷ୍ଠାତା ଆମକୁ ଇସ୍‌ଲାମ୍‌ର ବାସ୍ତବିକ ଓ ଶାନ୍ତିପ୍ରିୟ ଶିକ୍ଷାକୁ ପରିଚିତ କରାଇଲେ । ସୁତରାଂ ଆମେ ଅହେମଦୀ ମୁସଲ୍‌ମାନ୍‌ମାନେ ସେହି ସବୁ ଲୋକମାନଙ୍କ ମଧ୍ୟରୁ ନୁହେଁ ଯେଉଁମାନେ ବର୍ତ୍ତମାନର ବିଭ୍ରାଟ ଓ ଅଶାନ୍ତ ବାତାବରଣ ସୃଷ୍ଟିକରିବାରେ ନିଜର ଯୋଗଦାନ କରୁଛନ୍ତି ବରଂ ଆମେ ତ ହେଉଛୁ ଏପରି ଲୋକେ ଯେଉଁମାନେ ଏ ସଂସାରରେ ଶାନ୍ତି ଚାହୁଁଛନ୍ତି । ଆମେ ହେଉଛୁ ଏପରି ଲୋକେ ଯିଏ ଏ ସଂସାରର କ୍ଷତକୁ ଠିକ୍ କରିବାକୁ ଚାହୁଁଛୁ । ଆମେ ହେଉଛୁ ଏପରି ଲୋକେ ଯିଏ ମାନବ ସମାଜକୁ ଏକତ୍ରିତ କରିବା ପାଇଁ ଚାହୁଁଛନ୍ତି । ଆମେ ହେଉଛୁ ଏପରି ଲୋକେ ଯିଏ ପ୍ରତ୍ୟେକ ପ୍ରକାରର ଘୃଣାଭାବ, ବିଦ୍ୱେଶଭାବ ଓ ଶତୃତାକୁ ପ୍ରେମ, ଭଲପାଇବା ଓ ସ୍ନେହରେ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି ଓ ସବୁଠାରୁ ବଳି ଆମେ ହେଉଛୁ ଏପରି ଲୋକେ ଯିଏ ଏ ଦୁନିଆରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୁଁ ଜଣେ ଧାର୍ମିକ ଅନୁଷ୍ଠାନର ମୁଖିଆ ହୋଇଥିବା ଯୋଗୁ ଏହା କରିବାକୁ ଚାହୁଁଛି କି ଜଣେ ଅନ୍ୟଜଣକ ଉପରେ ଆରାରୋପ ଲଗାଇବା ଓ ଜଣେ ଅନ୍ୟଜଣକ ବିରୋଧରେ ଉସ୍‌କାଇବା ପରିବର୍ତ୍ତେ ଆମକୁ ନିଜର ଧ୍ୟାନକୁ ସଂସାରର ବାସ୍ତବିକ ଓ ଅଧିକ ସମୟ ପର୍ଯ୍ୟନ୍ତ ଶାନ୍ତି ସ୍ଥାପନ ହେବା ପ୍ରତି ଆକର୍ଷଣ କରିବା ଉଚିତ୍ । ଏ ପ୍ରସଙ୍ଗରେ ଜମାତ୍ ଅହେମଦୀୟା ମୁସ୍‌ଲିମାର ପ୍ରତିଷ୍ଠାତା ଆମକୁ ଗୋଟିଏ ଗୁରୁତ୍ୱପୁର୍ଣ୍ଣ ସିଦ୍ଧାନ୍ତ ବତାଇଛନ୍ତି । ସେ କହୁଛନ୍ତି କି ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏହା ଜରୁରୀ ଅଟେ କି ମନୁଷ୍ୟ ନିଜର ଉତମ ସାମର୍ଥ୍ୟକୁ କାମରେ ଲଗାଇ ଇଶ୍ୱରଙ୍କ ବିଶେଷ ଗୁଣଗୁଡିକୁ ଆପଣାଇ ନେଉ । ପୁଣି ସେ କହୁଛନ୍ତି କି ମାନବ ଜାତିର ସଫଳତା ନିମନ୍ତେ ଏହା ହେଉଛି ଏକମାତ୍ର

ମାର୍ଗ । ପୁଣି ସେ ଆହୁରି କହୁଛନ୍ତି କି ମାନବ ଜାତିର ସଫଳତା ଓ ଉନ୍ନତି ଏହି ଦୁଇଟିଯାକ ଦୃଷ୍ଟିକୋଣରୁ ଅର୍ଥାତ୍ ଆଧ୍ୟାତ୍ମିକ ଓ ଶାରିରୀକ ସାମର୍ଥ୍ୟ ଦ୍ୱାରା ଇଶ୍ୱରଙ୍କ ବିଶେଷ ଗୁଣଗୁଡିକୁ ଆପଣେଇବା ଉଚିତ୍ । କାରଣ ଇଶ୍ୱରଙ୍କ ବିଶେଷ ଗୁଣରୁ ହିଁ ବାସ୍ତବିକ ଶାନ୍ତି ଫୁଟିଥାଏ ଏବଂ ଏହି ଜିନିଷ ପବିତ୍ର କୋରାନ୍‌ର ପ୍ରଥମ ସୁରଃରେ ବର୍ଣ୍ଣନା ହୋଇଛି ଯେଉଁଥିରେ ଅଲ୍ଲାଃତାଲା କହୁଛନ୍ତି କି ସେ ହେଉଛନ୍ତି ସମସ୍ତ ବ୍ରହ୍ମାଣ୍ଡର ପାଳନକର୍ତ୍ତା ଅର୍ଥାତ୍ ସେ ପ୍ରତ୍ୟେକ ବ୍ୟକ୍ତି ଓ ପ୍ରତ୍ୟେକ ସୃଷ୍ଟଜଙ୍କର ମୁନୀବ, ପୋଷକ ଓ ପାଳନକର୍ତ୍ତା । ସେ କେବଳ ମୁସଲ୍‌ମାନ୍ ମାନଙ୍କର ଖୁଦା ନୁହଁନ୍ତି, ବରଂ ସେ ଇସାଇମାନଙ୍କର, ୟୁହୁଦୀମାନଙ୍କର, ହିନ୍ଦୁମାନଙ୍କର ବରଂ ସମସ୍ତ ଲୋକମାନଙ୍କର ଖୁଦା ଅଟନ୍ତି । ଇଶ୍ୱର ତାଙ୍କ ସୃଷ୍ଟଜଙ୍କ ସହିତ ପ୍ରେମ, ସ୍ନେହ ହେଉଛି ଅଦ୍ୱିତୀୟ ଓ ଅନୁପମ । ସେ ହେଉଛନ୍ତି ରହ୍‌ମାନ୍ ଓ ରହିମ୍ ଅର୍ଥାତ୍ ଅଶେଷ ଦୟାବାନ୍ ଓ ସଦା କରୁଣାମୟ । ସେ ହେଉଛନ୍ତି ଶାନ୍ତିର ସ୍ରୋତ । ସୁତରାଂ ଯେବେ ଇସ୍‌ଲାମ୍ କହୁଛି କି ଜଣେ ମୁସଲ୍‌ମାନ୍‌କୁ ଇଶ୍ୱରଙ୍କ ବିଶେଷ ଗୁଣ ଗୁଡିକୁ ଆପଣେଇବା ପ୍ରତି ଚେଷ୍ଟା କରିବା ଉଚିତ୍ ବୋଲି ତେବେ ଜଣେ ସଚ୍ଚା ମୁସଲ୍‌ମାନ୍ ନିମନ୍ତେ ଅନ୍ୟ କାହାରିକୁ କ୍ଷତି ପହଂଚାଇବା ଅସମ୍ଭବ ହୋଇଯାଏ । ବରଂ ଜଣେ ସଚ୍ଚା ମୁସଲ୍‌ମାନ୍‌ର ଇମାନ୍ ତାକୁ ମାନବ ଜାତି ସହିତ ପ୍ରେମ ଓ ମନୁଷ୍ୟ ଜାତି ସହିତ ସମ୍ମାନ ଓ ସହାନୁଭୂତି ଦେଖାଇବା ପାଇଁ ବିବଶ କରିଦିଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଅଧିକାଂଶ ସମୟ ଏ ପ୍ରଶ୍ନ ଉଠୁଛି କି ଯଦି ଇସ୍‌ଲାମ୍ ହେଉଛି ଏକ ଶାନ୍ତିର ଧର୍ମ ତେବେ ପବିତ୍ର କୋରାନ୍‌ରେ ଯୁଦ୍ଧ କରିବା ପାଇଁ କାହିଁକି ଅନୁମତି ଦିଆଯାଇଛି ? କିନ୍ତୁ ଯାହା ମୁଁ ଏବେ ବର୍ଣ୍ଣନା କଲି ସେ ଦୃଷ୍ଟିକୋଣରୁ ଯୁଦ୍ଧର ଅନୁମତି ଏବଂ ଅସଲ ଘଟଣାକୁ ବୁଝିବା ଆବଶ୍ୟକ ଅଛି । ଅଧିକ ସମସ୍ତ ଶାନ୍ତି ସ୍ଥାପନାର ମହତ୍ୱ ବହୁତ ରହିଛି । ସେଇଥିପାଇଁ କିଛି ଅବସରରେ ଅଧିକ ସମୟ ପର୍ଯ୍ୟନ୍ତ ଶାନ୍ତି ସ୍ଥାପନ କରିବାକୁ ନିଶ୍ଚିତ କରାଇବା ପାଇଁ ଦଣ୍ଡ ଦେବାର ଆବଶ୍ୟକ ମଧ୍ୟ ପଡ଼େ । ସୁତରାଂ ଯେବେ ଇଶ୍ୱରଙ୍କ ତରଫରୁ ଯୁଦ୍ଧ କରିବା ପାଇଁ ଅନୁମତି ଦିଆଯାଇଛି ତେବେ ତାହା କେବଳ ଓ କେବଳ ଶାନ୍ତି ସ୍ଥାପନ କରିବା ନିମନ୍ତେ ଓ ଆତ୍ମରକ୍ଷା କରିବା ନିମନ୍ତେ ଦିଆଯାଇଥିଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- କିଛିଲୋକେ ବା କିଛିଗୋଷ୍ଠୀ ସମୁହ ପବିତ୍ର କୋରାନ୍ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ନାମକୁ ବିଭ୍ରାଟ ଓ ଅତ୍ୟାଚାର ସହିତ ଯୋଡୁଛନ୍ତି, ଏହା ହେଉଛି ବହୁତ ବଡ଼ ଅନ୍ୟାୟ । ଯଦି ଆମେ ପବିତ୍ର କୋରାନ୍ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନଚରିତକୁ ନିରପେକ୍ଷ ରୂପେ ଅଧ୍ୟୟନ କରିବା ତେବେ ଆମେ ଜାଣିପାରିବା କି ଇସ୍‌ଲାମ୍ ପ୍ରତ୍ରେକ ପ୍ରକାରର ଚରମପନ୍ଥୀ କାର୍ଯ୍ୟକଳାପ ଓ ରକ୍ତପାତର ବିରୋଧ କରିଥାଏ । ସମୟର ସ୍ୱଳ୍ପତା ଦୃଷ୍ଟିକୋଣରୁ ଏହା ସମ୍ଭବ ନୁହେଁ କି ଏ ବିଷୟରେ ମୁଁ ଅଧିକ ବ୍ୟାଖ୍ୟା କରିପାରିବି । କିନ୍ତୁ ପୁଣି ମଧ୍ୟ କିଛି ଗୁରୁତ୍ୱପୁର୍ଣ୍ଣ ଇସ୍‌ଲାମୀୟ ଶିକ୍ଷା ବିଷୟରେ ଏଠାରେ ବର୍ଣ୍ଣନା କରିବି ଯାହା ବହୁତ ସ୍ୱଷ୍ଟ ରୂପେ ଏହା ପ୍ରମାଣ କରୁଛି କି ଇସ୍‌ଲାମ୍ ହେଉଛି ଶାନ୍ତିର ଧର୍ମ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ ଯେପରିକି ମୁଁ ବର୍ତ୍ତମାନ କହିସାରିଛି କି ଗୋଟିଏ ମୂଳ ଆରୋପ ଯାହା ଇସ୍‌ଲାମ୍‌ର ଶିକ୍ଷା ଉପରେ ଲଗାଯାଉଛି ତାହା ହେଉଛି ଏହାକି ଚରମପନ୍ଥୀ କାର୍ଯ୍ୟକଳାପ ଏବଂ ଯୁଦ୍ଧ କରିବା ପ୍ରତି ଇସ୍‌ଲାମ ପ୍ରୋତ୍ସାହନ କରୁଛି ବୋଲି । କିନ୍ତୁ ପ୍ରକୃତ କଥା ହେଉଛି ଏହା କି ଏଥିରେ ତିଳେ ମାତ୍ର ସତ୍ୟତା ନାହିଁ । ସୁତରାଂ ପବିତ୍ର କୋରାନ୍‌ର ସୁରଃ ବକ୍‌ରାଃରେ ଆୟତ ନଂ- ୧୯୧ରେ ଅଲ୍ଲାଃତାଲା କହୁଛନ୍ତି ଯେ ଯୁଦ୍ଧ କେବଳ ଏପରି ପରିସ୍ଥିତିରେ ଉଚିତ୍ ହେବ କି ଯେବେ ତାହା ପ୍ରତିରକ୍ଷା ନିମନ୍ତେ କରାଯିବ । ଏହି ପଏଂଟ୍‌କୁ ପବିତ୍ର କୋରାନ୍‌ର ସୁରଃ ହଜ୍ ଆୟତ ନଂ-୪୦ରେ ପୁନରାବୃତି କରାଯାଇଛି, ଯେଉଁଠି ବହୁତ ସ୍ୱଷ୍ଟ ରୂପେ ଏହା ବର୍ଣ୍ଣନା କରାଯାଇଛି କି ଯୁଦ୍ଧର ଅନୁମତି କେବଳ ସେହି ଲୋକମାନଙ୍କୁ ଦିଆଯାଇଛି, ଯାହାଙ୍କ ଉପରେ ଆକ୍ରମଣ କରାଯାଇଛି ଏବଂ ଯାହାଙ୍କ ଉପରେ ଯୁଦ୍ଧକୁ ଲଦି ଦିଆଯାଇଛି । ତତ୍‌ସହିତ ଖୁଦାତାଲା ମୁସଲ୍‌ମାନ୍ ଶାସକମାନଙ୍କୁ ଯୁଦ୍ଧର ଅନୁମତି କେବଳ ଧର୍ମ ଓ ଆସ୍ଥାର ସ୍ୱାଧୀନତା ହାସଲ କରିବା ନିମନ୍ତେ ପ୍ରଦାନ କରିଛନ୍ତି । ସୁତରାଂ ସୁରଃ ବକ୍‌ରାଃର ଆୟତ ନଂ- ୧୯୪ରେ ଅଲ୍ଲାଃତାଲା କହୁଛନ୍ତି କି ଯେଉଁଠି ପ୍ରଥମରୁ ହିଁ ଧର୍ମୀୟ ସ୍ୱାଧୀନତା ସ୍ଥାପନ ହୋଇଥିବ ସେଠାରେ ଯୁଦ୍ଧ କରିବା ପାଇଁ ଅନୁମତି ନାହିଁ । ସୁତରାଂ କୌଣସି ମୁସଲ୍‌ମାନ୍ ଗ୍ରୁପ୍, ଦେଶ ଓ ବ୍ୟକ୍ତିକୁ ଏ ଅନୁମତି ଦିଆଯାଇନାହିଁ କି ସେ କୌଣସି ସରକାର ବା ତାଙ୍କ ପ୍ରଜାଙ୍କ ବିରୋଧରେ କୌଣସି ପ୍ରକାରର ମଧ୍ୟ ଯୁଦ୍ଧ, ବିଭ୍ରାଟ ଓ ଅଶାନ୍ତିରେ ଲିପ୍ତ ରହୁ । ତେଣୁ ବହୁତ ସରଳକଥା ହେଉଛି ଏହା କି ୟୁରୋପ୍ ଏବଂ ପାଶ୍ଚାତ୍ୟରେ ସରକାର ଗୁଡିକ ହେଉଛନ୍ତି ସେକ୍ୟୁଲାର୍ (ଧର୍ମନିରପେକ୍ଷ) । କୌଣସି ମୁସଲ୍‌ମାନଙ୍କୁ ଏ ଅଧିକାର ନାହିଁ କି ସେ ଦେଶର କାନୁନ୍ ବିରୋଧୀ କାର୍ଯ୍ୟକଳାପ ବା ସରକାରଙ୍କ ବିରୋଧରେ ବିଭ୍ରାଟ ଓ ବିଶୃଙ୍ଖଳାର ମାର୍ଗ ଗ୍ରହଣ କରୁ ବା ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କରୁ ବା ଅସ୍ତ୍ରଶସ୍ତ୍ର ଉଠାଇ ରଖୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ବାସ୍ତବରେ ପବିତ୍ର କୋରାନ୍‌ରେ ଅସଲ ଶିକ୍ଷା ହେଉଛି ତ ଏହା କି ଯଦି କୌଣସି ବ୍ୟକ୍ତି ଏହା ଭାବୁଛି କି ତାକୁ କୌଣସି ଅଣ ମୁସ୍‌ଲିମ୍ ଦେଶରେ ରହି ଧର୍ମୀୟ ସ୍ୱାଧିନତା ମିଳୁନାହିଁ । ଏହା ସତ୍ୱେ ମଧ୍ୟ ତାକୁ କୌଣସି ପରିସ୍ଥିତିରେ କାନୁନ୍ ବିରୋଧି ମାର୍ଗକୁ ଗ୍ରହଣ କରିବା ଉଚିତ୍ ନୁହେଁ ବରଂ ଏପରି ଲୋକମାନଙ୍କୁ ଆବଶ୍ୟକ କି ସେମାନେ ସେହି ଦେଶରୁ ଦେଶାନ୍ତରଣ ହୋଇ ଅନ୍ୟ କୌଣସି ଏପରି ଦେଶକୁ ଚାଲିଯାଆନ୍ତୁ ଯେଉଁଠି ପରିସ୍ଥିତି ତା ଅପେକ୍ଷା ଅନୁକୁଳ ଥିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ପବିତ୍ର କୋରାନ୍‌ରେ ସୁରା ନହଲ୍‌ର ଆୟତ ନଂ- ୧୨୬ରେ ମୁସଲ୍‌ମାନ୍ ହୁକୁମତ୍ ଗୁଡିକୁ ତାଗିଦ୍ କରାଯାଇଛି କି ଯଦି କେବେ ତାଙ୍କ ଉପରେ ଆକ୍ରମଣ ହୁଏ ତେବେ ସେମାନେ କେବଳ ପ୍ରତିରକ୍ଷା କରିବେ ଏବଂ ଏହି ପ୍ରତିରକ୍ଷା ଅସଲ ଆକ୍ରମଣର ଉଚିତ୍ ସମ୍ବନ୍ଧ ରଖିଥିବ । ସୁତରାଂ ପବିତ୍ର କୋରାନ୍ ଏ ପ୍ରସଙ୍ଗରେ ସ୍ୱଷ୍ଟ ରୂପେ ଏ ଶିକ୍ଷା ଦେଉଅଛି କି ଦଣ୍ଡ ଅପରାଧ ଅନୁସାରେ ତାର ସାମଞ୍ଜସ୍ୟ ହୋଇଥିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ସୁରା ଅନ୍‌ଫାଲ୍‌ର ଆୟତ ନଂ-୬୨ରେ ଅଲ୍ଲାଃତାଲା କହୁଛନ୍ତି କି ଯଦି ତୁମ ମୁଖାଲିଫ୍ (ତୁମପ୍ରତି) ଖରାପ ନିୟତ ରଖିଛନ୍ତି ଓ ତୁମକୁ କ୍ଷତି ପହଂଚାଇବାକୁ ଚାହୁଁଥିବେ ଓ ସେମାନେ ପୁଣି ନିଜର ମନୋଭାବରେ ପରିବର୍ତ୍ତନ ଆଣି ତୁମକୁ କ୍ଷତି ପହଂଚାଇବାରୁ ନିବୃତ ରହିବେ ଓ ସନ୍ଧି କରିବାର ମାର୍ଗକୁ ଆପଣାଇବେ ତେବେ ସେମାନେ ଯାହାକିଛି ମନୋଭାବ ରଖିଥିବା ସତ୍ୱେ ମଧ୍ୟ ତୁମକୁ ତତ୍‌କ୍ଷଣାତ୍ ସେମାନଙ୍କର ସନ୍ଧିକୁ ସ୍ୱିକାର କରିନେବା ଉଚିତ୍ ଏବଂ ଶାନ୍ତିପୁର୍ଣ୍ଣ ରୂପେ ଏହାର ନିରାକରଣ ପ୍ରତି ଆଗକୁ ବଢ଼ିବା ଉଚିତ୍ । ପବିତ୍ର କୋରାନ୍‌ର ଏହି ସିଦ୍ଧାନ୍ତ ଆନ୍ତର୍ଜାତିକ ସ୍ତରରେ ଶାନ୍ତି ଓ ସୁରକ୍ଷାର ଜାମିନ୍ ଅଟେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ ଆଜିକାଲି ଏହିପରି ଅନେକ ଦୃଷ୍ଟାନ୍ତ ମିଳୁଛି କି ଯେଉଁଠି କେତେକ ଦେଶ ଅନ୍ୟଦେଶଗୁଡିକ ତରଫରୁ କେବଳ ଶତୃ ମନୋଭାବ ହେଉଥିବାର ଆଶଙ୍କା କରି ବହୁତ ଆକ୍ରମଣାତ୍ମକ ପଲିସିକୁ ଆପଣେଇ ନେଉଛନ୍ତି । ଏପରି ଜଣାପଡୁଛି କି ସେମାନଙ୍କ ଦ୍ୱାରା ଯେଉଁ ପଲିସି ବନାଯାଇଛି ତାହାର ଅର୍ଥ ହେଉଛି କି ସେହି ଦେଶଗୁଡିକୁ ନିଃଶେଷ କରିଦିଆଯାଉ, ଏହା ପୂର୍ବରୁ କି ସେମାନେ ଆମକୁ ନିଃଶେଷ କରିଦେବେ । କିନ୍ତୁ ଏହାର ବିପରୀତ ଇସ୍‌ଲାମ୍ ଏ ନିର୍ଦ୍ଦେଶ ଦେଉଛି କି ଶାନ୍ତି ସ୍ଥାପନ କରିବାର କୌଣସି ପ୍ରକାରର ଚେଷ୍ଟାକୁ ହାତଛଡା ନକରାଯାଉ, ତାହା କେବଳ ଆଶାର ଗୋଟିଏ ଛୋଟିଆ କିରଣ ହେଉ ପଛକେ ତାହାକୁ ହାତଛଡା କରିବା ଉଚିତ୍ ନୁହେଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ସୁରଃ ମାଏଦାର ଆୟତ ନଂ-୯ରେ ଅଲ୍ଲାଃତାଲା କହୁଛନ୍ତି କି କୌଣସି ଜାତି ସହିତ ଶତୃତା ତୁମକୁ ଏକଥାରେ ବିବଶ ନ କରିଦେଉ କି ତୁମେ (ତାଙ୍କ ସହିତ) ନ୍ୟାୟ ନ କର ବରଂ ଇସ୍‌ଲାମ୍ ଏ ଶିକ୍ଷା ଦେଉଛି କି ଯେତେ ଅସଙ୍ଗତ ଓ ପ୍ରତିକୁଳ ଅବସ୍ଥା ହୋଇଥିଲେ ମଧ୍ୟ ପ୍ରତ୍ୟେକ ପରିସ୍ଥିତିରେ ନ୍ୟାୟ କରିବାର ସିଦ୍ଧାନ୍ତ ଉପରେ ଅମଳ କରାଯାଉ । ସୁତରାଂ ଯୁଦ୍ଧ ପରିସ୍ଥିତିରେ ମଧ୍ୟ ନ୍ୟାୟ ଓ ସମାନତା ଅତ୍ୟନ୍ତ ଗୁରୁତ୍ୱ ରଖିଥାଏ ଓ ଯେବେ ଯୁଦ୍ଧ ଶେଷ ହୋଇଯିବ ସେତେବେଳେ ବିଜୟପ୍ରାପ୍ତ କରିଥିବା ପକ୍ଷଙ୍କ ଉପରେ ଏହା ଜରୁରୀ ଅଟେ କି ସେ ନ୍ୟାୟ ଉପରେ ତିଷ୍ଠି ରହୁ ।

କିନ୍ତୁ ଆଜିକାଲି ଆମେ ଏପରି ଉତମ ଚରିତ୍ର ଓ ବ୍ୟବହାରକୁ ଦେଖୁନାହୁଁ ବରଂ ଯେବେ ଯୁଦ୍ଧ ଶେଷ ହୋଇଯାଉଛି ସେତେବେଳେ ସେ ବିଜୟପ୍ରାପ୍ତ କରିଥିବା ଦେଶଗୁଡିକ ହାରିଯାଇଥିବା ଦେଶଗୁଡିକ ଉପରେ ଆହୁରି ଅଧିକା ପ୍ରତିବନ୍ଧକ ଲଗାଇ ସେହି ହାରିଯାଇଥିବା ଜାତିର ଉନ୍ନତିର ମାର୍ଗକୁ ସିମୀତ କରିଦେଉଛନ୍ତି ଓ ସେମାନଙ୍କୁ ପ୍ରକୃତ ସ୍ୱାଧୀନତା ହାସଲ କରିବାରୁ ବଂଚିତ ରଖୁଛନ୍ତି । ଏହିଭଳି ପଲିସିଗୁଡିକ ଆନ୍ତର୍ଜାତିୟ ସମ୍ବନ୍ଧକୁ କ୍ଷତି ପହଂଚାଉଛି ଓ ଏହାର କୁ ପ୍ରଭାବ ପଡୁଛି । ତାହା କେବଳ ଅଶାନ୍ତିକୁ ହିଁ ବଢ଼ାଇପାରିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ସତ୍ୟ ହେଉଛି ଏହା କି ଯେପର୍ଯ୍ୟନ୍ତ ସମାଜର ପ୍ରତ୍ୟେକ ସ୍ତରରେ ନ୍ୟାୟ ପ୍ରତିଷ୍ଠା ନହୋଇଯାଇଛି ସେପର୍ଯ୍ୟନ୍ତ କଦାପି ସ୍ଥାୟୀ ଶାନ୍ତି ହାସଲ ହୋଇପାରିବ ନାହିଁ । ଇସ୍‌ଲାମ୍‌ର ଆଉଗୋଟିଏ ଗୁରୁତ୍ୱପୁର୍ଣ୍ଣ ଶିକ୍ଷା ଯାହାକୁ ପବିତ୍ର କୋରାନ୍‌ର ସୁରଃ ଅନ୍‌ଫାଲ୍‌ର ଆୟତ ନଂ- ୬୮ରେ ବର୍ଣ୍ଣନା କରାଯାଇଛି କି ମୁସଲ୍‌ମାନ୍ ମାନଙ୍କୁ ଯୁଦ୍ଧ ପରିବର୍ତେ ଅନ୍ୟ କୌଣସି ଅବସ୍ଥାରେ କଏଦୀ ବନାଇବାର ଅନୁମତି ନାହିଁ । ସୁତରାଂ ଯେଉଁ ସବୁ ଚରମପନ୍ଥୀଙ୍କ ସନ୍ତ୍ରାସବାଦ ଗୋଷ୍ଠୀ ସମୁହ ବିନା କାରଣରେ (ଲୋକମାନଙ୍କୁ) କଏଦୀ ବନାଉଛନ୍ତି ସେମାନେ ଇସ୍‌ଲାମୀୟ ଶିକ୍ଷାର ସମ୍ପୂର୍ଣ୍ଣ ରୂପେ ଓଲଟା କାର୍ଯ୍ୟ କରୁଛନ୍ତି । ରିପୋର୍ଟ୍ ମୁତାବକ ସେମାନେ ନା କେବଳ କଏଦୀ ବନାଉଛନ୍ତି ବରଂ ସେମାନଙ୍କ ଉପରେ ଭୀଷଣ ପାଶବିକ ଅତ୍ୟାଚାର ମଧ୍ୟ କରୁଛନ୍ତି । ଏହି ସବୁ କାର୍ଯ୍ୟକଳାପକୁ ଯେଉଁସବୁ ସନ୍ତ୍ରାସବାଦ ଗୋଷ୍ଠୀ ସମୂହ କରିଚାଲିଛନ୍ତି ସେମାନଙ୍କର ନିନ୍ଦା କେବଳ କଟୁ ଭାଷାରେ ହିଁ କରାଯାଇପାରେ ।

ଅନ୍ୟପଟେ ପବିତ୍ର କୋରାନ୍ ଏ ଉପଦେଶ ଦେଉଛି କି ଯେବେ ଉଚିତ୍ ଓ ସଠିକ୍ ରୂପେ କଏଦୀ ମାନଙ୍କୁ ରଖାଯାଇଥିବ ଏପରି ଅବସ୍ଥାରେ ଏହା ଠିକ୍ ହେବ କି ଯଥା ସମ୍ଭବ ସେହି କଏଦୀମାନଙ୍କ ସହିତ ଏହ୍‌ସାନ୍ (ଅନୁଗ୍ରହ) କରି ସେମାନଙ୍କୁ ମୁକ୍ତ କରିଦିଆଯାଉ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ ଶାନ୍ତି ସ୍ଥାପନ କରିବା ପାଇଁ ପବିତ୍ର କୋରାନ୍‌ର ସୁରଃ ହୁଜୁରାତ୍‌ର ଆୟତ ନଂ-୧୦ରେ ଗୋଟିଏ ସ୍ୱର୍ଣ୍ଣିମ ସିଦ୍ଧାନ୍ତ ବର୍ଣ୍ଣନା କରାଯାଇଛି ଅର୍ଥାତ୍ ଯେବେ ଜାତି ବା ଗୋଷ୍ଠୀ ସମୂହଙ୍କ ମଧ୍ୟରେ ବିବାଦ ଉପୁଜି ଯାଏ ତେବେ ମିମାଂସା କରିବା ପାଇଁ ମଧ୍ୟସ୍ଥି ରୂପେ ଜଣକୁ ଚେଷ୍ଟା କରିବା ଉଚିତ୍ ଓ ଏହି ମାମଲାକୁ ଶାନ୍ତିପୁର୍ଣ୍ଣ ଅବସ୍ଥାରେ ସମାଧାନ କରିବା ପାଇଁ ନିଜର କର୍ତବ୍ୟ ପାଳନ କରିବା ଉଚିତ୍ । ଚୁକ୍ତିପତ୍ର ନିର୍ଦ୍ଧାରିତ ହୋଇଯିବା ଅବସ୍ଥାରେ ଯଦି ଗୋଟିଏ ଗୋଷ୍ଠୀ ଅନ୍ୟାୟ ଅନିତୀ ରୂପେ ଅନ୍ୟ ଗୋଷ୍ଠୀକୁ ଦବାଇବା ପାଇଁ ଚେଷ୍ଟା କରେ ଓ ଧାର୍ଯ୍ୟ ହୋଇଥିବା ଚୁକ୍ତିର ଖିଲାଫ୍ କରେ ତେବେ ଏପରି ପରିସ୍ଥିତିରେ ଅନ୍ୟ ଜାତି (ଦେଶ) ସମୁହଙ୍କୁ ଏକତ୍ରିତ ହୋଇ ଅତ୍ୟାଚାରୀଙ୍କ ହାତକୁ ରୋକିବା ଉଚିତ୍ ଓ ଆବଶ୍ୟକ ସ୍ଥଳେ ସେଥିପାଇଁ ଶକ୍ତି ବ୍ୟବହାର କରିବାକୁ ମଧ୍ୟ ପଛାଇବା ଉଚିତ୍ ନୁହେଁ । କିନ୍ତୁ ଯଦି ଅତ୍ୟାଚାର କରୁଥିବା ଦେଶ ନିଜର ସଂକଳ୍ପକୁ ପରିତ୍ୟାଗ କରିଦିଏ ତେବେ ପୁଣି ତାକୁ ଅସମ୍ମାନ କରିବା ଉଚିତ୍ ନୁହେଁ ଓ ନା ତା ଉପରେ ଅନୁଚିତ୍ ପ୍ରତିବନ୍ଧକ ଲଗାଇବା ଉଚିତ୍ ହେବ ବରଂ ତାକୁ ଏକ ସ୍ୱାଧୀନ ଜାତି ଓ ସ୍ୱାଧୀନ ସମାଜ ରୂପେ ଆଗକୁ ବଢ଼ିବା ପାଇଁ ଅବସର ଦେବା ଉଚିତ୍ । ବର୍ତମାନ ସଂସାରରେ ଏହି ସିଦ୍ଧାନ୍ତଟି ବହୁତ ଗୁରୁତ୍ୱ ରଖିଅଛି ଓ ବିଶେଷ ରୂପେ ବଡ ବଡ ଶକ୍ତିଶାଳୀ ରାଷ୍ଟ୍ର ଓ ଜାତିସଂଘ ପରି ଆନ୍ତର୍ଜାତିୟ କାର୍ଯ୍ୟାଳୟ ନିମନ୍ତେ ଏହା ବହୁତ ଗୁରୁତ୍ୱ ରଖୁଅଛି କି ସେମାନେ ଏହି ସିଦ୍ଧାନ୍ତ ଉପରେ ପରିଚାଳିତ ହୁଅନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସଂସାରରେ ଶାନ୍ତି ସ୍ଥାପନ କରିବା ନିମନ୍ତେ ଗୋଟିଏ ବହୁତ ଗୁରୁତ୍ୱପୁର୍ଣ୍ଣ ସିଦ୍ଧାନ୍ତ ପବିତ୍ର କୋରାନ୍‌ର ସୁରା ହଜ୍ ଆୟତ ନଂ-୪୧ରେ ବର୍ଣ୍ଣନା କରାଯାଇଛି ଯାହା ଆନ୍ତର୍ଜାତୀୟ ସ୍ତରରେ ଧର୍ମୀୟ ସ୍ୱାଧୀନତାକୁ ନିଶ୍ଚିତ କରାଉଛି । ପବିତ୍ର କୋରାନ୍ ବର୍ଣ୍ଣନା କରୁଛି କି ଯଦି ଯୁଦ୍ଧର ଅନୁମତି ନ ଦିଆଯାଇଥାଆନ୍ତା ତେବେ ମସ୍‌ଜିଦ୍ ବ୍ୟତୀତ ଗିର୍ଜା, କଲିସିୟା, ମନ୍ଦିର୍ ଏବଂ ସମସ୍ତ ଧର୍ମର ଉପାସନା ପୀଠ ଗୁଡିକ ମଧ୍ୟ ଅତ୍ୟନ୍ତ ବିପଦରେ ପଡ଼ିଥାଆନ୍ତା । ସୁତରାଂ ଯେଉଁଠି ଅଲ୍ଲାଃତାଲା ଶକ୍ତି ପ୍ରୟୋଗ କରିବା ପାଇଁ

ଅନୁମତି ଦେଇଛି ତାହା କେବଳ ଇସ୍ଲାମ୍ର ସୁରକ୍ଷା ପାଇଁ ଦେଇନାହିଁ ବରଂ ଧର୍ମର ସୁରକ୍ଷା ପାଇଁ ପ୍ରଦାନ କରିଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସତ୍ୟ ହେଉଛି ଏହା କି ଇସ୍ଲାମ୍ ସମସ୍ତ ଧର୍ମ ସହିତ ସମ୍ପର୍କ ରଖିଥିବା ଲୋକମାନଙ୍କ ସ୍ୱାଧୀନ ଓ ସୁରକ୍ଷାର ଜମାନତ୍ ଦେଇଥାଏ । ଇସ୍ଲାମ୍ ପ୍ରତ୍ୟେକ ବ୍ୟକ୍ତିଙ୍କ ସୁରକ୍ଷାର ସପକ୍ଷରେ ଥାଏ ଅର୍ଥାତ୍ ସେ ସ୍ୱଇଚ୍ଛାରେ ଯେକୌଣସି ଧର୍ମ ବା ଯେକୌଣସି ମତକୁ ଗ୍ରହଣ କରୁ । ମୁଁ ଆପଣମାନଙ୍କ ସମ୍ମୁଖରେ ପବିତ୍ର କୋରାନ୍ର କେବଳ କିଛି ପଂଏଟ୍ ବର୍ଣ୍ଣନା କରିଛି ଯାହା ସମାଜରେ ପ୍ରତ୍ୟେକ ସ୍ତର ଓ ସଂସାରର ପ୍ରତ୍ୟେକ ଭାଗରେ ଏକତାର ବିକାଶ କରିବା ପାଇଁ ମାଧ୍ୟମ ଅଟେ । ଏହା ଶାନ୍ତିର ସେହି ସ୍ୱର୍ଣ୍ଣିମ ଚାବିଗୁଚ୍ଛ ଯାହା ପବିତ୍ର କୋରାନ୍ ଏ ସଂସାରର ଲୋକମାନଙ୍କୁ ସମର୍ପିଛି । ଏହା ହେଉଛି ସେହି ସବୁ ଶିକ୍ଷା ଯାହା ଉପରେ ଆଁ ହଜ୍ରତ୍ ସ:ଆ:ସ ଓ ଆପଣ ସ:ଆ:ସଙ୍କ ସାହାବାମାନେ ବାସ୍ତବିକ ରୂପେ ଅମଲ କରି ଦେଖାଇଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ପରିଶେଷରେ ମୁଁ ଆଉଥରେ ପୁଣି ଏ କଥାର ପୁନରାବୃତି କରୁଛି କି ବର୍ତମାନ ସଂସାରକୁ ଶାନ୍ତି ଓ ସୁରକ୍ଷାର ଭୀଷଣ ଆବଶ୍ୟକତା ରହିଛି । ଏହା ଆମ ସମୟର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଅଟେ ଓ ଯଥାଶିଘ୍ର ଏଥିପ୍ରତି ଧ୍ୟାନଦେବା ଉଚିତ୍ ଯଦ୍ୱାରା ସମସ୍ତ ଜାତି ଓ ସମସ୍ତ ଦେଶଗୁଡିକୁ ଗୋଟିଏ ବ୍ୟାପକ ଲାଭକୁ ଆଖିଆଗରେ ରଖି ଏକତ୍ରିତ ହେବାକୁ ପଡ଼ିବ ଓ ପ୍ରତ୍ୟେକ ପ୍ରକାରର ଅତ୍ୟାଚାର, ଜୋର୍ ଜବରଦସ୍ତି ଏବଂ ଅନ୍ୟାୟ ଅନିତୀ ବିରୁଦ୍ଧରେ ନିଜକୁ ଚେଷ୍ଟା କରିବାକୁ ପଡ଼ିବ । ଏହି ଅତ୍ୟାଚାର ଧର୍ମ ନାମରେ ହେଉ ବା ଅନ୍ୟ କୌଣସି ଆଧାରରେ ହେଉ ଆମ ମମସ୍ତଙ୍କୁ ଏକାଠି ହୋଇ ଏହାର ମୁକାବିଲା କରିବାକୁ ହେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆମେ ସମସ୍ତ ଜାତି ସମୁହ ସହିତ ନିଷ୍ଠା ରଖିବାକୁ ହେବ ଓ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଚେଷ୍ଟା କରିବାକୁ ହେବ ଯଦ୍ୱାରା ପ୍ରତ୍ୟେକ ଦେଶ ଉନ୍ନତି କରିପାରିବ ଓ ନିଜର ସାମର୍ଥ୍ୟକୁ ଜାଣିପାରିବ । ଯେଉଁ ସବୁ ଶତୃତାକୁ ଆମେ ଦେଖୁଅଛେ ତାହା ସବୁ ଧନ ଲୋଭର ଅନ୍ଧ ଲାଳସା ଯୋଗୁଁ ସୃଷ୍ଟି ହୋଇଛି । ଏ ସମ୍ବନ୍ଧରେ ପବିତ୍ର କୋରାନ୍ ଗୋଟିଏ ସ୍ୱର୍ଣ୍ଣିମ ସିଦ୍ଧାନ୍ତ ଉପସ୍ଥାପନ କରୁଛି କି ଅନ୍ୟର ଧନ ଦୌଲତ ଉପରେ ଲୋଭ ଦୃଷ୍ଟି ରଖିବା ଉଚିତ୍ ନୁହେଁ । ଏହି ଶିକ୍ଷା ଉପରେ ଅମଳ କରି ଆମେ ସଂସାରରେ ଶାନ୍ତିକୁ ଆଗକୁ ବଢ଼ାଇ ପାରିବା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସମାଜର ପ୍ରତ୍ୟେକ ସ୍ତରରେ ନ୍ୟାୟର ଆବଶ୍ୟକତାକୁ ପୂରଣ କରାଯିବା ଉଚିତ୍ । ଫଳତଃ ପ୍ରତ୍ୟେକ ବ୍ୟକ୍ତି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ନିଜ ଗୋଡରେ ସମ୍ମାନର ସହିତ ଛିଡା ହୋଇପାରିବ । ଆଜି ଆମେ ଦେଖୁଅଛେ କି ଅନେକ ଉନ୍ନତିପ୍ରାପ୍ତ ଦେଶଗୁଡିକ ଗରିବ ଓ ପ୍ରଗତିଶୀଳ ରାଷ୍ଟ୍ରଗୁଡିକର ଧନ ଦୌଲତକୁ ଲୁଣ୍ଠନ କରିଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏକଥା ପ୍ରତି ଅତ୍ୟନ୍ତ ଧ୍ୟାନ ଦେବା ଉଚିତ୍ କି ଏହି ଦେଶଗୁଡିକ ନ୍ୟାୟ ଉପରେ ତିଷ୍ଠି ରୁହନ୍ତୁ ଓ ଉକ୍ତ ରାଷ୍ଟ୍ରଗୁଡିକୁ ସାହାଯ୍ୟ କରନ୍ତୁ ନା କି ନିଜ ଦେଶର ଲାଭ ପାଇଁ ଓ ମୁନାଫା ହାସଲ କରିବା ପାଇଁ ଏହି ଗରିବ ଓ ଉନ୍ନତଶୀଳ ରାଷ୍ଟ୍ରଗୁଡିକର ପ୍ରାକୃତିକ ସମ୍ପଦ ଓ ସସ୍ତା ମଜୁରୀର ଫାଇଦା ଉଠାନ୍ତୁ । ସେହି ସବୁ ଲାଭ ଗୁଡିକୁ ଯାହା ସେମାନେ ଏହି ଦେଶଗୁଡିକରୁ ହାସଲ କରୁଛନ୍ତି ଏହାର ଅଧିକାଂଶ ଭାଗକୁ ସେହି ଦେଶଗୁଡିକରେ ଲଗାଇବା ଉଚିତ୍ ଓ ସେହି ଧନସମ୍ପତି ଗୁଡିକୁ ସ୍ଥାନୀୟ ଲୋକମାନଙ୍କର ପ୍ରଗତି ଓ ଉନ୍ନତି ନିମନ୍ତେ ବ୍ୟବହାର କରିବା ଉଚିତ୍ । ଯଦି ଉନ୍ନତପ୍ରାପ୍ତ ଦେଶଗୁଡିକ ଏହି ଦିଗରେ କାମ କରିବେ ତେବେ ଏହା ଫଳରେ ନା କେବଳ ଗରିବ ଦେଶଗୁଡିକୁ ଲାଭ ପହଂଚିବ ବରଂ ସାମ୍ୟବାଦୀ ରୂପେ ମଧ୍ୟ ଲାଭପ୍ରଦ ପ୍ରମାଣିତ ହେବ । ଏହାଦ୍ୱାରା ବିଶ୍ୱାସ, ଆସ୍ଥା ଓ ଆତ୍ମବିଶ୍ୱାସ ବଢ଼ିବ ଓ ଯେଉଁ ସବୁ ଅଶାନ୍ତି ସୃଷ୍ଟି ହେଉଅଛି ତାହା ଶେଷ ହୋଇଯିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି କହିଲେ- ଏହାଦ୍ୱାରା ଏ ମନୋଭାବ ମଧ୍ୟ ଶେଷ ହୋଇଯିବ କି ଧନୀ ରାଷ୍ଟ୍ରଗୁଡିକ କେବଳ ନିଜର ଲାଭ ଦେଖୁଛନ୍ତି ଓ ଅନୁଚିତ ଉପାୟରେ ଗରିବ ଓ ଦୁର୍ବଳ ଦେଶଗୁଡିକ ସାଧନ ଗୁଡିକୁ ବ୍ୟବହାର କରିବା ପାଇଁ ତତ୍ପର । ଏହାଦ୍ୱାରା ସ୍ଥାନୀୟ ଆର୍ଥିକ ବ୍ୟବସ୍ଥା ମଧ୍ୟ ଉତମ ହେବ । ବିଶେଷ ରୂପେ ଏହାଦ୍ୱାରା ଏକ ବିଶ୍ୱ ଭାତୃଭାବ, ପ୍ରେମଭାବ ଓ ମାନବିକତାର ସ୍ୱରୂପ ସ୍ଥାପନ ହେବ । ଏହି ସମସ୍ତ ଲାଭଠାରୁ ବଳି ଏହା ହେବ କି ଏ ଦୁନିଆରେ ପ୍ରକୃତ ଶାନ୍ତିର ମୁଳଦୁଆ ପଡ଼ିବ । ଯଦି ଆମେ ଏଥିପ୍ରତି ଧ୍ୟାନ ନଦେବା ତେବେ ଦୁନିଆରେ ବର୍ତମାନ ଶାନ୍ତିର ଯେଉଁ ଅବସ୍ଥା ଅଛି ତାହା ଗୋଟିଏ ବିଧ୍ୱଂସକାରୀ ବିଶ୍ୱଯୁଦ୍ଧର କାରଣ ହେବ, ଯାହାର ପ୍ରଭାବ ଆସନ୍ତା ପିଢ଼ୀ ପର୍ଯ୍ୟନ୍ତ ରହିବ ଓ ଏଥିପାଇଁ ଆମ ବଂଶଜ ଆମକୁ କଦାପି କ୍ଷମା ଦେବେନାହିଁ ।

ଏହିସବୁ ଶବ୍ଦଗୁଡିକ ସହିତ ମୁଁ ଆପଣମାନଙ୍କ ଠାରୁ ଅନୁମତି ଚାହୁଁଛି । ଇଶ୍ୱର କରନ୍ତୁ କି ଏ ସଂସାରରେ ପ୍ରକୃତ ଶାନ୍ତି ସ୍ଥାପନ ହୋଇଯାଉ । ଆପଣ ସମସ୍ତଙ୍କୁ ବହୁତ ବହୁତ ଧନ୍ୟବାଦ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଏହି ଅଭିଭାଷଣ ୫:୦୫ ପର୍ଯ୍ୟନ୍ତ ଜାରି ରହିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଏହି ଅଭିଭାଷଣକୁ ସମସ୍ତ ମେମ୍ବର୍ମାନେ ଓ ଅନ୍ୟ ଦେଶଗୁଡିକରୁ ଆସିଥିବା ଅତିଥିଗଣ ବହୁତ ଧ୍ୟାନର ସହିତ ଶୁଣିଲେ ଓ କେହି ଜଣେ ମଧ୍ୟ ନିଜ ଆସନକୁ ଛାଡ଼ି ଗଲେନାହିଁ ।

ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନୁଓ୍ୱର୍ଙ୍କ ଅଭିଭାଷଣ ପରେ ଫରେନ୍ ଆଫାୟାରସ୍ କମିଟିର ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ମୌକା ଦିଆଗଲା ।

**ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଅଭିଭାଷଣ ପରେ ପ୍ରଶ୍ନୋତର କାର୍ଯ୍ୟକ୍ରମ**

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଅଭିଭାଷଣ ପରେ ସେଠାରେ ଉପସ୍ଥିତ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ମାନଙ୍କ ମଧ୍ୟରୁ କିଛି ମେମ୍ବର୍ ପ୍ରଶ୍ନ ମଧ୍ୟ ପଚାରିଲେ ।

ସର୍ବପ୍ରଥମେ ଲେବରାଲ୍ ପାର୍ଟିର ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Mr. Han Ten Broeke କହିଲେ-

ସର୍ବପ୍ରଥମେ ଏଠାରେ ହଜୁର୍ ଅନୁଓ୍ୱର୍ ପହଂଚିଥିବା ଯୋଗୁ ମୁଁ ଧନ୍ୟବାଦ ଅର୍ପଣ କରୁଛି । ଏହାପରେ ସେ ପଚାରିଲେ କି ଆପଣ ନିଜ ଅଭିଭାଷଣରେ ପବିତ୍ର କୋରାନ୍ର ହଓ୍ୱାଲା ଉପସ୍ଥାପନ କଲେ । ଆପଣ ଇସ୍ଲାମ୍ ଓ ଶାନ୍ତି ସ୍ଥାପନ କରିବାକୁ ଚାହାଁନ୍ତି । ଅନ୍ୟପଟେ ଆମେ ଇସ୍ଲାମୀୟ ଦେଶଗୁଡିକରେ ଅତ୍ୟାଚାର, ସନ୍ତ୍ରାସବାଦ, ବିଭ୍ରାଟ ଓ ବିଶୃଙ୍ଖଳା ଓ ଅଶାନ୍ତିକୁ ଦେଖୁଅଛି । ଏ ପ୍ରସଙ୍ଗରେ ମୁଁ ଆପଣଙ୍କ ସମ୍ମୁଖରେ ଦୁଇଗୋଟି ପ୍ରଶ୍ନ ରଖିବାକୁ ଚାହୁଁଅଛି । ପ୍ରଥମ ପ୍ରଶ୍ନ ହେଉଛି ଏହା କି ବର୍ତମାନ ସମୟରେ ଇସ୍ଲାମ୍ ଓ ଇସ୍ଲାମ୍ର ନବୀ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଉପରେ କଟୁ ସମାଲୋଚନା କରାଯାଉଛି । କଣ ଏହି ପ୍ରକାରର ସମାଲୋଚନାର ପ୍ରତିକ୍ରିୟା ପବିତ୍ର କୁର୍ଆନ୍ର ଆୟତ ମୁତାବକ ଦେଖାଇବା ଉଚିତ୍ । ଏହାପୁଣି ଦେଶୀୟ କାନୁନ୍ ମୁତାବକ ଏହାର ଜାଏଜା ନେବା ଉଚିତ୍ ?

ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯେପରିକି ମୁଁ ନିଜ ଭାଷଣରେ କହିସାରିଛି କି ଲୋକମାନେ ଇସ୍ଲାମ୍ର ବାସ୍ତବିକ ଶିକ୍ଷାକୁ ଭୁଲିସାରିଛନ୍ତି ଓ ଯେଉଁ କଥା ଉପରେ ସେମାନେ ପରିଚାଳିତ ହେଉଛନ୍ତି ତାହା ଇସ୍ଲାମୀୟ ଶିକ୍ଷା ନୁହେଁ । ମୁଁ ଭାବୁଛି ମୋ ଭାଷଣରେ ଏକଥା ସ୍ପଷ୍ଟ ହୋଇସାରିଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆପଣଙ୍କର ଦ୍ୱିତୀୟ ପ୍ରଶ୍ନ ଥିଲା କି ଇସ୍ଲାମ୍ ଏବଂ ଆଁ ହଜ୍ରତ୍ ସ:ଆ:ସଙ୍କ ଉପରେ ଲଗାଯାଉଥିବା ଆରୋପ ଓ ସମାଲୋଚନାର ପ୍ରତିକ୍ରିୟା କିପରି ହେବା ଉଚିତ୍ ? ଏ ପ୍ରସଙ୍ଗରେ ଏବେ କିଛି ଦିନ ହେବ ଆଁ ହଜ୍ରତ୍ ସ:ଆ:ସଙ୍କ ମହାନତା ବିରୋଧରେ ଧୃଷ୍ଟତା ପୂର୍ବକ କଥା କୁହାଯାଇଛି ଓ ଏହାଦ୍ୱାରା ଆପଣ ସ:ଆ:ସଙ୍କ ପଦମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରାଯାଇଛି ଏବଂ ଏଥିରେ ମୁସଲମାନ୍ମାନଙ୍କ ତରଫରୁ ଭୀଷଣ ପ୍ରତିକ୍ରିୟା ପ୍ରକାଶ ହୋଇଛି । କିନ୍ତୁ ଏ ଅବସରରେ ଆମର କି ପ୍ରକାର ପ୍ରତିକ୍ରିୟା ଥିଲା ? ଏହିପରି କାହାକୁ ମାରିଦେବା, ଦେଶର କାନୁନ୍କୁ ନିଜ ହାତରେ ନେବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଆମେ କଦାପି ଏଭଳି ପ୍ରତିକ୍ରିୟା ପ୍ରକାଶ କରୁନାହୁଁ ବରଂ ଆମର ପ୍ରତିକ୍ରିୟା ତ ଏହା ଥିଲା କି ମୁଁ ନିଜ ଭାଷଣ ଗୁଡିକରେ ଯାହା ଏମ୍.ଟି.ଏ ରେ ପ୍ରସାରଣ ହେଉଅଛି, ଓ ଏହାକୁ ସଂସାରବାସୀ ଶୁଣୁଛନ୍ତି, ସେହି ଭାଷଣ ଗୁଡିକରେ ମୁଁ ଏହା ସ୍ପଷ୍ଟ ରୂପେ କହିଥିଲି କି ଏହି ପ୍ରକାରର ପ୍ରତିକ୍ରିୟା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଅସଲ ପ୍ରତିକ୍ରିୟା ଏପରି ହେବା ଉଚିତ୍ କି ଆମେ ଇସ୍ଲାମ୍ର ଶାନ୍ତିପ୍ରିୟ ଶିକ୍ଷାଗୁଡିକୁ ଆପଣେଇବା ଓ ପ୍ରତ୍ୟେକ ଅହେମଦୀ ମୁସଲମାନ୍ ମାନଙ୍କୁ ଏହ ଆବଶ୍ୟକ କି ସେମାନେ ନିଜ କର୍ମ ମାଧ୍ୟମରେ ଇସ୍ଲାମୀୟ ଶିକ୍ଷା ଗୁଡିକୁ ପରିପ୍ରକାଶ କରନ୍ତୁ ଓ ଇଶ୍ୱରଙ୍କ ଠାରେ ଏ ପ୍ରାର୍ଥନା କରନ୍ତୁ କି ଇଶ୍ୱର ସେହି ଲୋକମାନଙ୍କୁ ବୁଦ୍ଧି ଦିଅନ୍ତୁ ଯେଉଁମାନେ ଇଶ୍ୱରଙ୍କ ଭକ୍ତମାନଙ୍କର ମହାନତା ବିଷୟରେ ଧୃଷ୍ଟତା ଆଚରଣ କରୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସମସ୍ତ ଧାର୍ମିକ ବ୍ୟକ୍ତି ବିଶେଷଙ୍କୁ ସମ୍ମାନ ଦେବା ଉଚିତ୍ । ସେ ଇସ୍ଲାମ୍ର ପ୍ରତିଷ୍ଠାତା ହଜ୍ରତ୍ ମୁହମ୍ମଦ୍ ସ:ଆ:ସ ହୁଅନ୍ତୁ ବା ଇସା ଆ:ସ ହୁଅନ୍ତୁ ବା ପୁଣି ଆଉ କେହି ମଧ୍ୟ ହୁଅନ୍ତୁ ବା ଅନ୍ୟାନ୍ୟ ନବୀମାନେ ହୁଅନ୍ତୁ । ଯଦି ଆପଣମାନେ କୌଣସି ନବୀ ବା କୌଣସି ଧର୍ମର ଲିଡର୍ଙ୍କୁ ମଧ୍ୟ ରହସ୍ୟ କରିବେ ତେବେ ସ୍ୱତଃପ୍ରୃତ କିଛି ଲୋକଙ୍କ ତରଫରୁ ଏହାର ପ୍ରତିକ୍ରିୟା ପ୍ରକାଶ ପାଇବ ଓ ସେମାନେ ଏହାର ପ୍ରତିଶୋଧ ନେବାପାଇଁ ମଧ୍ୟ ଚେଷ୍ଟା କରିବେ କାରଣ ବେଳେବେଳେ ଏପରି ଲୋକମାନଙ୍କ ପାଇଁ ତାଙ୍କ ଭାବନା ଉପରେ ନିୟନ୍ତ୍ରଣ କଠିନ କାର୍ଯ୍ୟ ହୋଇଯାଏ । ତେଣୁ ଏହା ଦୁଇଧାରୀ ଅଟେ । କିଛି ନିଅ ଓ କିଛି ଦିଅ । ସୁତରାଂ ପ୍ରତ୍ୟେକଙ୍କୁ ଅନ୍ୟମାନଙ୍କର ସମ୍ମାନ କରିବା ଉଚିତ୍ ଓ ଏହା ହେଉଛି ମାନବ ସମ୍ମାନର ମୁଳଦୁଆ ତେଣୁ ଆମେ ସମସ୍ତେ ମାନବୀୟ ସମ୍ମାନକୁ ଦୃଷ୍ଟି ଦେବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେଉଁଠି ଦେଶୀୟ କାନୁନ୍ର କଥା ଉଠୁଛି ଓ ଆପଣମାନଙ୍କୁ କାନୁନ୍ ଅନୁମତି ଦେଉଛି କି ଆପଣ ଯାହା ଚାହାଁନ୍ତି ତାହା କୁହନ୍ତୁ ବୋଲି ତେବେ ଏ ପ୍ରସଙ୍ଗରେ ମୁଁ ପୂର୍ବରୁ ବର୍ଣ୍ଣନା କରିସାରିଛି କି ଏହି ସବୁ କାନୁନ୍ ଗୁଡିକ ତ ମଣିଷ ତିଆରି କରିଛି ଓ ସେଇଥିପାଇଁ ସମୟ ମୁତାବକ ଏହି କାନୁନ୍ରେ ପରିବର୍ତନ କରାଯାଉଛି । ଦୁନିଆର ପ୍ରତ୍ୟେକ ଭାଗରେ ଯେଉଁଠି ମଧ୍ୟ କାନୁନ୍ ତିଆରି ହେଉଛି ସେଠାରେ କିଛି ସମୟ ପରେ ସେହି କାନୁନ୍ର ମଧ୍ୟ ସଂଶୋଧନ କରାଯାଉଛି । ଏହାର ଅର୍ଥ ହେଉଛି କି ଆପଣମାନେ ନିଜେ ହିଁ ଏହି କାନୁନ୍ରେ ସନ୍ତୁଷ୍ଟ ହେଉନାହାଁନ୍ତି, ଯେବେ କି ଏହା ଆପଣ ନିଜେ ବନାଇଛନ୍ତି । ଯେତେବେଳେ ପରିସ୍ଥିତି ବଦଳୁଛି ସେତେବେଳେ ଆପଣମାନେ ଏହା କହୁଛନ୍ତି କି ଆମେ ଏହି କାନୁନ୍କୁ ମଧ୍ୟ ପରିବର୍ତନ କରିଦେବା ଉଚିତ୍ । କାରଣ ଏହି କାନୁନ୍ ଗୁଡିକ ଭିତରେ ଆଜିକାଲିର ସମସ୍ୟାକୁ ସମାଧାନ କରିବାର ବାଟ ନାହିଁ । ତେଣୁ ଆପଣ ଏହା କହିପାରିବେ ନାହିଁ କି ଦେଶୀୟ କାନୁନ୍ ସମ୍ପୂର୍ଣ୍ଣ ଅଟେ ବୋଲି । ଯଦି କୌଣସି ଦେଶର କାନୁନ୍ କୌଣସି ନେତା ବା କୌଣସି ବ୍ୟକ୍ତିଙ୍କ ସହିତ, ଯାହାକୁ ଆପଣ ଭଲପାଉଥିବେ, ତା ସହିତ ଅସମ୍ମାନ କରିବା ପାଇଁ ଅନୁମତି ଦେଉଥିବ ତେବେ କଣ ଏ କାନୁନ୍ ଠିକ୍ ଅଛି ?

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣଙ୍କର ଏ ଅଧିକାର ଅଛି କି ଆପଣମାନେ ଯାହା ଚାହିଁବେ ତାହା କହିପାରିବେ କିନ୍ତୁ ମୋ ମତରେ ଆପଣଙ୍କ ନିକଟରେ ଏ ହକ୍ ରହିବା ଉଚିତ୍ ନୁହେଁ କି ଆପଣ ମୋ ସମ୍ମୁଖରେ ଏପରି ବ୍ୟକ୍ତିଙ୍କ ବିରୋଧରେ କୁତ୍ସାରଟନା କରିବେ ଯାହାକୁ ମୁଁ ଭଲପାଉଛି । ଯଦି ଏଠି ପାଶ୍ଚାତ୍ୟ ଦେଶଗୁଡିକରେ ଆପଣଙ୍କ ନିକଟରେ ଏ ଅଧିକାର ଅଛି କି ଆପଣ ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୋଧରେ, ସେ ନବୀ ହୁଅନ୍ତୁ ବା କୌଣସି ମାର୍ଗଦର୍ଶକ ହୁଅନ୍ତୁ ବା ଆଉ କିଏ ହେଉ, ଖୋଲାଖୋଲି ଭାବେ କହିପାରିବେ ତେବେ ମୋ ମତ ହେଉଛି ଏହା କି ମାନବୀୟ ସମ୍ମାନର ଆଧାର ଆପଣଙ୍କୁ ଏପରି କରିବା ପାଇଁ ମନା କରୁଛି । ତେଣୁ ଆପଣମାନଙ୍କୁ ଏହି ଅଧିକାର ଉପରେ କିଛି ନା କିଛି ପ୍ରତିବନ୍ଧକ ଲଗାଇବାକୁ ହେବ ନଚେତ୍ ଏ ଦୁନିଆରେ ଅଶାନ୍ତି ଓ ବିଭ୍ରାଟ ସୃଷ୍ଟି ହେବ ଓ ତାହା ଆଜି ଆପଣମାନେ ଦେଖୁଛନ୍ତି । ଯଦି ଆପଣମାନଙ୍କୁ ଏହି ପ୍ରକାର ପ୍ରତିକ୍ରିୟା ବିଷୟରେ ଠିକ୍ ରୂପେ ଅନୁଭବ ଅଛି ତେବେ ତ ଠିକ୍ ଅଛି । ମୁଁ ସ୍ୱୀକାର କରୁଛି କି ଏହାକୁ ଜାରି ରଖିବାକୁ ପଡ଼ିବ । କିନ୍ତୁ ଯଦି ଆପଣମାନେ ଏହା ଦେଖୁଛନ୍ତି କି ନବୀ ପାକ୍ ସ:ଆ:ସଙ୍କ ମହାନତା ବିଷୟରେ ଧୃଷ୍ଟତା ଆଚରଣ କରିବା ଫଳରେ ମୁସଲମାନ୍ମାନଙ୍କ ତରଫରୁ ଭୀଷଣ ପ୍ରତିକ୍ରିୟା ପ୍ରକାଶ ପାଉଛି ତେବେ ପୁଣି ଆପଣମାନଙ୍କୁ ଏହା ଚିନ୍ତା କରିବା ଉଚିତ୍ ହେବ କି ଆମେ ସେହି କଥା ଗୁଡିକ ଉପରେ କାହିଁକି ଜୋର୍ ଦେଉଛେ ଯଦ୍ୱାରା

ଅନ୍ୟମାନଙ୍କର ଭାବନା କ୍ଷୁର୍ଣ୍ଣ ହେଉଛି । ତେଣୁ ମୋ ନିକଟରେ ମାନବୀୟ ସମ୍ମାନର ସବୁଠାରୁ ଅଧିକା ଗୁରୁତ୍ୱ ରହିଛି ।

ଏହାପରେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Mr. Michiel Servaes ସାହେବ୍ ଯାହାଙ୍କ ସମ୍ପର୍କ ଲେବର୍ ପାର୍ଟି ସହିତ ରହିଛି, ସେ ପ୍ରଶ୍ନ କଲେ:- ସର୍ବପ୍ରଥମେ ସେ ହଜୁର୍ ଅନୁଓ୍ୱର୍‌ଙ୍କର ପାର୍ଲିଆମେଂଟ୍‌ରେ ଆଗମନ ଯୋଗୁ କୃତଜ୍ଞତା ଜ୍ଞାପନ କଲେ ଓ ପୁଣି କହିଲେ କି ମୁଁ ଏହି ପ୍ରଶ୍ନକୁ ଆଗକୁ ନେଇଯିବାକୁ ଚାହୁଁଛି । ମୁଁ ଆପଣଙ୍କ ସହିତ ସହମତ କି ବେଳେବେଳେ ଅନ୍ୟମାନଙ୍କର ଭାବନାକୁ ଆଘାତ ପହଂଚିଥାଏ ଓ ମୁଁ ନିଜେ ମଧ୍ୟ ଅନ୍ୟମାନଙ୍କୁ ସମ୍ମାନ ଦେଇ ଲୋକମାନଙ୍କୁ କହିବି କି ସେମାନେ ଅନ୍ୟଧର୍ମ ଗୁଡିକୁ ସମ୍ମାନ ଦିଅନ୍ତୁ ବରଂ ଯେଉଁମାନେ କୌଣସି ଧର୍ମରେ ନାହାଁନ୍ତି ସେମାନଙ୍କୁ ମଧ୍ୟ ସମ୍ମାନ ଦିଅନ୍ତୁ । ଅନ୍ୟପଟେ ମୁଁ ଏହି ସିଦ୍ଧାନ୍ତ ଉପରେ ମଧ୍ୟ ବିଶ୍ୱାସ ରଖିଛି ଯାହାକୁ ଜଣେ ଫ୍ରେନ୍‌ଚ ଫିଲୋସଫର୍ ବର୍ଣ୍ଣନା କରିଛନ୍ତି କି ଏହା ଜରୁରୀ ନାହିଁ କି ମୁଁ ତୁମ ସହିତ ସହମତ ହେବି କିନ୍ତୁ ମୁଁ ତୁମ ସ୍ୱାଧିନତାକୁ ପ୍ରକାଶ କରିବାର ଅଧିକାରକୁ ପ୍ରତିରକ୍ଷା କରିବା ନିମନ୍ତେ ମରିବା ପର୍ଯ୍ୟନ୍ତ ଲଢ଼ିବି । ତେଣୁ ମୋ ମତ ହେଉଛି କି ପ୍ରତ୍ୟେକଙ୍କ ନିକଟରେ ଏ ଅଧିକାର ରହିଛି କି ସେ କିଛି ମଧ୍ୟ କହିପାରେ । ଏହା କାରଣ ଯୋଗୁ ଆପଣ Gilder ତରଫରୁ ଦିଆଯାଇଥିବା ରିମାର୍କ୍‌ସ୍ ଏବଂ ଖବାକାଗଜରେ ଛପା ହୋଇଥିବା ଧୃଷ୍ଟତାପୁର୍ଣ୍ଣ କାର୍ଟୁନ୍ ସମ୍ବନ୍ଧରେ ସମାଲୋଚନା ପ୍ରକାଶ କରିଥିଲେ । ତେବେ ମୋର ପ୍ରଶ୍ନ ହେଉଛି ଏହା କି କଣ ଆପଣ ଭାବୁଛନ୍ତି କି କାର୍ଟୁନ୍ ବନାଇଥିବା ବ୍ୟକ୍ତି ବା ଏହିପରି ଅନ୍ୟମାନେ, ଯେଉଁମାନେ ଇସ୍‌ଲାମ୍ ବିରୋଧୀ ରିମାର୍କ୍‌ସ ଦେଉଛନ୍ତି, ସେମାନେ ଯାହା କରୁଛନ୍ତି ଏହା କଣ ସେମାନଙ୍କ ଅଧିକାର ଥିଲା ବା ନଥିଲା ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେଉଁଠି ବାକ୍ ସ୍ୱାଧିନତାକୁ ପ୍ରକାଶ କରିବାର କଥା ଉଠୁଛି ତେବେ ଏହି ଅଧିକାର ଆପଣଙ୍କ ଦେଶ ଓ କାନୁନ୍ ଭିତରେ ଅବସ୍ଥିତ ଓ ଉଣାଅଧିକେ ସମସ୍ତ ଗଣତାନ୍ତ୍ରିକ ଦେଶଗୁଡିକରେ ଏହାର ଅନୁମତି ରହିଛି କି ଆପଣମାନେ ଯାହା କହିବାକୁ ଚାହୁଁଛନ୍ତି କହିପାରିବେ । କିନ୍ତୁ ମୋ କହିବାର ଅର୍ଥ ହେଉଛି ଏହା କି ଆପଣଙ୍କୁ ବାକ୍ ସ୍ୱାଧୀନତା ପ୍ରକାଶ କରିବାର ଅଧିକାର ହାସଲ ଅଛି । ଏହି ଅଧିକାର ଗୁଡିକ ଉପରେ କିଛି ନା କିଛି ସୀମା ରହିବା ଉଚିତ୍ । ଯେତେବେଳେ ଆପଣମାନେ ଏହା ଦେଖୁଛନ୍ତି କି ଏହି ବାକ୍ ସ୍ୱାଧୀନତା ଫଳରେ ଅଶାନ୍ତି ସୃଷ୍ଟି ହେବ ଓ କାହାକୁ କଷ୍ଟ ପହଂଚିବ ତେବେ ସେଠି ଆପଣମାନଙ୍କୁ କିଛି ନା କିଛି ସୀମା ନିର୍ଦ୍ଧାରଣ କରିବାକୁ ପଡ଼ିବ । କିନ୍ତୁ ଆମେ ତ ଏହା ଥିବା ସତ୍ୱେ ମଧ୍ୟ ଅନ୍ୟମାନଙ୍କ ପରି ପ୍ରତିକ୍ରିୟା ପ୍ରକାଶ କରୁନାହୁଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୋ ନିକଟରେ ଏ ସଂସାରରେ ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ଆପଣମାନଙ୍କୁ ମାନବଜାତିକୁ ସମ୍ମାନ କରିବାକୁ ପଡ଼ିବ ଓ ମାନବ ଜାତିର ସମ୍ମାନ ହେଉଛି ଏହା କି ଅନ୍ୟମାନଙ୍କର ଭାବନାକୁ ଧ୍ୟାନ ରଖିବାକୁ ପଡ଼ିବ । କେବଳ ଏତିକି ନହେଉ କି ଯାହା କିଛି ଆପଣ କହିବାକୁ ଚାହୁଁଛନ୍ତି ବା ଯାହାକିଛି ଆପଣଙ୍କ ମନ ଭିତରେ ଅଛି ସେ ସବୁକୁ ସ୍ୱାଧିନ ରୂପେ କହି ଦିଅନ୍ତୁ । ଯେତେବେଳେ ଆପଣ ଅନ୍ୟମାନଙ୍କ ଭାବନାର ଧ୍ୟାନ ରଖିବେ ସେତେବେଳେ ଆପଣମାନେ ଏପରି କୌଣସି ପ୍ରକାରର କଥା କହିବା ପୂର୍ବରୁ ଦୁଇଥର ଭାବିବେ। କି ଏହା କହିବା ଫଳରେ ସମସ୍ୟା ସୃଷ୍ଟି ହୋଇପାରେ ବା ସମାଜରେ ବିଶୃଙ୍ଖଳା ସୃଷ୍ଟି ହୋଇପାରେ ।

ଏଥିରେ ସେ ପୁନର୍ବାର ପ୍ରଶ୍ନ କଲେ କି ଯେତେବେଳେ ଆପଣ ବାକ୍ ସ୍ୱାଧିନତା ଉପରେ ପ୍ରତିବନ୍ଧକ ଲଗାଇବେ ତେବେ କଣ ଏହି ପ୍ରତିବନ୍ଧକକୁ ରାଜନେତାମାନେ ଭୁଲ୍ ରୂପେ ବ୍ୟବହାର କରିବେନାହିଁ ? ଏହାଦ୍ୱାରା ଦେଶରେ ଯୁକ୍ତିତର୍କ କଣ ଶେଷ ହୋଇଯିବ । ଯଦି ଆପଣ ଫ୍ରିଡମ୍ ଅଫ୍ ସ୍ପିଚ୍ ଉପରେ କୌଣସି ଏକ ସୀମା ନିର୍ଦ୍ଧାରଣ କରିବେ ତେବେ ତାହା କେଉଁଠାରେ କରିବେ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ଏହା କହୁନାହିଁ କି ଆପଣ ଆଇନ୍ ଅନୁସାରେ ଫ୍ରିଡମ୍ ଅଫ୍ ସ୍ପିଚ୍ ଉପରେ ପ୍ରତିବନ୍ଧକ ଲଗାନ୍ତୁ ବରଂ ମୋ କହିବାର ଅର୍ଥ ହେଉଛି ଏହା କି ଆମକୁ ଶାନ୍ତିର ଗୁରୁତ୍ୱ ଓ ଅନ୍ୟମାନଙ୍କର ଭାବନାକୁ ଗୁରୁତ୍ୱ ଦେବାକୁ ହେବ । ଯଦି ଏହି ଭାବନା ସୃଷ୍ଟି କରିନେବା ତେବେ ପୁଣି ପ୍ରତ୍ୟେକ ଜ୍ଞାନୀ ବ୍ୟକ୍ତି ଅନ୍ୟ କାହା ବିଷୟରେ ଭୁଲ୍ କଥା କହିବା ପୂର୍ବରୁ ଦୁଇଥର ଭାବିବ । ଯଦି ଆପଣଙ୍କ ନିକଟରେ ସମାଜରେ ଶାନ୍ତି ପ୍ରତିଷ୍ଠା ହେଉଛି ସର୍ବାଗ୍ରେ ତେବେ ପୁଣି ଆପଣଙ୍କୁ ବାକ୍ ସ୍ୱାଧୀନତାର ହକ୍ ହାସଲ୍ ହୋଇଥିଲେ ମଧ୍ୟ ଆପଣ ଏ ପ୍ରକାରର କଥା କହିବେ ନାହିଁ । ଅତି କମ୍‌ରେ ମୁଁ ତ ଏ ସମ୍ବନ୍ଧରେ କୌଣସି ଭୁଲ୍ କଥା କହିବି ନାହିଁ । ଏପରିକି ଦୈନନ୍ଦିନ ମାମଲାରେ ମଧ୍ୟ । ଯେପରି ନିଜ ଘରେ ଯଦି ଆପଣ ନିଜ ସ୍ତ୍ରୀଙ୍କ ଭାବନାକୁ କଷ୍ଟ ପହଂଚାଇବେ ବା ନିଜ ଭାଇ ବା ଅନ୍ୟ କୌଣସି ବ୍ୟକ୍ତିଙ୍କର ଭାବନାକୁ କଷ୍ଟ ପହଂଚାଇବେ ତେବେ ଏହା ଫଳରେ ଘରେ ଅଶାନ୍ତି ସୃଷ୍ଟି ହେବ ଓ ଆପଣମାନେ କହିବେ କି ଯଦି ମୁଁ ଏପରି କହିନଥାନ୍ତି ତେବେ ସବୁ ଠିକ୍ ଚାଲିଥାଆନ୍ତା । ତେବେ ଏହା ସବୁ ଆପଣଙ୍କର ଭାବନା ଉପରେ ନିହିତ । ଏହାର ଅର୍ଥ ଏପରି ନୁହେଁ କି ଯେହେତୁ ଆପଣ ସ୍ୱାଧିନ ସେଥିପାଇଁ କିଛି ବି କହିପାରିବେ । ଉଦାହରଣ ସ୍ୱରୂପ Semitism ବିରୋଧରେ କିଛି କହିପାରିବେ ନାହିଁ । ଆପଣ ୟୁହୁଦୀଙ୍କ ବିରୋଧରେ କହିପାରିବେ ନାହିଁ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ କଣ ହୋଇଥିଲା ? ପ୍ରତ୍ୟେକ ବ୍ୟକ୍ତିଙ୍କ ଏ ହକ୍ ରହିଛି କି ସେ କିଛି ବି କହିପାରେ କିନ୍ତୁ ଏହା ସତ୍ୱେ ମଧ୍ୟ ସାଧାରଣତଃ ସେମାନଙ୍କ ବିରୋଧରେ କହିବାକୁ ଅପସନ୍ଦ କରାଯାଉଛି ବରଂ କିଛି ଏପରି ଦେଶମାନ ଅଛନ୍ତି ଯେଉଁଠାରେ ଯଦି ଆପଣମାନେ ୟୁହୁଦୀଙ୍କ ବିରୋଧରେ କହିବେ ବା ଯାହାକିଛି ହୋଇଥିଲା ତାହା ସମ୍ବନ୍ଧରେ କଥା ହେବେ ତେବେ କାନୁନ୍ ଆପଣଙ୍କୁ ଧରିନେବ । ଏହାର ଅର୍ଥ ହେଉଛି କି କିଛି ନା କିଛି ସୀମା ନିର୍ଦ୍ଧାରଣ କାନୁନ୍ ପୂର୍ବରୁ ଧାର୍ଯ୍ୟ କରାଯାଇଛି ।

ଏହାପରେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Mr. Pieter Omtzigt ସାହେବ୍ ଯାହାଙ୍କ ସମ୍ପର୍କ ଖ୍ରୀଷ୍ଟିଆନ୍ ଡେମୋକ୍ରାଟିକ୍ ପାର୍ଟି ସହିତ ଅଛି, ସେ କହିଲେ ମୁଁ ଆପଣଙ୍କୁ ଧନ୍ୟବାଦ ପ୍ରଦାନ କରୁଛି ଓ ଶାନ୍ତିକୁ ପ୍ରସାର କରିବା ପାଇଁ ଆପଣ ଯେଉଁ ଅଭିଭାଷଣ ପ୍ରଦାନ କରିଛନ୍ତି ସେଥିଯୋଗୁ ମଧ୍ୟ ଆପଣଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ସେ ପଚାରିଲେ କି ବର୍ତମାନ ମଧ୍ୟପ୍ରାଚ୍ୟରେ ସିରିଆ ଓ ଇରାକ୍‌ରେ ଧର୍ମନାମରେ ଅତ୍ୟାଚାର କରାଯାଉଛି ଓ ସେହିଭଳି ପାକିସ୍ତାନ୍‌ରେ ମଧ୍ୟ ଧର୍ମନାମରେ ଅହେମଦୀମାନଙ୍କ ଉପରେ ଅତ୍ୟାଚାର ହେଉଅଛି ଓ ଲୋକମାନଙ୍କୁ ହତ୍ୟା କରାଯାଉଛି । ଏହି ହତ୍ୟାକାଣ୍ଡ ଓ ଏହି ଅତ୍ୟାଚାର ସମ୍ବନ୍ଧରେ ଆପଣଙ୍କର ମତ କଣ ଅଛି ? ଏହି ଅତ୍ୟାଚାରକୁ କିପରି ରୋକାଯାଇପାରିବ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଉତର ଦେଇ କହିଲେ ବର୍ତମାନ ସିରିଆ ଓ ଇରାକ୍‌ରେ ଯାହାକିଛି ହେଉଅଛି ସେମାନଙ୍କ ଯୁଦ୍ଧ ସରକାର ଓ ବିଦ୍ରୋହୀମାନଙ୍କ ମଧ୍ୟରେ ଚାଲିଛି । ସେମାନଙ୍କୁ ବିଦ୍ରୋହୀ ମଧ୍ୟ କୁହାଯାଉଛି ଓ କିଛି ଲୋକେ ସେମାନଙ୍କୁ ସ୍ୱାଧିନତା ସଂଗ୍ରାମୀ ବୋଲି କହୁଛନ୍ତି ଓ ଏହି ଲୋକମାନେ ସେଠାରେ ଥିବା ସରକାର ଓ ନେତାମାନଙ୍କୁ ଶେଷ କରିଦେବାକୁ ଚାହୁଁଛନ୍ତି । କିନ୍ତୁ ସେହି ଦୁଇ ଗୋଷ୍ଠୀଙ୍କୁ ଅସ୍ତ୍ରଶସ୍ତ୍ର ଓ ଯୁଦ୍ଧାସ୍ତ୍ର ଯୋଗାଇ ଦିଆଯାଉଅଛି ଓ ସେମାନଙ୍କୁ ଆର୍ଥିକ ସାହାଯ୍ୟ ମଧ୍ୟ କରାଯାଉଛି । ସେହି ଦେଶଗୁଡିକରେ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବାର କୌଣସି ଫ୍ୟାକ୍ଟ୍ରି ତ ନାହିଁ । କିନ୍ତୁ ସେମାନଙ୍କ ନିକଟରେ ତେଲ ଅଛି । କିନ୍ତୁ ଏହି ଯୁଦ୍ଧକୁ ଜାରି ରଖିବା ପାଇଁ ତାଙ୍କ ପାଖରେ ଯଥେଷ୍ଟ ଫଣ୍ଡ୍ ନାହିଁ । ଯଦି ଆପଣମାନେ ସେହି ଲୋକମାନଙ୍କ ଉପରେ ପ୍ରତିବନ୍ଧକ ଲଗାଇବେ ତେବେ ସେମାନଙ୍କ ତେଲ ଭଣ୍ଡାର ଆନ୍ତର୍ଜାତୀୟ ବଜାରରେ ବିକ୍ରି ହୋଇପାରିବ ନାହିଁ । ଏହି କାରଣ ଯୋଗୁ ମୁଁ କିଛି ଦିନ ପୂର୍ବେ ଏହା ସ୍ପଷ୍ଟ ରୂପେ ବତାଇଥିଲି କି ଯଦି ଆପଣମାନେ ବିଦ୍ରୋହୀ ଓ ସରକାରଙ୍କ ଉପରେ ଅର୍ଥାତ୍ ଏହି ଦୁଇଗୋଷ୍ଠୀଙ୍କ ଉପରେ ପ୍ରତିବନ୍ଧକ ଲଗାଇବେ ଓ ଯେପର୍ଯ୍ୟନ୍ତ ଏହି ଦୁଇଟି ଗୋଷ୍ଠୀ ଗୋଟିଏ ଶାନ୍ତିପୁର୍ଣ୍ଣ ସମାଧାନ ପ୍ରତି ନ ଆସିଛନ୍ତି ସେପର୍ଯ୍ୟନ୍ତ ବଡ ବଡ ଶକ୍ତିଶାଳୀ ରାଷ୍ଟ୍ରଗୁଡିକ ସେମାନଙ୍କୁ ସାହାଯ୍ୟ କରିବେ ନାହିଁ । ଯଦି ଆପଣ ରୁଷ୍ ଉପରେ ପ୍ରତିବନ୍ଧକ ଲଗାଇ ପାରୁଛନ୍ତି ଓ ତାର ଅର୍ଥନିତୀକୁ ଧ୍ୱଂସ କରିପାରୁଛନ୍ତି ବା କୌଣସି ଏକ ସୀମା ପର୍ଯ୍ୟନ୍ତ ତା ଆର୍ଥିକ ଅବସ୍ଥାକୁ କ୍ଷତି ପହଂଚାଇ ପାରୁଛନ୍ତି ତେବେ ପୁଣି ଦାଇଶ୍‌ର ହୁକୁମତ୍‌କୁ କାହିଁକି ରୋକାଯାଇପାରୁନାହିଁ ? ସେହି ଲୋକମାନେ କେଉଁଠାରେ ଫଣ୍ଡ୍ ହାସଲ୍ କରୁଛନ୍ତି ? ଓ ନିଜର ଅସ୍ତ୍ରଶସ୍ତ୍ର କେଉଁଠୁ ନେଉଛନ୍ତି ? ଏହା ତ ଆପଣମାନଙ୍କ ପରି ରାଜନୈତିଜ୍ଞମାନଙ୍କ କାର୍ଯ୍ୟ ଅଟେ କି ଏହାକୁ କିପରି ରୋକାଯାଇପାରିବ ।

ସେ ପୁଣି ଏ ପ୍ରସଙ୍ଗରେ କହିଲେ କି ଆମେ ଏହାକୁ କିପରି କରିପାରିବୁ ? ଆପଣଙ୍କ ମତ ଅନୁସାରେ ଏହା ଏକ ରାଜନୈତିକ ସମସ୍ୟା ଅଟେ । ଯେଉଁ ବିଦ୍ରୋହୀମାନେ ପାଶ୍ଚାତ୍ୟ ଦେଶଗୁଡିକରୁ ସାହାଯ୍ୟ ଗ୍ରହଣ କରୁଛନ୍ତି ଠିକ୍ ଅଛି ସେମାନଙ୍କର କୌଣସି ରାଜନୈତିକ ଉଦ୍ଦେଶ୍ୟ ଥିବ କିନ୍ତୁ ସେହି ଲୋକମାନେ ପୁଣି ମଧ୍ୟ ଇସ୍‌ଲାମ୍ ନାମରେ ହିଁ ଯୁଦ୍ଧ କରୁଛନ୍ତି ଓ ଇସ୍‌ଲାମ୍ ନାମରେ ହିଁ ଖିଲାଫତ୍‌କୁ କାଏମ୍ କରିଛନ୍ତି ଓ ଲୋକମାନଙ୍କ ଉପରେ ଭଳି ଭଳିକା ଅତ୍ୟାଚାର କରୁଛନ୍ତି । ସେମାନଙ୍କ ମୁଣ୍ଡକୁ ଗଣ୍ଡିରୁ ଅଲଗା କରୁଛନ୍ତି ଓ ସଂଖ୍ୟାଲଘୁ ମାନଙ୍କୁ କୁହାଯାଉଛି କି ସେମାନେ ଅଧିକା ଟାକ୍‌ସ୍ ଦିଅନ୍ତୁ ଓ ସେମାନଙ୍କୁ ସମାନତାର ଅଧିକାର ଦିଆଯାଉନାହିଁ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେଉଁଠି ସେମାନଙ୍କ କାର୍ଯ୍ୟାବଳୀର ସମ୍ପର୍କ କଥା ଉଠୁଛି ଯେପରିକି ଆପଣ କହିସାରିଛନ୍ତି କି ସେମାନେ ଲୋକମାନଙ୍କର ମୁଣ୍ଡ କାଟି ଦେଉଛନ୍ତି ତେବେ ଏହା ଇସ୍‌ଲାମୀୟ ଯୁଦ୍ଧ ନୁହେଁ କାରଣ ସେମାନେ କେବଳ ସେହି ଲୋକମାନଙ୍କର ମୁଣ୍ଡ କାଟୁନାହାଁନ୍ତି ଯେଉଁମାନଙ୍କର ସମ୍ପର୍କ ଅନ୍ୟ ଧର୍ମ ସହିତ ରହିଛି ବା ପୁରୁଣା କବିଲା ସହିତ ରହିଛି ବରଂ ସେମାନେ ତ ଉକ୍ତ ମୁସଲ୍‌ମାନ୍ ମାନଙ୍କର ମଧ୍ୟ ମୁଣ୍ଡ କାଟିଛନ୍ତି ଯାହାଙ୍କ ସମ୍ପର୍କ ସେମାନଙ୍କ ଫିର୍‌କା ସହିତ ନାହିଁ । ତେଣୁ ଏହା ସବୁ ଅଣ ଇସ୍‌ଲାମୀୟ କାର୍ଯ୍ୟ ଅଟେ । ମୋ କହିବାର ଅର୍ଥ ଏହା ଥିଲା କି ଯଦି ସେମାନଙ୍କ ଫଣ୍ଡିଙ୍ଗ୍‌କୁ ରୋକି ଦିଆଯାଏ ଓ ସେମାନଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନିଆଯାଏ ତେବେ ସେମାନେ ଏହିପରି ଲୋକମାନଙ୍କ ମୁଣ୍ଡ କାଟିପାରିବେ ନାହିଁ । ବର୍ତମାନ ଏହି ସମସ୍ୟା କେବଳ ମୁଣ୍ଡ କାଟିବା ଭିତରେ ସୀମିତ ନୁହେଁ ବରଂ ଏହା ଆଗକୁ ବଢ଼ିଚାଲିଛି ଓ ଏହାଠାରୁ ବଳିକରି ଆଗକୁ ଚାଲିଗଲାଣି । ବର୍ତମାନ ରୁଷ୍ ମଧ୍ୟ ସିରିଆରେ ପ୍ରବେଶ କରିସାରିଛି ଓ ସେ ସେଠାରେ ନିଜର ଜାହାଜ ପଡ଼ିଆ ପ୍ରତିଷ୍ଠା କରିସାରିଛି ଓ ଆକାଶ ମାର୍ଗରୁ ଆକ୍ରମଣ କରୁଅଛି ଓ ସମ୍ଭବତଃ ସେ ସ୍ଥଳ ଭାଗରେ ମଧ୍ୟ ତାର ସେନାକୁ ପଠାଇବ । ବର୍ତମାନ ଆଜି ବା କାଲି ହିଁ ତୁର୍କି ଦେଶର ସୀମା ନିକଟରେ ସେ ଆକାଶ ମାର୍ଗରୁ ଆକ୍ରମଣ କରିଛି ଓ ଏହାଦ୍ୱାରା ନାଟୋ ମଧ୍ୟ ଭୀଷଣ ପ୍ରତିକ୍ରିୟା ପ୍ରକାଶ କରିଛି । ତେବେ ଏହାର ଅର୍ଥ ହେଉଛି କି ବର୍ତମାନ ଏହି ଯୁଦ୍ଧ ଉକ୍ତ ଦେଶଗୁଡିକର ସୀମାରୁ ବାହାରକୁ ବାହାରି ଚାଲିଛି ଓ ବିଭିନ୍ନ ବ୍ଲକ୍‌ସ୍ ସୃଷ୍ଟି ହେଉଅଛି । ଯଦି ରୁଷ୍ ଏବଂ ଆମେରିକା ମଧ୍ୟରେ ପ୍ରତ୍ୟକ୍ଷ ଯୁଦ୍ଧ ଓ ଆକ୍ରମଣ ହେବ ଓ ନାଟୋର ଅନ୍ୟ କୌଣସି ଦେଶ ସେଥିରେ ସାମିଲ୍ ହେବ ତେବେ ଏ ଦୁନିଆ ଏକ ବିରାଟ ଧ୍ୱଂସ ଆଡକୁ ଚାଲିଯିବ ଓ ଏହି ବିଷୟ ମୋ ପାଇଁ ସବୁଠାରୁ ଅଧିକା ଚିନ୍ତାର ବିଷୟ । ତେବେ ଯେଉଁଠି ମୁଣ୍ଡ କାଟିବାର ସମ୍ବନ୍ଧ ଅଛି ସେ ବିଷୟରେ ମୁଁ ଏହା କହିବାକୁ ଚାହିଁବି କି ଏହା ହେଉଛି ଅଣ ଇସ୍‌ଲାମୀୟ କାର୍ଯ୍ୟ । ଏହାର ପ୍ରମାଣ ନା ତ ପବିତ୍ର କୋରାନ୍‌ରେ ମିଳୁଛି ଏବଂ ନା ହିଁ ରସୁଲେ କରିମ୍ ସ:ଆ:ସଙ୍କ ହଦିସ୍‌ରୁ ମିଳୁଛି । କିନ୍ତୁ ଏହା ସତ୍ୱେ ମଧ୍ୟ ମୁଁ ଏହା କହୁଅଛି କି ଯଦି ସେମାନଙ୍କ ବିରୋଧରେ ବହୁତ ସମ୍ବେଦନଶୀଳତାରେ କାରବାଇ କରାଯାଏ ତେବେ ଆପଣ ଏପରି ପରିସ୍ଥିତିକୁ ରୋକିପାରିବେ ।

ହଜୁର୍ ଅନୁଓ୍ୱର୍ କହିଲେ- ଆଉଥରେ ପୁଣି ମୁଁ ଏହା କହିବାକୁ ଚାହିଁବି କି ଏହା ହେଉଛି ବଡ ବଡ଼ ଶକ୍ତିଶାଳୀ ରାଷ୍ଟ୍ରମାନଙ୍କର ଦାୟିତ୍ୱ କି ସେମାନେ ତାଙ୍କ ପଡୋଶୀ ମୁସଲ୍‌ମାନ୍ ରାଷ୍ଟ୍ରଗୁଡିକୁ ସାହାଯ୍ୟ ଯୋଗାଇ ଦିଅନ୍ତୁ କି ସେମାନେ ଦାଇଶ୍ ବିରୋଧରେ କାରବାଇ କରିବେ ବା ପୁଣି ଅତି କମ୍‌ରେ ସେମାନଙ୍କ ଫଣ୍ଡିଙ୍ଗ୍‌କୁ ରୋକି ଦିଅନ୍ତୁ । ଆପଣ ଜାଣିଛନ୍ତି କି ବିନା ଫଣ୍ଡ୍‌ରେ ଓ ବିନା ଯୁଦ୍ଧାସ୍ତ୍ରରେ କିଛି କରାଯାଇ ପାରିବ ନାହିଁ ଏବଂ ସେମାନେ ଏହା ସବୁକିଛି ନିଜେ ତିଆରି କରୁନାହାଁନ୍ତି । ସେମାନେ ଗୁପ୍ତରୂପେ ପାଶ୍ଚାତ୍ୟ ଦେଶଗୁଡିକରୁ ଅସ୍ତ୍ରଶସ୍ତ୍ର କିଣୁଛନ୍ତି । ମୋତେ ଜଣାନାହିଁ କି ସେମାନେ ଏହା କିପରି କରୁଛନ୍ତି କିନ୍ତୁ ଏହା ହିଁ ଲାଗୁଛି ସେମାନେ ଗୁପ୍ତ ରୂପେ ଏହା କରୁଛନ୍ତି ଓ କିଛି ଲୋକେ ଏହା ମଧ୍ୟ କହୁଛନ୍ତି

କି ଏହି ପ୍ରକାରର କିଣାବିକାର ଚୁକ୍ତି Off-shore ହୋଇଥାଏ । ତେଣୁ ଯଦି ଆପଣମାନେ ସେହି ଲୋକମାନଙ୍କ ଉପରେ ବାସ୍ତବିକ ପ୍ରତିବନ୍ଧକ ଲଗାଇବେ ତେବେ ଯାଇ ଆପଣମାନେ ସେମାନଙ୍କୁ ଆୟତ କରିପାରିବେ । ଲୋକମାନଙ୍କର ମୁଣ୍ଡ କାଟିବା ଓ ଏହିପରି ଅନ୍ୟ ସବୁ କଥା ଏବେ ସାଧାରଣ ହୋଇଗଲାଣି । କିନ୍ତୁ ଯେଉଁ ବଡ ବିପତି ଆମ ସମ୍ମୁଖରେ ଦୃଷ୍ଟିଗୋଚର ହେଉଛି ତାହା ହେଉଛି ବିଭିନ୍ନ ବ୍ଲକ୍ ସୃଷ୍ଟି ହେବା । ଆପଣ ମାନଙ୍କୁ ଏ ବିଷୟରେ ଚିନ୍ତା କରିବାକୁ ହେବ ।

ଏହାପରେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Mr. Sjoerd Sjoerdsma ସାହେବ୍ ଯିଏ ହେଉଛନ୍ତି ଡେମୋକ୍ରାଟିକ୍ ପାର୍ଟିର ଜଣେ ସଦସ୍ୟ, ସେ କହିଲେ କି ଆମକୁ ଇସ୍‌ଲାମୀୟ ଶିକ୍ଷା ପ୍ରସଙ୍ଗରେ ବ୍ୟାପକ ରୂପେ ପରିଚିତ କରାଇଥିବା ଯୋଗୁ ଧନ୍ୟବାଦ । ଆପଣଙ୍କର ଶାନ୍ତି ଓ ମାନବିକ ଅଧିକାର ସମ୍ପର୍କରେ ଯେଉଁ ଚେଷ୍ଟା ରହିଛି ମୁଁ ତାହାକୁ ସମ୍ମାନ ଜଣାଉଛି । ମୁଁ ଏ ପ୍ରଶ୍ନ ପଚାରିବାକୁ ଚାହୁଁଛି କି ଆମ ଦେଶଗୁଡ଼ିକର ଯେଉଁ ଯୁବକମାନେ ପ୍ରଭାବିତ ହୋଇ ଅନ୍ୟ ଦେଶଗୁଡ଼ିକୁ ଚାଲିଯାଉଛନ୍ତି ଓ ଚରମପନ୍ଥୀ ଗୋଷ୍ଠୀମାନଙ୍କ ସହିତ ମିଶିଯାଉଛନ୍ତି, ସେହିସବୁ ଯୁବକ ଓ ଯୁବତୀମାନଙ୍କୁ ଆପଣ କଣ କହିବାକୁ ଚାହିଁବେ ?

ଏଥିରେ ହଜୁର୍ ଅନ୍ୱୁର୍ ଅ:ବ:ଅ କହିଲେ- ଆପଣମାନେ ଜାଣିଛନ୍ତି କି ପାଶ୍ଚାତ୍ୟ ଦେଶଗୁଡିକରେ ଯେଉଁ ସବୁ ଯୁବକମାନେ ଚରମପନ୍ଥୀ ହୋଇଯାଉଛନ୍ତି ଓ ସିରିଆ ଏବଂ ଇରାକ୍ ଦେଶକୁ ଚାଲିଯାଉଛନ୍ତି ଓ ଆଇ.ଏସ୍ ହୁକୁମତ୍ ବା ଯାହାକିଛି ବି ଆପଣ କହୁଛନ୍ତି, ସେହି ହୁକୁମତ୍ ପାଇଁ ଏମାନେ ଲଢୁଛନ୍ତି ଏହାସବୁ ନିରାଶ ଓ ଅଶାନ୍ତ ଲୋକେ ଅଟନ୍ତି । ୨୦୦୮ ମସିହାରେ ଯେଉଁ ଆର୍ଥିକ ସଂକଟ ଉତ୍ପନ୍ନ ହୋଇଥିଲା ତାହା ଫଳରେ ଯୁବପିଢ଼ୀ ନିରାଶର ଶିକାର ହୋଇଯାଇଥିଲେ । କେବଳ ୟୁ.କେରେ ହିଁ ୨.୬ ମିଲିୟନ୍ ଲୋକେ ଏହି ଆର୍ଥିକ ସଂକଟ କାରଣରୁ ବେରୋଜଗାର ହୋଇଗଲେ ଓ ଏ ପୃଥିବୀର ଅନ୍ୟାନ୍ୟ ଦେଶଗୁଡିକରେ ମଧ୍ୟ ଲକ୍ଷ ଲକ୍ଷ ଲୋକେ ପ୍ରଭାବିତ ହେଲେ । ଯେଉଁ ଲୋକମାନେ ଏଠାରୁ ପ୍ରଭାବିତ ହୋଇ ଚାଲିଯାଉଛନ୍ତି ସେମାନଙ୍କ ମଧ୍ୟରେ ବହୁ ସଂଖ୍ୟକ ଲୋକେ ଏସିୟା ଦେଶଗୁଡିକରୁ ଆସିଥିବା ମୁହାଜିର୍ ଅଟନ୍ତି ଓ ଦୁର୍ଭାଗ୍ୟ ବଶତଃ ଏମାନେ ହେଉଛନ୍ତି ମୁସଲମାନ୍ ମଧ୍ୟ । ତେବେ ସଂକ୍ଷେପରେ ମୁଁ ଏତିକି ବତାଇବାକୁ ଚାହିଁବି କି ଏମାନଙ୍କ ମଧ୍ୟରେ ନିରାଶା ଥିଲା । ଏବଂ ଯେତେବେଳେ ଏହି ଲେକମାନଙ୍କୁ ଉକ୍ତ (ଚରମପନ୍ଥୀ) ଗୋଷ୍ଠୀମାନଙ୍କ ତରଫରୁ ମୋଟା ଅର୍ଥର ଭେଟି ଉପସ୍ଥାପନ କରାଗଲା ସେତେବେଳେ ସେମାନେ ପ୍ରଭାବିତ ହେଲେ । ତେବେ ଏହା କେବଳ ଧର୍ମୀୟ କାରଣ ଯୋଗୁ ନଥିଲା ବରଂ ଆର୍ଥିକ ଦୃଷ୍ଟିକୋଣରୁ ମଧ୍ୟ ଥିଲା । ଯଦି ସେମାନଙ୍କୁ ଏଠାରେ ଋକିରୀ ଯୋଗାଇ ଦିଆଯାଇଥାଆନ୍ତା । ତେବେ ମୁଁ ଭାବୁଛି କି ସେମାନଙ୍କ ମଧ୍ୟରୁ ଅଧିକ ଲୋକେ ଏଠାରେ ରହିଯାଇଥାନ୍ତେ । ୟୁ.କେ ରେ ଋକିରୀ ବ୍ୟବସ୍ଥା ବହୁତ ଭଲ ହୋଇଗଲାଣି । କିନ୍ତୁ ଏହି ସବୁ ବ୍ୟବସ୍ଥାରୁ ସବୁଠାରୁ କମ୍ ଲାଭ ଯୁବକମାନେ ଉଠାଉଛନ୍ତି । ତେଣୁ ଯେତେବେଳେ ସେହି ଯୁବକମାନଙ୍କୁ ମୋଟା ଅର୍ଥର ଭେଟି ଦିଆଗଲା ସେଥିରେ ସେମାନେ ପ୍ରଭାବିତ ହେଲେ । କୁହାଯାଉଛି କି ଜଣେ ବ୍ୟକ୍ତିଙ୍କୁ ମାସିକ ୪ରୁ୬ ହଜାର୍ ଡଲାର ଦିଆଯାଉଛି । ମୁଁ ପୁଣି ସେହି କଥାକୁ ପୁନର୍ବାର କହିବି କି ଏହି ସବୁ ଫଣ୍ଡ କେଉଁଠାରୁ ଆସୁଛି ।

ହଜୁର୍ ଅନ୍ୱୁର୍ ଅ:ବ:ଅ କହିଲେ- ବର୍ତ୍ତମାନ ପରିସ୍ଥିତିରେ ପରିବର୍ତ୍ତନ ଆସିସାରିଛି । ଏବେ ଇଂଟରନେଟ୍ ମାଧ୍ୟମରେ ଲୋକମାନଙ୍କୁ ଘେରାଯାଉଛି ଓ କୁହାଯାଉଛି କି ସିରିଆ ଓ ଇରାକ୍ ଯିବା ପରିବର୍ତ୍ତେ ନିଜ ନିଜ ଦେଶରେ ରହି ଆମ ଏଜେଣ୍ଡା ମୁତାବକ କାମ କର । ବର୍ତ୍ତମାନ ଏମାନେ କହୁଛନ୍ତି କି ଆଗକୁ ଯେଉଁ ଆକ୍ରମଣ ହେବ ତାହା ସାଇବର୍ ଆକ୍ରମଣ ହେବ ।

ବର୍ତ୍ତମାନ ଏକ ବହୁତ ଖରାପ ଚକ୍ର ଚାଲିସାରିଲାଣି । ଏଥିରୁ ବଂଚିବା ଅସମ୍ଭବ । କେବଳ ଏହାର ଗୋଟିଏ ହିଁ ସମାଧାନ ଅଛି କି ଏହାକୁ ମୂଳରୁ ହିଁ ନିଃଶେଷ କରିଦିଆଯାଉ ନଚେତ୍ ସେମାନେ ଯାଆନ୍ତୁ ବା ନ ଯାଆନ୍ତୁ, ପାଶ୍ଚାତ୍ୟ ଦେଶଗୁଡିକ ନିମନ୍ତେ ସେମାନେ ବହୁତ ବିପଦ ହେବେ । ଏବେ ଶିରିଆରୁ ମୁହାଜିର୍‌ମାନେ ଆସୁଛନ୍ତି ଓ ଆଇ ଏସ୍‌ର ପ୍ରତିନିଧି ଏ ବୟାନ୍ ଦେଇଛନ୍ତି କି ପ୍ରତ୍ୟେକ ୫୦ ଜଣ ସିରିଆଇ ମୁହାଜିର୍ ମାନଙ୍କ ମଧ୍ୟରୁ ଆଇ୍ ଏସ୍‌ର ଜଣେ ଜଣେ ଗୁରୁତ୍ୱପୂର୍ଣ୍ଣ କର୍ମୀ ରହିଛନ୍ତି । ତେବେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ଆର୍ଥିକ କାରଣ । ପୁଣି ୟୁରୋପର୍ ସ୍ଥାନୀୟ ବାସିନ୍ଦାମାନେ Radicalize ହେଉଛନ୍ତି ଓ ଏହା ମଧ୍ୟ କୁହାଯାଉଛି କି ଏହି ଲୋକମାନେ ଏସିୟାର ଲୋକମାନଙ୍କ ଠାରୁ ଅଧିକା ହିଂସ୍ର ସ୍ୱଭାବର । ତେବେ ଗୋଟିଏ ମାର୍ଗ ହେଉଛି ଏହା କି ସେମାନଙ୍କ ଫଣ୍ଡିଙ୍ଗ୍ ଓ ଅସ୍ତ୍ରଶସ୍ତ୍ରର ସପ୍ଲାଇକୁ ଯେଣତେଣ ପ୍ରକାରେଣ ଶେଷ କରିଦିଆଯାଉ ।

ଏହାପରେ Mr. Harry Van Bommel ସାହେବ୍ ଯିଏ ହେଉଛନ୍ତି ଉମ୍ମରେ ଖାରଜାର କାର୍ଯ୍ୟନିର୍ବାହୀ ଚେୟାରମ୍ୟାନ୍ ଓ ଏହି ପ୍ରୋଗ୍ରାମ୍‌କୁ ହୋଷ୍ଟିଙ୍ଗ୍ କରୁଥିଲେ, ସେ କହିଲେ କି ଶେଷ ପ୍ରଶ୍ନଟି ହେଉଛି ଅହେମଦୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ପ୍ରସଙ୍ଗରେ । ବହୁତ ଗୁଡିକ ଦେଶରେ ଏହି ଅହେମଦୀମାନଙ୍କ ଉପରେ ଅତ୍ୟାଋର କରାଯାଉଛି ଓ ବିଶେଷ ରୂପେ ଇସ୍‌ଲାମୀୟ ଦେଶଗୁଡିକରେ କରାଯାଉଛି, ଯେଉଁମାନଙ୍କ ମଧ୍ୟରୁ ପାକିସ୍ତାନ୍ ଓ ସାଉଦୀଆରମ ସର୍ବାଗ୍ରେ ଅଛନ୍ତି । ପ୍ରଶ୍ନ ହେଉଛି ଏହା କି ଏହି ଅତ୍ୟାଚାର ପ୍ରସଙ୍ଗରେ ଆମକୁ ୟୁରୋପୀୟ ପାର୍ଲିଆମେଂଟିୟ ହୋଇଥିବା ଯୋଗୁ କଣ କରିବାକୁ ହେବ ?

ଏଥିରେ ହଜୁର୍ ଅନ୍ୱୁର୍ ଅ:ବ:ଅ କହିଲେ- କୁହାଯାଉଛି କି ଆଜିକାଲି ପ୍ରତ୍ୟେକ ସ୍ଥାନରେ ଗଣତନ୍ତ୍ର ଅଛି ଯେବେ କି ଏପରି ନୁହେଁ । ଏହି ସିମୀତ ଗଣତନ୍ତ୍ର ବା ଗଣତନ୍ତ୍ରରେ ଯେଉଁ ପରିବର୍ତ୍ତନ ପ୍ରଣାଳୀ ରହିଛି ଓ ସେହି ଦେଶଗୁଡିକ ପାଶ୍ଚାତ୍ୟ ଦେଶଗୁଡିକରୁ ସାହାଯ୍ୟ ନେଉଛନ୍ତି ତେବେ ଯେଉଁଠାରେ ମଧ୍ୟ ଆପଣମାନେ ଅତ୍ୟାଚାରକୁ ଶେଷ କରିବାକୁ ଚାହୁଁଛନ୍ତି ତେବେ ସେଠିକାର ସରକାରଙ୍କ ସହିତ ସମ୍ପର୍କ ରଖନ୍ତୁ । ଏହା ନୁହେଁ କି କେବଳ ଅହେମଦୀମାନଙ୍କ ଉପରେ ଅତ୍ୟାଚାର ହେଉଅଛି ବରଂ କିଛି ଦେଶରେ ଖ୍ରୀଷ୍ଟିଆନ୍ ଓ ଅନ୍ୟାନ୍ୟ ଧର୍ମ ସହିତ ସମ୍ପର୍କ ରଖିଥିବା ଲୋକମାନଙ୍କ ଉପରେ ମଧ୍ୟ ଅତ୍ୟାଚାର କରାଯାଉଛି । ତେବେ ଗୋଟିଏ ରାସ୍ତା ହେଉଛି କି ସରକାରଙ୍କ ସହିତ ସମ୍ପର୍କ ରଖାଯାଇ ତାଙ୍କୁ କୁହାଯାଉ କି ନିଜର କାନୁନ୍ ଗୁଡିକୁ ଏପରି ବନାନ୍ତୁ କି ପ୍ରତ୍ୟେକ ଧର୍ମ ସହିତ ସମ୍ପର୍କ ରଖିଥିବା ଲୋକେ ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜର ସ୍ୱାଧୀନତାକୁ ପରିପ୍ରକାଶ ଓ ଧର୍ମୀୟ ସ୍ୱାଧୀନତା ହାସଲ ହୋଇପାରିବ । କିଛି ଦେଶ ଏପରି ଅଛନ୍ତି ଯେଉଁମାନେ ପବିତ୍ର କୋରାନ୍ ପଢୁଛନ୍ତି କିନ୍ତୁ ପବିତ୍ର କୋରାନ୍ ତ ଏହା ନିର୍ଦ୍ଦେଶ ଦେଉଅଛି କି ଧର୍ମ ସମ୍ବନ୍ଧରେ କୌଣସି ପ୍ରକାରର ବାଧ୍ୟବାଧକତା ନାହିଁ । ଯଦି ଦୀନ୍ ମାମଲାରେ ବାଧ୍ୟବାଧକତା ନାହିଁ ତେବେ ଅତ୍ୟାଚାର କାହିଁକି କରାଯାଉଛି । ତେଣୁ ଯଦି ସେମାନଙ୍କ ଉପରେ ଆପଣମାନେ ଋପ ସୃଷ୍ଟି କରିବେ ତେବେ ସମାଧାନର ମାର୍ଗ ବାହାରିପାରିବ । ଏହା କେବଳ ଅହେମଦୀମାନଙ୍କର ସମସ୍ୟା ନୁହେଁ । ଅନେକ ଲୋକଙ୍କର ସମସ୍ୟା ଯେଉଁ ମାନଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରିଦିଆଯାଇଛି । ଏହିଭଳି ସମସ୍ତ ଲୋକମାନଙ୍କୁ ସାହାଯ୍ୟ କରିବା ଉଚିତ୍ ।

ଏହାପରେ ସେହି ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Mr. Harry Van Bommel ସାହେବ୍ ପ୍ରୋଗ୍ରାମ୍‌ର ଶେଷରେ କହିଲେ ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ । ମୁଁ ଷ୍ଟାଣ୍ଡିଂ କମିଟି ଅଫ୍ ଫରେନ୍ ଆଫାୟାର୍‌ସ୍ ତରଫରୁ ମଧ୍ୟ ଆପଣଙ୍କ କୃତଜ୍ଞତା ଜ୍ଞାପନ କରୁଅଛି କି ଆପଣ ଆମକୁ ଅଭିଭାଷଣ ପ୍ରଦାନ କଲେ ଓ ନିଜର ମନୋଭାବକୁ ବ୍ୟକ୍ତ କଲେ । ମୁଁ ଜାଣିବାକୁ ପାଇଛି କି ବର୍ତ୍ତମାନ ଆପଣ ଆଉ କିଛି ଦିନ ପର୍ଯ୍ୟନ୍ତ ହଲାଣ୍ଡରେ ରହିବେ । ମୁଁ ଆପଣଙ୍କ ଉଦ୍ଦେଶ୍ୟରେ ସଫଳତା ପ୍ରାପ୍ତ କରିବା ପାଇଁ ଶୁଭକାମନା କରୁଛି ଓ ପୁଣି ଆମେ ଆଉଦିନେ ପୁଣି ଆପଣ ମହାଶୟଙ୍କୁ ପାର୍ଲିଆମେଂଟ୍‌ରେ ଦର୍ଶନ କରିବା ପାଇଁ ଚାହିଁବୁ ।

ଏଥିରେ ହଜୁର୍ ଅନ୍ୱୁର୍ ଅ:ବ:ଅ କହିଲେ ଯେ ଆପଣ ସମସ୍ତଙ୍କୁ ମଧ୍ୟ ବହୁତ ବହୁତ ଧନ୍ୟବାଦ ।

ଉତ୍ସବର ପରିସମାପ୍ତିରେ ହଜୁର୍ ଅନ୍ୱୁର୍ ଅ:ବ:ଅ ଫରେନ୍ ଆଫାୟାର୍‌ସ୍ କମିଟିର ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ମାନଙ୍କୁ ଉପହାର ପ୍ରଦାନ କଲେ ।

ଏହାପରେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ହଜୁର୍ ଅନ୍ୱୁର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଫରେନ୍ ଆଫାୟାର୍‌ସ କମିଟିର ଚେୟାରମ୍ୟାନ୍ Mr. Harry Van Bommel ସାହେବ୍ ହଜୁର୍ ଅନ୍ୱୁର୍ ଅ:ବ:ଅଙ୍କୁ ପାର୍ଲିଆମେଂଟ୍‌ର କିଛି କୋଠରୀର ପରିଚୟ ପ୍ରଦାନ କଲେ । ଏହି ସମୟରେ ମଧ୍ୟ ପାର୍ଲିଆମେଂଟ୍‌ର କେତେକ ସଦସ୍ୟ ହଜୁର୍ ଅନ୍ୱୁର୍ ଅ:ବ:ଅଙ୍କ ସହିତ ଜଣ ଜଣ ହୋଇ ଫଟୋ ଉଠାଉଥିଲେ ।

ଏହାପରେ ହଜୁର୍ ଅନ୍ୱୁର୍ ଅ:ବ:ଅ ପାର୍ଲିଆମେଂଟ୍‌ର ବାହ୍ୟ ପ୍ରାଙ୍ଗଣରେ ପଦାର୍ପଣ କଲେ । ପାର୍ଲିଆମେଂଟ୍‌ର ଏହି ଉତ୍ସବରେ ଯୋଗ ଦେଇଥିବା ପାର୍ଲିଆମେଂଟ୍ ମେମ୍ବର୍ ଗଣ ଓ ଅନ୍ୟାନ୍ୟ ଦେଶଗୁଡିକରୁ ଆସିଥିବା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍‌ସ୍ ଓ ଅନ୍ୟାନ୍ୟ ସରକାରୀ ଉଚ୍ଚ ପଦାଧିକାରୀ ଓ ଅତିଥି ବୃନ୍ଦ ଜଣ ଜଣ ହୋଇ ହଜୁର୍ ଅନ୍ୱୁର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କଲେ । ସମସ୍ତେ ହଜୁର୍ ଅନ୍ୱୁର୍ ଅ:ବ:ଅଙ୍କ ସହିତ ମିଶିଲେ । ହଜୁର୍ ଅନ୍ୱୁର୍ ଅ:ବ:ଅ ବହୁତ ସ୍ନେହର ସହିତ ସେମାନଙ୍କ ସାଥିରେ ବାର୍ତ୍ତାଳାପ କଲେ । ଏଠାରେ ମଧ୍ୟ ହଜୁର୍ ଅନ୍ୱୁର୍ ଅ:ବ:ଅଙ୍କ ସହିତ ସେମାନେ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସବୁ ସ୍ଥଳେ ଫରେନ୍ ଆଫାୟାର୍‌ସ୍ କମିଟିର ଚେୟାରମ୍ୟାନ୍ ହଜୁର୍ ଅନ୍ୱୁର୍‌ଙ୍କ ସହିତ ଛିଡ଼ା ହେଉଥିଲେ ।

ଏହାପରେ ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନ୍ୱୁର୍ ଅ:ବ:ଅ ପାର୍ଲିଆମେଂଟ୍ ଅଟ୍ଟାଳିକା ସହିତ ଲଂଲଗ୍ନ ହୋଟେଲ୍ "NIEUWS POORT" ରେ ପଦାର୍ପଣ କଲେ ଯେଉଁଠି କିଛି ସମ୍ମାନୀୟ ଅତିଥିଙ୍କ ସହିତ ସାକ୍ଷାତ୍‌କାର୍ ଓ ପରେ ଏହି ଉତ୍ସବରେ ସାମିଲ୍ ହୋଇଥିବା ସମସ୍ତ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଓ ଅତିଥିମାନଙ୍କ ନିମନ୍ତେ ରାତ୍ରଭୋଜନର ବ୍ୟବସ୍ଥା କରାଯାଇଥିଲା ।

ଠିକ୍ ୬ଟା ବେଳେ ହଜୁର୍ ଅନ୍ୱୁର୍ ଅ:ବ:ଅ ହୋଟେଲ୍‌ରେ ପହଂଚିଲେ ଯେଉଁଠି ଜଣଜଣ ହୋଇ ଅତିଥିମାନେ ହଜୁର୍ ଅନ୍ୱୁର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିଚାଲିଲେ ।

ଇସ୍‌ଲାମ୍‌ର ଶତ୍ରୁ W. GIERET GILDER ର ପାର୍ଟିର ଜଣେ ସଦସ୍ୟ ARNOUD VAN DOORN ହଜୁର୍ ଅନ୍ୱୁର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆସିଲେ । ସେ ୨୦୧୩ ମସିହାରେ ଇସ୍‌ଲାମ୍ ଗ୍ରହଣ କରିଥିଲେ । ଇସ୍‌ଲାମ୍ ଗ୍ରହଣ କରିଥିବା ଯୋଗୁ ଦୁନିଆରେ ତାକୁ ବହୁତ ପ୍ରସିଦ୍ଧି ହାସଲ ହୋଇଥିଲା । ସେ ଏ କଥା ମଧ୍ୟ ପ୍ରକାଶ କରିଥିଲେ କି ସେ ହଜୁର୍ ଅନ୍ୱୁର୍‌ଙ୍କ ସହିତ ସାକ୍ଷାତ୍ କରିବାକୁ ଚାହୁଁଛନ୍ତି ଓ ଫଟୋ ଉଠାଇବାକୁ ମଧ୍ୟ ଚାହୁଁଛନ୍ତି ଯଦ୍ୱାରା ମୁସଲମାନ୍ ମାନଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇବେ କି ତକଫିର୍ ବାଜି (ଜଣେ ଅନ୍ୟଜଣକୁ କାଫିର୍‌ର ଉପାଧି ଦେବା)ଦ୍ୱାରା ସମସ୍ୟା ସମାଧାନ ହୁଏନାହିଁ ବରଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଶିକ୍ଷା ମୁତାବକ ଆମକୁ ଅନ୍ୟମାନଙ୍କ ସହିତ Dialogue କରିବା ଉଚିତ୍ ହେବ ।

ସେ ହଜୁର୍ ଅନ୍ୱୁର୍ ଅ:ବ:ଅଙ୍କ ଗୋଚରରେ ଏକଥା ପ୍ରକାଶ କଲେ କି ମୋର ମାର୍ଗଦର୍ଶନ କରାଯାଉ ଅର୍ଥାତ୍ ମୁଁ ଇସ୍‌ଲାମ୍‌ର ବାର୍ତ୍ତାକୁ ପହଂଚାଇବା ପାଇଁ କିପରି ମାର୍ଗଦର୍ଶନ ହାସଲ କରିବି ।

ଏଥିରେ ହଜୁର୍ ଅନ୍ୱୁର୍ ଅ:ବ:ଅ କହିଲେ କି ପବିତ୍ର କୋରାନ୍‌ରୁ ମାର୍ଗଦର୍ଶନ ହାସଲ କରନ୍ତୁ ଓ ନିଜ ସାଥିମାନଙ୍କୁ ମଧ୍ୟ ବତାନ୍ତୁ କି ସେମାନେ ପବିତ୍ର କୋରାନ୍‌ରୁ ମାର୍ଗ ଦର୍ଶନ ଲାଭ କରିବେ । ପବିତ୍ର କୋରାନ୍‌ର 5 Volume Commentry କୁ ପଢ଼ନ୍ତୁ । ଏଥିରୁ ଆପଣଙ୍କୁ ବହୁତ ମାର୍ଗଦର୍ଶନ ମିଳିବ । ଆଁ ହଜ୍‌ରତ୍ ସ:ଆ:ସ ଏବଂ ସାହାବାଙ୍କ ମାର୍ଗରେ ପରିଚାଳିତ ହୁଅନ୍ତୁ ଓ ତାଙ୍କର ଦୃଷ୍ଟାନ୍ତକୁ ଆପଣାନ୍ତୁ । ପବିତ୍ର କୋରାନ୍ ହେଉଛି ସେହି

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ପୁସ୍ତକ ଯିଏ ସମସ୍ତଙ୍କ ଠାରୁ ଉତ୍ତମ । ଏହାକୁ ଅଧ୍ୟୟନ କରନ୍ତୁ । ଆଁ ହଜରତ୍ ସ:ଆ:ସଙ୍କ ଏଖ୍ଲାକ୍ (ଚରିତ୍ର) ପବିତ୍ର କୋରାନ୍ ମୁତାବକ ହିଁ ଥିଲା ।

ଯେବେ ହଜରତ୍ ଆଇଶା ର:ଅଙ୍କୁ ପଚରାଗଲା କି ରସୁଲେ କରିମ୍ ସ:ଆ:ସଙ୍କ ଉତ୍ତମ ଚରିତ୍ର ସମ୍ବନ୍ଧରେ କିଛି ବତାନ୍ତୁ ବୋଲି ହଜରତ୍ ଆଇଶା ର:ଅ ବତାଇଲେ କି ହଜୁର୍ ସ:ଆ:ସଙ୍କ ଚରିତ୍ର ପବିତ୍ର କୋରାନ୍ ମୁତାବକ ଥିଲା । *କାନା ଖୁଲ୍‌କୁହୁଲ୍ କୁର୍‌ଆନ୍ /* ସୁତରାଂ ଆପଣଙ୍କୁ ପବିତ୍ର କୋରାନ୍‌ରୁ ହିଁ ପ୍ରତ୍ୟେକ ବିଷୟରେ ମାର୍ଗଦର୍ଶନ ମିଳିବ ।

ହଲାଣ୍ଡର ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀ Dr. W.F VAN EEKELEN ସାହେବ ନିଜ ସ୍ତ୍ରୀ ଙ୍କ ସହିତ ହଜୁର୍ ଅନ୍‌ୱର୍ ଅ:ବ:ଅଙ୍କ ସଙ୍ଗେ ସାକ୍ଷାତ୍ କରିବା ପାଇଁ ଆସିଥିଲେ । ସେ ଜଣେ ବିଶିଷ୍ଟ ରାଜନୈତିଜ୍ଞ ମଧ୍ୟ ଓ ତାଙ୍କ ସମ୍ପର୍କ ଲେବରାଲ୍ ପାର୍ଟି ସହିତ ରହିଛି ।

ସେ ପଚାରିଲେ କି ଆମେ ମୁସଲମାନ୍ ଦେଶଗୁଡିକୁ ଏବଂ ମୁସଲମାନ ସଂଗଠନ ଗୁଡିକୁ ଦେଖୁଅଛୁ କି ସେମାନେ ଆପୋଷରେ ଭାଗ ଭାଗ ହୋଇ ରହିଛନ୍ତି ଓ ଜଣେ ଅନ୍ୟଜଣକ ବିରୋଧରେ କାର୍ଯ୍ୟ କରୁଅଛି । ଏପରି କାହିଁକି ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନ୍‌ୱର୍ ଅ:ବ:ଅ କହିଲେ- ପ୍ରତ୍ୟେକ ଗ୍ରୁପ୍ ନିଜ ନିଜର ଲାଭ ଦେଖୁଛନ୍ତି ଓ ତା ମୁତାବକ ପନ୍ଥା ଗ୍ରହଣ କରୁଛନ୍ତି ଓ ପବିତ୍ର କୋରାନ୍‌ର ଶିକ୍ଷାକୁ ସେମାନେ ପରିତ୍ୟାଗ କରିସାରିଛନ୍ତି । ଅର୍ଥାତ୍ ପବିତ୍ର କୋରାନ୍‌ର ଶିକ୍ଷା ମୁତାବକ ପରିଚାଳିତ ହେଉନାହାଁନ୍ତି । ସେଇଥିପାଇଁ ଆପୋଷରେ ଏପରି ବିଭେଦ ଦେଖାଦେଇଛି ।

ଯେପର୍ଯ୍ୟନ୍ତ ମୁସଲମାନ୍ ଦେଶଗୁଡିକ ଓ ସଂଗଠନର ଲିଡର୍‌ସିପ୍ ଗୁଡିକୁ ଗାଇଡ୍ ନକରାଯାଇଛି ଓ ସେମାନଙ୍କର ମନୋଭାବକୁ ଠିକ୍ ନ କରାଯାଇଛି ସେପର୍ଯ୍ୟନ୍ତ କୌଣସି ଭଲ ଫଳ ମିଳିପାରିବ ନାହିଁ । ଏହି ସଂଗଠନ ଗୁଡିକ ବଡ ବଡ ଶକ୍ତିଶାଳୀ ରାଷ୍ଟ୍ରମାନଙ୍କ ଠାରୁ ଫଣ୍ଡ ହାସଲ କରୁଛନ୍ତି । ସେଇଥିପାଇଁ ସେ ଆୟତର ପରିସୀମା ବାହାରକୁ ଚାଲିଯାଇଛନ୍ତି । ତେଣୁ ସେହିମାନଙ୍କ ଭିତରୁ ହିଁ ପୁଣି ତାଲିବାନ୍ ଏବଂ ଅଲକାଇଦା ପରି ସଂଗଠନ ସୃଷ୍ଟି ହେଉଅଛି । ତେଣୁ ମୁସଲମାନ୍ ଲିଡର୍ ମାନଙ୍କୁ ଗୋଟିଏ ପ୍ଲାଟ୍‌ଫର୍ମ୍‌ରେ ଏକାଠି କରିବା ଅତ୍ୟନ୍ତ ଆବଶ୍ୟକ । ଇସ୍‌ଲାମିକ୍ ଅର୍‌ଗାନାଇଜେସନ୍‌କୁ ଏହି ସିଲ୍‌ସିଲାରେ କାମ କରିବାକୁ ହେବ ।

ହଲାଣ୍ଡରେ ନିୟୋଜିତ ସ୍ପେନିସ୍ ଆମ୍ବାସିର ଆମ୍ବାସେଡର୍ Mr. Fernando Arias Gonzalez ମଧ୍ୟ ଆଜିକାର ଏହି ପ୍ରୋଗ୍ରାମ୍‌ରେ ଯୋଗ ଦେଇଥିଲେ । ସେ ହଜୁର୍ ଅନ୍‌ୱର୍‌ଙ୍କ ସହିତ ଯେତେବେଳେ ସାକ୍ଷାତ୍ କରିବା ପାଇଁ ଆସିଲେ କହିଲେ କି ମୁଁ ବହୁତ ସୌଭାଗ୍ୟଶାଳୀ ଯେ ଆଜି ହଜୁର୍ ଅନ୍‌ୱର୍‌ଙ୍କର ଅଭିଭାଷଣକୁ ଶୁଣିପାରିଛି ।

ହଜୁର୍ ଅନ୍‌ୱର୍ ଅ:ବ:ଅ କହିଲେ ଆପଣଙ୍କ ଡେମୋକ୍ରାସି ଅନ୍ୟ ଦେଶମାନଙ୍କ ତୁଳନାରେ ବହୁତ ଭଲ । ଆପଣମାନେ ବହୁତ ଭଲ କାମ କରିଛନ୍ତି । ଏଥିରେ ସ୍ପାନିସ୍ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଜଣକ କହିଲେ କି ଏହିବର୍ଷ ଡିସେମ୍ବର୍ ମାସରେ ଦେଶରେ ନିର୍ବାଚନ ହେଉଅଛି । ଏପରି ଲାଗୁଛି କି କୌଣସି ପାର୍ଟିକୁ ବହୁମତ ହାସଲ ହେବନାହିଁ । ଅନ୍ୟ ପାର୍ଟିମାନଙ୍କ ସହିତ ମିଶି ସରକାର ବନାଇବାକୁ ପଡ଼ିବ ।

ଆଲବାନିଆରୁ Ilip Hoxholli ସାହେବ୍ ଯିଏ ହେଉଛନ୍ତି ଉଚ୍ଚ ପରାମର୍ଶ ଦାତା ଓ ତରାନାର ମେୟର୍ ଏବଂ Ilir dizdari ସାହେବ ନ୍ୟାସ୍‌ନାଲ୍ କ୍ଲିଟ୍ କମିଟି ଆଲ୍‌ବାନିଆର ସଭାପତି ଏହି ଉତ୍ସବରେ ମଧ୍ୟ ଯୋଗ ଦେଇଥିଲେ । ଏହି ଦୁଇଜଣଯାକ ମଧ୍ୟ ହଜୁର୍ ଅନ୍‌ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ଓ କୃତଜ୍ଞତା ଜ୍ଞାପନ କରି କହିଲେ- ଆମ ଦୁଇଜଣଙ୍କର ସମ୍ବନ୍ଧ ଏପରି ଏକ ଦେଶ ସହିତ ଅଛି ଯେଉଁଠି ଧର୍ମୀୟ ଭାଇଚାରା ରହିଛି । ଆମର ପୂର୍ବପୁରୁଷ ଏହି ଚରିତ୍ରକୁ ଶହଶହ ବର୍ଷ ହେବ ବଳିଦାନ ଦେଇ ସଂରକ୍ଷିତ ଓ ବଜାୟ ରଖିଛନ୍ତି । ବର୍ତମାନ ଆମର ଦାୟିତ୍ୱ ହେଉଛି ଏହା କି ଆମେ ଏହି ଗୁଣକୁ ନିଜର ଆସନ୍ତା ପିଢ଼ୀକୁ ପହଂଚାଇବୁ । ଧର୍ମ ହେଉଛି ଏକ ଅଟ୍ଟାଳିକା ସଦୃଶ ଓ ପ୍ରତ୍ୟେକ ସେଥିରେ ଗୋଟିଏ ଗୋଟିଏ ଇଟା ଖଞ୍ଜିଥାଏ ।

ଏଥିରେ ହଜୁର୍ ଅନ୍‌ୱର୍ ଅ:ବ:ଅ କହିଲେ- ଏହା ହେଉଛି ଆମର ଉଦ୍ଦେଶ୍ୟ କି ଆମେ ସମସ୍ତେ ପ୍ରେମର ସହିତ ଜୀବନଯାପନ କରିବା ଓ ସହିଷ୍ଣୁତା ଓ ଭାଇଚାରାର ସମାଜ ଗଠନ କରିବା । ଉକ୍ତ ମେମ୍ବର୍‌ମାନେ କହିଲେ କି ଆମେ ଆପଣଙ୍କୁ ଗ୍ୟାରେଂଟି ଦେଉଛୁ ଆଲ୍‌ବାନିଆରେ ସମସ୍ତ ଧର୍ମପାଇଁ ସମାନ ସ୍ଥାନ ରହିଛି । ଆମେ ହଜୁର୍ ଅନ୍‌ୱର୍‌ଙ୍କ ପାଇଁ ଅନ୍ତରରୁ ସମ୍ମାନ ପ୍ରକାଶ କରୁଅଛୁ ।

ଏଥିରେ ହଜୁର୍ ଅନ୍‌ୱର୍ ଅ:ବ:ଅ କହିଲେ ଆପଣଙ୍କ ବହୁତ ବହୁତ ଧନ୍ୟବାଦ କି ଆପଣ ଦୁଇଜଣ ଏଠାକୁ ଆସିଛନ୍ତି । ଇଶ୍ୱର କରନ୍ତୁ କି ଯେଉଁଭଳି ଆଲ୍‌ବାନିଆରେ ଧର୍ମୀୟ ସ୍ୱାଧୀନତା କାଏମ୍ ହୋଇଛି ସେହିଭଳି ସଦାସର୍ବଦା କାଏମ୍ ରହୁ ଓ ଗୋଟିଏ କୌମ୍ ହୋଇ ଆଗକୁ ଉନ୍ନତି କରିଚାଲୁ ।

ଅତିଥିମାନଙ୍କ ସହିତ ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ୬:୪୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନ୍‌ୱର୍ ଅ:ବ:ଅ ସେହି ହଲ୍ ଭିତରକୁ ପ୍ରବେଶ କଲେ, ଯେଉଁଠି ହଜୁର୍ ଅନ୍‌ୱର୍ ଅ:ବ:ଅଙ୍କ ସମ୍ମାନରେ ରାତ୍ରିଭୋଜନର ବ୍ୟବସ୍ଥା କରାଯାଇଥିଲା ।

ଆଜି ହଲାଣ୍ଡ ପାର୍ଲିଆମେଂଟ୍‌ରେ ଅନୁଷ୍ଠିତ ହୋଇଥିବା ଉତ୍ସବରେ ୮୯ଜଣ ସରକାରୀ ହୁକାମ୍ ସାମିଲ୍ ହୋଇଥିଲେ । ଯେଉଁମାନଙ୍କ ମଧ୍ୟରୁ ହଲାଣ୍ଡ ପାର୍ଲିଆମେଂଟ୍‌ର ମେମ୍ବର୍ ଅଫ୍ ପାର୍ଲିଆମେଂଟ୍‌ଙ୍କ ବ୍ୟତୀତ ସ୍ପେନ୍, ଆୟାରଲାଣ୍ଡ, ସ୍ୱିଡେନ୍, କ୍ରୋଏସିଆ, ମଂଟେନଗ୍ରୋ, ଆଲ୍‌ବାନିଆ, ଫ୍ରାନ୍ସ, ସୁଇଜରଲାଣ୍ଡ, ବେଲ୍‌ଜିୟମ୍, ଜର୍ମାନୀ, ଇଣ୍ଡିଆ, ଫିଲିପାଇନ୍, ଡେନ୍‌ମାର୍କ୍ ଏବଂ ସାଇପ୍ରସ୍‌ରୁ ଏବଂ ଅନ୍ୟ କିଛି ଦେଶଗୁଡିକରୁ ପାର୍ଲିଆମେଂଟ୍ ମେମ୍ବର୍‌ମାନେ ଓ କିଛି ଦେଶର ଆମ୍ବାସେଡର୍ ଓ ଅନ୍ୟାନ୍ୟ କିଛି ସରକାରୀ ହୁକାମ୍ ଓ ପ୍ରତିନିଧି ସାମିଲ୍ ହୋଇଥିଲେ । U.S.A ର ଆମ୍ବାସିରୁ ତାଙ୍କର ପଲ୍‌ଟିକାଲ୍ ଅଫିସର୍ ସାମିଲ୍ ହୋଇଥିଲେ ।

ଏହି ସମସ୍ତ ବ୍ୟକ୍ତିବିଶେଷ ଡିନର୍‌ରେ ଯୋଗଦେଲେ । ଡିନର୍ ପ୍ରୋଗ୍ରାମ୍ ପରେ ଠିକ୍ ୮ଟା ବେଳେ ହଜୁର୍ ଅନ୍‌ୱର୍ ଅ:ବ:ଅ ଏଠାରୁ ବାହାରି ମସଜିଦ୍ ମୁବାରକ୍, ହେଗ୍ ନିମନ୍ତେ ଯାତ୍ରା ଆରମ୍ଭ କଲେ ଓ ୮:୩୦ ସମୟରେ ନମାଜ ମଗରିବ୍ ଓ ଇସା ଜମାକରି ପଢ଼ାଇଲେ ।

ପ୍ରୋଗ୍ରାମ୍ ମୁତାବକ ନମାଜ ପାଠ ପରେ ୯:୧୦ରେ ହଜୁର୍ ଅନ୍‌ୱର୍ ଅ:ବ:ଅ ମସଜିଦ୍ ମୁବାରକ୍ ହେଗ୍‌ରୁ ନନ୍‌ସ୍ପିଟ୍ ନିମନ୍ତେ ରୱାନା ହେଲେ । ୧ଘଂଟା ୨୫ମିନିଟ୍ ଯାତ୍ରା କରିବା ପରେ ନନ୍‌ସ୍ପିଟ୍‌ରେ ହଜୁର୍‌ଙ୍କର ଶୁଭାଗମନ ହେଲା । ହଜୁର୍ ଅନ୍‌ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ପାର୍ଲିଆମେଂଟ୍‌ର ଉତ୍ସବରେ ହଜୁର୍ ଅନ୍‌ୱର୍ ଅ:ବ:ଅ ଯେଉଁ ଅଭିଭାଷଣ ପ୍ରଦାନ କଲେ ଓ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଗଣଙ୍କ ପ୍ରଶ୍ନର ଉତର ଦେଲେ ସେ ସବୁ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଏବଂ ଅତିଥିମାନଙ୍କ ମନରେ ଗଭୀର ପ୍ରଭାବ ପକାଇଛି ଓ କିଛି ଅତିଥି ପ୍ରତ୍ୟକ୍ଷ ରୂପେ ଖୋଲାଖୋଲି ଭାବେ ତାଙ୍କର ମନୋଭାବକୁ ପ୍ରକାଶ କରିଛନ୍ତି ।

**ପାର୍ଲିଆମେଂଟ୍‌ର ସଦସ୍ୟମାନେ ଓ ଅତିଥିମାନଙ୍କର ମନୋଭାବ**

ଫରେନ୍ ଆଫାୟାର୍ କମିଟିର କାର୍ଯ୍ୟନିର୍ବାହୀ ଚେୟାର୍‌ମ୍ୟାନ୍ Mr. Harry Van Bommel ସାହେବ୍ (ଯିଏ ଏହି ଉତ୍ସବର ଆତିଥ୍ୟତା ମଧ୍ୟ କରିଥିଲେ) ନିଜ ମନୋଭାବକୁ ପ୍ରକାଶ କରି କହିଲେ କି ତାଙ୍କୁ ଅନେକ ପାର୍ଲିଆମେଂଟ୍ ମେମ୍ବର୍‌ମାନେ କହିଛନ୍ତି ଯେ ଏହି ପ୍ରୋଗ୍ରାମ୍‌ଟିକୁ କିପରି ଅନୁଷ୍ଠିତ କରାଇନେଲେ । ଏହି ପ୍ରୋଗ୍ରାମ୍ ତାଙ୍କ ଆଶାଠାରୁ ଅଧିକ ସଫଳ ରହିଲା ଓ ଏଥିରୁ ଆଗକୁ ବହୁତ ଉତ୍ତମ ଫଳ ବାହାରିବ । ଖଲିଫତୁଲ୍ ମସିହ୍ ନିଜର ପ୍ରୋଗ୍ରାମ୍ ବହୁତ ପ୍ରଭାବଶାଳୀ ଶୈଳୀରେ ଉପସ୍ଥାପନ କଲେ । ହଲାଣ୍ଡର ଲୋକମାନଙ୍କର ଏ ହକ୍ ରହିଛି କି ସେମାନଙ୍କୁ ଇସ୍‌ଲାମ୍‌ର ଏହି ଶାନ୍ତିପ୍ରିୟ ଚେହେରାକୁ ମଧ୍ୟ ଦେଖାଇ ଦିଆଯାଉ । ଏହି ବାର୍ତା ସେମାନଙ୍କ ପାଇଁ ନିତ୍ୟାନ୍ତ ଆବଶ୍ୟକ । ଖଲିଫତୁଲ୍ ମସିହ୍‌ଙ୍କ ସହିତ ପାର୍ଲିଆମେଂଟ୍‌ରେ ହୋଇଥିବା ଏହି ଉତ୍ସବଟି ପ୍ରଥମ ପଦକ୍ଷେପ ଥିଲା । ଆମେ ଆଗକୁ ଏହିପରି ପ୍ରୋଗ୍ରାମ୍ ଅନୁଷ୍ଠିତ କରିବୁ ।

ହଲାଣ୍ଡର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ Dr. W.F VAN EEKELEN ସାହେବ ନିଜର ଭାବନାକୁ ବ୍ୟକ୍ତ କରି କହିଲେ-

ଖଲିଫତୁଲ୍ ମସିହ୍‌ଙ୍କ ବାର୍ତାରୁ ଇସ୍‌ଲାମ୍‌ର ବାସ୍ତବିକ ଚେହେରା ଦେଖିବା ପାଇଁ ମୌକା ମିଳିଲା । ଏବେ ଏ ଇଛା ଅଛି କି ହଜୁର୍ ଅନ୍‌ୱର୍ ବାରମ୍ବାର ହଲାଣ୍ଡ ଆସନ୍ତୁ ଯଦ୍ଦ୍ୱାରା ଲୋକମାନଙ୍କ ମନରୁ ଇସ୍‌ଲାମ୍ ଫୋବିୟା (ଇସ୍‌ଲାମ୍ ପ୍ରତି ଭୟ) ବାହାରିଯିବ । ପାର୍ଲିଆମାନି କମିଟିର ପ୍ରଶ୍ନଗୁଡିକର ହଜୁର୍ ଅନ୍‌ୱର୍ ଅ:ବ:ଅ ଯେଉଁଭଳି ଉତର ଦେଲେ କୌଣସି ବୁଦ୍ଧିଜିବୀଙ୍କ ଆଖିକୁ ଖୋଲିଦେବା ପାଇଁ ଏହା ଯଥେଷ୍ଟ ହେବ ।

ପ୍ରତିରକ୍ଷା ମନ୍ତ୍ରାଳୟର ଦୁଇଜଣ ଇଞ୍ଜିନିୟର୍ Mr. Lew Hakkaart and Mr. Martin Oostenbrink ସାହେବ୍ ଏହି ଉତ୍ସବରେ ସାମିଲ୍ ହୋଇଥିଲେ । ସେହି ଦୁଇଜଣ ନିଜର ମନୋଭାବକୁ ପ୍ରକାଶ କରି କହିଲେ କି ଏହା ଏକ ଅସାଧାରଣ ପ୍ରୋଗ୍ରାମ୍ ଥିଲା ଓ ଆମକୁ ବହୁତ ଗର୍ବ ଯେ ଆମେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇପାରିଲୁ । ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ବହୁତ ପ୍ରଭାବଶାଳୀ ଥିଲା, ଯଦ୍ଦ୍ୱାରା ତାଙ୍କୁ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ବିଷୟରେ ଜ୍ଞାନ ମିଳିଲା ।

Global Human Rights Defence ର ଦୁଇଜଣ ମହିଳା ସଦସ୍ୟ- Nazli Tuncay and Radjnie Gowri ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ କି ଏ ପୃଥିବୀରେ ଶାନ୍ତି ସ୍ଥାପନା ନିମନ୍ତେ ଏହା ଜରୁରୀ ଅଟେ କି ହଜୁର୍ ଅନ୍‌ୱର୍‌ଙ୍କ ଦ୍ୱାରା ପାର୍ଲିଆମେଂଟ୍‌ରେ ଦିଆଯାଇଥିବା ବାର୍ତାକୁ ସମସ୍ତ ପଲିସି ମେକର୍‌ଙ୍କ ପର୍ଯ୍ୟନ୍ତ ପହଂଚାଇ ଦିଆଯାଉ ।

ଏହି ଉତ୍ସବରେ ହଲାଣ୍ଡରେ ନିୟୋଜିତ ଥିଲା ସ୍ପେନ୍‌ର ଆମ୍ବାସେଡର୍ Mr. Fernando Aria Gonzalez ମଧ୍ୟ ସାମିଲ୍ ହୋଇଥିଲେ । ସେ ନିଜର ମନୋଭାବକୁ ପ୍ରକାଶ କରି କହିଲେ ମୁଁ ହଜୁର୍ ଅନ୍‌ୱର୍ ଅ:ବ:ଅଙ୍କ ବୁଦ୍ଧିମତା ଓ ହିକମତ୍ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ବିଶେଷ ରୂପେ ଯେଉଁଭଳି ହଜୁର୍ ଅନ୍‌ୱର୍ ଅ:ବ:ଅ ବାକ୍ ସ୍ୱାଧିନତା, ସହିଷ୍ଣୁତା ଓ ଅନ୍ୟ ଧର୍ମ ପାଇଁ ଥିବା ସମ୍ମାନ ଓ ଭାବନା ବିଷୟରେ ପ୍ରଶ୍ନ ଗୁଡିକର ଉତର ପ୍ରଦାନ କଲେ ତାହା ବହୁତ ତାତ୍ତ୍ୱିକ ଓ ମାର୍ମିକ ଥିଲା ।

ହଜୁର୍ ଅନ୍‌ୱର୍ ଅ:ବ:ଅ ନିଜ ଭାଷଣ ମଝିରେ ସହିଷ୍ଣୁତା, ଧର୍ମୀୟ ସ୍ୱାଧୀନତା ଓ ଭାଇଚାରା ସମ୍ବନ୍ଧରେ ଯେଉଁ ସବୁ କଥାଗୁଡିକ ବର୍ଣ୍ଣନା କଲେ ମୁଁ ସେଗୁଡିକ ଉପରେ ଦୃଢ଼ ସହମତି ପ୍ରଦାନ କରୁଛି । ଆନ୍ତର୍ଜାତୀୟ ଧର୍ମ ଭିତରେ ଭାଇଚାରା ଓ ବିଶ୍ୱଶାନ୍ତି ନିମନ୍ତେ ଏହି ସବୁ କଥାଗୁଡିକ ଉପରେ ଧ୍ୟାନ ରଖିବା ଅତ୍ୟନ୍ତ ଆବଶ୍ୟକ ।

ସ୍ପେନ୍‌ର ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Jose Maria Alonso ସାହେବ୍ ମଧ୍ୟ ଏହି ଉତ୍ସବରେ ସାମିଲ୍ ଥିଲେ । ସେ କହୁଛନ୍ତି:- ହଜୁର୍ ଅନ୍‌ୱର୍ ଅ:ବ:ଅଙ୍କ ମାନବ ଜାତି ନିମନ୍ତେ ଥିବା ଶାନ୍ତି, ସ୍ୱାଧୀନତା ଓ ଇଶ୍ୱର ଯେଉଁ ସମସ୍ତ ପ୍ରାଣୀକୁ ସୃଷ୍ଟି କରିଛନ୍ତି, ସେମାନଙ୍କ ସହିତ ଥିବା ପ୍ରେମପୂର୍ଣ୍ଣ ବାର୍ତାକୁ ଶୁଣି ବହୁତ ଖୁସି ଲାଗିଲା । ଏପରି ଏକ ସଂସାରରେ ଯେଉଁଠି ଯୁଦ୍ଧ ଓ ଧର୍ମ ନାମରେ ହେଉଥିବା ଅତ୍ୟାଚାର ଦିନକୁ ଦିନ ବଢ଼ିଚାଲିଛି ସେଠାରେ ଏହି ପ୍ରକାରର ଶାନ୍ତିର ବାର୍ତା ଦେଇଥିବା ଯୋଗୁ ଆମକୁ କୃତଜ୍ଞତା ଜ୍ଞାପନ କରିବାକୁ ହେବ । ସେହି ସମସ୍ତ ଲୋକମାନେ ଯେଉଁମାନେ ଶାନ୍ତି ଚାହୁଁଛନ୍ତି ବର୍ତମାନ ପୂର୍ବଠାରୁ ବଳି ସେମାନଙ୍କୁ ଏକ ହେବାକୁ ପଡ଼ିବ । ଆମ ନିଜ ଭିତରେ ମିଳୁଥିବା ବିଭିନ୍ନତା ଉପରେ ଜୋର୍ ଦେବା ପରିବର୍ତେ ଯାହାକିଛି ଆମମାନଙ୍କ ଭିତରେ ସମାନତା ଅଛି ଆମକୁ ସେଥିପ୍ରତି ଧ୍ୟାନ ଦେବାକୁ ହେବ । ମୁଁ ସମସ୍ତଙ୍କୁ ଅସ୍‌ସଲାମୋ ଆଲେକୁମ୍ କହିବି ।

ସ୍ପେନ୍‌ର ଆଉଜଣେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Mr. Juan Antonio Abad ସାହେବ୍ ମଧ୍ୟ ଏହି ଉତ୍ସବରେ ସାମିଲ୍ ଥିଲେ । ସେ ନିଜର ମନୋଭାବ ବ୍ୟକ୍ତ କରି କହୁଛନ୍ତି ବିଶେଷ ରୂପେ ହଜୁର୍ ଅନ୍‌ୱର୍ ଅ:ବ:ଅଙ୍କ ଅଭିଭାଷଣକୁ ଶୁଣିବା ଓ ଜମାତ୍ ଅହେମଦୀୟାର ଶାନ୍ତି ନିମନ୍ତେ ଥିବା ବାର୍ତାକୁ ଶୁଣିବା ମୋ ପାଇଁ ଏକ ନିଆରା ଅନୁଭବ ଥିଲା । ସବୁଠାରୁ ବଳି ହଜୁର୍ ଅନ୍‌ୱର୍‌ଙ୍କ ନିକଟକୁ ଯିବା ଓ ତାଙ୍କ ସହିତ ମିଶିବା ମୋ ପାଇଁ ବହୁତ ଗର୍ବର ବିଷୟ ଥିଲା ।

ଆଜିକାଲି ଦୁନିଆରେ ଯେଉଁ ସଙ୍କଟାପନ୍ନ ପରିସ୍ଥିତିରେ ଆମେ ରହୁଅଛେ ସେଠାରେ ଶାନ୍ତିର ବାର୍ତା ଦେବା ହେଉଛି ବହୁତ ଗୁରୁତ୍ୱପୂର୍ଣ୍ଣ କଥା । ଆମମାନଙ୍କୁ ଏହିଭଳି ଉତ୍ସବ ଆଗକୁ ଅନୁଷ୍ଠିତ କରିବା ଉଚିତ୍ ଯଦ୍ଦ୍ୱାରା ଆମେ ସେହି

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ...*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.3 Thursday 06 September 2018 Issue No.36

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:** Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ୍ ଗସ୍ତ - ଅକ୍ଟୋବର ୨୦୧୫ ର କାର୍ଯ୍ୟବ୍ୟସ୍ତତା

## ୬ ଅକ୍ଟୋବର ୨୦୧୫ (ମଙ୍ଗଳବାର) ରିପୋର୍ଟ୍‌ର ବଳକା ଅଂଶ

ଜମାତ୍ ଅହେମଦୀୟାର ଇତିହାସରେ କିଛି ଏପରି ଦିନ ମଧ୍ୟ ଆସିଥାଏ ଯାହା ନିଜର ବିଶେଷତା ଯୋଗୁ ଅସାଧାରଣ ଗୁରୁତ୍ୱ ରଖିଥାଏ ଓ ଆସନ୍ତାକୁ ଥିବା କ୍ରାନ୍ତି ଓ ପରିବର୍ତନ ପାଇଁ ମାଇଲ୍ ଖୁଂଟ ସାବ୍ୟସ୍ତ ହୋଇଥାଏ । ଜମାତ୍ ଅହେମଦୀୟା ଇତିହାସରେ ଆଜିର ଦିନଟି ସେହିପରି ଏକ ଦିନ ଯାହା ଇନ୍‌ଶାଅଲ୍ଲାଃ ଆସନ୍ତାକୁ ଏକ ମହାନ୍ କ୍ରାନ୍ତି ଓ ବିଜୟର ଆଧାର ପ୍ରମାଣିତ ହେବ ଓ ହଲାଣ୍ଡ୍‌ର ଭୂପୃଷ୍ଠରେ ମଧ୍ୟ ଜମାତ୍ ଅହେମଦୀୟାର ଉନ୍ନତି ନିମନ୍ତେ ଏକ ନୂଆ ମାର୍ଗ ଉନ୍ମୁକ୍ତ ହେବ ।

ୟୁରୋପ୍ ମହାଦେଶର ଭୂପୃଷ୍ଠରେ ଥିବା ଦେଶ ଗୁଡିକର ନ୍ୟାସ୍‌ନାଲ୍ ପାର୍ଲିଆମେଂଟ୍‌ସରେ ସର୍ବପ୍ରଥମେ ହଜୁର୍ ଅନୁୱର୍ ଅ:ବ:ଅ ୨୨ ଅକ୍ଟୋବର ୨୦୦୮ ମସିହା ଦିନ ବ୍ରିଟିଶ୍ ପାର୍ଲିଆମେଂଟ୍‌ରେ ପଦାର୍ପଣ କରି ନିଜର ଅଭିଭାଷଣ ପ୍ରଦାନ କଲେ । ପୁଣି ଏହାପରେ ୪ ଡିସେମ୍ବର୍ ୨୦୧୨ କୁ ହଜୁର୍ ଅନୁୱର୍ ଅ:ବ:ଅ ୟୁରୋପିଆନ୍ ପାର୍ଲିଆମେଂଟ୍‌ରେ ପହଂଚି ନିଜର ଐତିହାସିକ ଅଭିଭାଷଣ ପ୍ରଦାନ କଲେ ।

ଆଜି ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଓ ସମ୍ମାନରେ ହଲାଣ୍ଡ ସରକାରଙ୍କ Foreign Affair Committee ଙ୍କ ତରଫରୁ ହଲାଣ୍ଡ୍‌ର ନ୍ୟାସ୍‌ନାଲ୍ ପାର୍ଲିଆମେଂଟ୍‌ରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା ।

ପ୍ରୋଗ୍ରାମ୍ ମୁତାବକ Nunspeet ରୁ ମସ୍‌ଜିଦ୍ ମୁବାରକ୍ Den Haag ନିମନ୍ତେ ବାହାରିବାର ଥିଲା । ଆଜିର ଉତ୍ସବରେ ଯୋଗଦେବା ପାଇଁ ହଲାଣ୍ଡ୍ ବ୍ୟତୀତ ୟୁରୋପ୍‌ର ଅନ୍ୟଦେଶଗୁଡିକରୁ ଯେଉଁ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଓ କିଛି ଅନ୍ୟାନ୍ୟ ସରକାରୀ ପ୍ରତିନିଧି ଏବଂ ଅତିଥି ଆସିଥିଲେ ସେ ସମସ୍ତଙ୍କର ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍‌ର ପ୍ରୋଗ୍ରାମ୍ ମସ୍‌ଜିଦ୍ ମୁବାରକ୍ ହେଗ୍‌ଠାରେ ରଖାଯାଇଥିଲା । ଏହି ସାକ୍ଷାତ୍‌କାରର ପ୍ରୋଗ୍ରାମ୍ ପରେ ପୁଣି ଏଠାରୁ ପାର୍ଲିଆମେଂଟ୍ ନିମନ୍ତେ ଯାତ୍ରା କରିବାର ଥିଲା । ଦିନ ୧୨:୦୫ ରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ପଦାର୍ପଣ କଲେ ଓ ନନ୍‌ସ୍ପିଟ୍‌ଠାରୁ ମସ୍‌ଜିଦ୍ ମୁବାରକ୍ ହେଗ୍ ନିମନ୍ତେ ଯାତ୍ରା କଲେ । ନନ୍‌ସ୍ପିଟ୍‌ଠାରୁ ହେଗ୍‌ର ଦୂରତା ହେଉଛି ୧୩୦କି.ମି । ୧:୩୫ରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍ ମୁବାରକ୍ ହେଗ୍‌ଠାରେ ପଦାର୍ପଣ କଲେ, ଯେଉଁଠି ସ୍ଥାନୀୟ ଜମାତ୍‌ର ପୁରୁଷ ମହିଳାମାନେ ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଇଲେ । ଛୋଟଛୋଟ ପୁଅଝିଅମାନେ ସ୍ୱାଗତ ସଂଗୀତ ଉପସ୍ଥାପନ କଲେ ।

ମୋକରମ୍ ଅବ୍‌ଦୁଲ୍ ହମିଦ୍ ଦର୍ ଫିଲ୍‌ଦନ୍ ସାହେବ୍ ନାଏବ୍ ଅମୀର୍ ଜମାତ୍ ହଲାଣ୍ଡ, ମୋକରମ୍ ତାହେର୍ ମେହ୍‌ମୁଦ୍ ସାହେବ୍ ସଦର୍‌ଜମାତ୍ ହେଗ୍ ଏବଂ ନ୍ୟାସ୍‌ନାଲ୍ ସେକ୍ରେଟାରୀ ଉମୁରେ ଆମା, ମୋକରମ୍ ଦାଉଦ୍ ଅକମଲ୍ ସାହେବ୍ ନାଏବ୍ ସଦର୍ ଜମାତ୍ ହେଗ୍, ମୁବଶିର୍ ଅହେମଦ୍ ସାହେବ୍ ସଦର୍ ଜମାତ୍ Zotermeer ଏବଂ ଅଲି କାସ୍‌ମି ସାହେବ୍ କାଏଦ୍ ଖୁଦାମୁଲ୍ ଅହେମଦୀୟା ହେଗ୍ ହଜୁର୍ ଅନୁୱର୍ ଅ:ବ:ଅଙ୍କୁ ସ୍ୱାଗତ ଜଣାଇ କରମର୍ଦ୍ଦନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ହଜୁର୍ ଅନୁୱର୍ ଅ:ବ:ଅ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମେ ଆଲୈକୁମ୍ କହିଲେ ଓ ମିଶନ୍ ହାଉସ୍‌ରେ ହଜୁର୍‌ଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଆବାସସ୍ଥଳୀକୁ ଚାଲିଗଲେ ।

ଦିନ ୨:୧୦ରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍ ମୁବାରକ୍‌ରେ ପହଂଚି ନମାଜ୍ ଜୋହର୍ ଏବଂ ଅସର୍ ପଢ଼ାଇଲେ । ନମାଜ ପାଠ କରିବା ପରେ କିଛି ସମୟପାଇଁ ହଜୁର୍ ଅନୁୱର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ପ୍ରୋଗ୍ରାମ୍ ମୁତାବକ ୩:୧୦ରେ ହଜୁର୍ ଅନୁୱର୍ ଅ:ବ:ଅ ମିଟିଂ ରୁମ୍‌ରେ ପଦାର୍ପଣ କଲେ ଯେଉଁଠି ସ୍ୱିଡେନ୍, ସ୍ପେନ୍, ଆୟାର୍‌ଲାଣ୍ଡ, କ୍ରୋରୋଶିଆ, ମଂଟୋଗିରୋ, ସ୍ୱିଜର୍‌ଲାଣ୍ଡ ଏବଂ ଅଲ୍‌ବାନିଆ ଦେଶରୁ ଆସିଥିବା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଓ ଅନ୍ୟାନ୍ୟ ଅତିଥିବୃନ୍ଦ ହଜୁର୍ ଅନୁୱର୍‌ଙ୍କ ଆଗମନର ଅପେକ୍ଷାରେ ଥିଲେ । ଜଣଜଣ କରି ସମସ୍ତ ମେମ୍ବର୍‌ମାନେ ନିଜର ପରିଚୟ ପ୍ରଦାନ କଲେ ।

ହଜୁର୍ ଅନୁୱର୍ ଅତିଥିମାନଙ୍କୁ ସମ୍ବୋଧନ କରି କହିଲେ କି ଆପଣମାନେ ଆଜି ପାର୍ଲିଆମେଂଟ୍‌ର ଫଙ୍କ୍‌ସନ୍‌ରେ ଯୋଗଦେବା ପାଇଁ ଆସିଥିବାରୁ ମୁଁ ବହୁତ ଖୁସି ଅନୁଭବ କରୁଛି । ଆପଣମାନଙ୍କ ମଧ୍ୟରୁ କିଛି ବ୍ୟକ୍ତି ଜମାତ୍‌ର ପ୍ରୋଗ୍ରାମ୍ ଗୁଡିକରେ ପୂର୍ବରୁ ମଧ୍ୟ ଯୋଗ ଦେଇଛନ୍ତି ।

ସିରିଆରୁ ଆସିଥିବା ରିଫ୍ୟୁଜି ପ୍ରସଙ୍ଗରେ ଚର୍ଚ୍ଚା ହେଲା । ଏଥିରେ ସ୍ୱିଡେନ୍‌ରୁ ଆସିଥିବା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ବତାଇଲେ କି ସ୍ୱିଡେନ୍‌ରେ ପ୍ରତ୍ୟେକ ଦିନ ଏକହଜାର ରିଫ୍ୟୁଜି ପହଂଚୁଛନ୍ତି । ଏହାଶୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଜର୍ମାନୀ ଏବଂ ସ୍ୱିଡେନ୍‌କୁ ଅଧିକା ରିଫ୍ୟୁଜି ଆସୁଛନ୍ତି ।

ସ୍ପେନ୍‌ରୁ ଆସିଥିବା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଜଣକ ବତାଇଲେ କି ଆମେ ୧୫ ହଜାର୍ ନେଉଅଛୁ । କାରଣ ଆମ ନିକଟରେ ମରାକିଶ୍, ମାଲି, ଅଲ୍‌ଜଜାଇର୍, ଘାନା ଏବଂ ନାଇଜେରିଆରୁ ମଧ୍ୟ ବହୁତ ଲୋକେ ଆସି ଅଛନ୍ତି ।

ସ୍ୱିଜର୍‌ଲାଣ୍ଡ୍‌ରୁ ଆସିଥିବା ଅତିଥିମାନେ ବତାଇଲେ କି ସ୍ୱିଜର୍‌ଲାଣ୍ଡ ୨୦ ହଜାର୍ (ଶରଣାର୍ଥୀ)ଙ୍କୁ ନେଉଅଛି ଓ ଏତଦ୍‌ଭିନ୍ନ ବହୁତ ରିଫ୍ୟୁଜି ଏହା ପୂର୍ବରୁ ମଧ୍ୟ ଆସିସାରିଛନ୍ତି ।

ସ୍ୱିଜର୍‌ଲାଣ୍ଡ୍‌ରୁ ଆସିଥିବା ଜଣେ ପାଦ୍ରୀ Bishop Dr. Amen Howard ମଧ୍ୟ ଆସିଥିଲେ । ସେ ହଜୁର୍ ଅନୁୱର୍ ଅ:ବ:ଅଙ୍କୁ ଜେନିଭା ଆସିବା ପାଇଁ ନିମନ୍ତ୍ରଣ ଦେଲେ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଇନ୍‌ଶାଅଲ୍ଲାଃ ମୁଁ ସେଠାକୁ ଆସିବା ପାଇଁ ଚେଷ୍ଟା କରିବି ।

Montenegro ଦେଶରୁ ଆସିଥିବା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ Dritan Abazovic ସାହେବ୍ ହଜୁର୍ ଅନୁୱର୍ ଅ:ବ:ଅଙ୍କୁ ଧନ୍ୟବାଦ ଅର୍ପଣ କଲେ କି ତାଙ୍କୁ ଆଜି ପାର୍ଲିଆମେଂଟ୍‌ର ଉତ୍ସବରେ ସାମିଲ୍ ହେବାପାଇଁ ଅବସର ମିଳୁଅଛି । ସେ ପୁଣି କହିଲେ ଆମ ଦେଶ ହେଉଛି ଗୋଟିଏ ଛୋଟିଆ ଦେଶ । Montenegro ଠାରେ ହଜୁର୍ ଅନୁୱର୍‌ଙ୍କ ଆଗମନକୁ ସମ୍ଭବ କରିବା ପାଇଁ ଆମକୁ କିଛି ସମୟ ଦରକାର । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ ହସିକରି କହିଲେ ମୁଁ ଜଣେ ନିମିତ ମନୁଷ୍ୟ । ମୁଁ ଆପଣଙ୍କ ବିନା ନିମନ୍ତ୍ରଣରେ ମଧ୍ୟ ଯାଇପାରିବି । ହଜୁର୍ ଅନୁୱର୍ ଅ:ବ:ଅ ପୁଣି କହିଲେ ଦେଶ ଛୋଟ ହେଉ ବା ବଡ଼ ଏଥିରେ କିଛି ପ୍ରଶ୍ନ ଉଠୁନାହିଁ । ଅସଲ କଥା ହେଉଛି ହୃଦୟ ବଡ ହେବା ଉଚିତ୍ ଓ ଆପଣ ଖୋଲା ହୃଦୟ ସହିତ କଥା ହେଉଛନ୍ତି । ଏହା ଆପଣଙ୍କର ଗୋଟିଏ ବହୁତ ଭଲ ଗୁଣ ।

ସ୍ପେନ୍‌ରୁ ଆସିଥିବା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଜଣକ ପଚାରିଲେ କି ବର୍ତମାନ ସିରିଆରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ଏ ସମ୍ବନ୍ଧରେ ହଜୁର୍ ଅନୁୱର୍ ଅ:ବ:ଅଙ୍କର କଣ ରାୟ ରହିଛି । ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମୁଁ ଏହା ଭାବୁନାହିଁ କି ବର୍ତମାନ ଯେଉଁ ପରିସ୍ଥିତି ଉପୁଜୁଛି ତାକୁ ୟୁରୋପ୍ ୟୁନିୟନ୍ ସମ୍ଭାଳି ନେବ ବୋଲି । ରୁଷିଆ ସିରିଆରେ ପ୍ରବେଶ କରିସାରିଛି । ସେ ସରକାର ବିରୋଧି ଗୋଷ୍ଠୀମାନଙ୍କ ଉପରେ ଆକାଶ ମାର୍ଗରୁ ଆକ୍ରମଣ କରିଛି ଓ ନିଜର ଏୟାର୍‌ବସ୍ ମଧ୍ୟ ତିଆରି କରୁଛି । ଆଜିର ଏ ଖବର ଥିଲା କି ରୁଷିଆର ଜାହାଜ ଗୁଡିକ ତୁର୍କିର ବର୍ଡର୍ ନିକଟରେ ଆକାଶ ମାର୍ଗରୁ ଆକ୍ରମଣ କରିଛି । ଆମେରିକା ଏହାକୁ ଭୀଷଣ ରୂପେ ଖଣ୍ଡନ କରିଛି । ବର୍ତମାନ ଭିନ୍ନ ଭିନ୍ନ ବ୍ଲକ୍‌ସ୍ ମଧ୍ୟ ସୃଷ୍ଟି ହୋଇଚାଲିଛି । ଏ ସମ୍ବନ୍ଧରୁ ମୁଁ ପୂର୍ବରୁ ମଧ୍ୟ ବତାଇଥିଲି କି ଅବସ୍ଥା ଆହୁରି ଅଧିକା ଖରାପ ଆଡକୁ ଗତି କରି ଚାଲିଛି । ଏବେ ଏହା ଦେଖିବାକୁ ଅଛି କି ଆପଣମାନେ ଏ ସମ୍ବନ୍ଧରେ କି ପ୍ରକାର ପଦକ୍ଷେପ ନେଉଛନ୍ତି ।

ସୁଇଜର୍‌ଲାଣ୍ଡ୍‌ରୁ ଆସିଥିବା ବିଶପ୍ କହିଲେ କି କଣ ହଜୁର୍ ଅନୁୱର୍ ଆରବୀୟ ଦେଶଗୁଡିକୁ ବୁଝାଇପାରିବେ କି ସିରିଆରୁ ଆସୁଥିବା ରିଫ୍ୟୁଜିମାନଙ୍କୁ ସେମାନେ ସମ୍ଭାଳି ନିଅନ୍ତୁ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯଦି ସେମାନେ ମୋ କଥା ଶୁଣିବେ । ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଚାରିବର୍ଷ ପୂର୍ବେ ମୁଁ ମୋର ଖୁତ୍‌ବା ଗୁଡିକରେ ଓ ଅଭିଭାଷଣ ଗୁଡିକରେ ସେମାନଙ୍କୁ ବୁଝାଇଥିଲି ଓ ତାଙ୍କ ନିକଟକୁ ବାର୍ତା ମଧ୍ୟ ପଠାଇଥିଲି । କିନ୍ତୁ ସରକାର, ଜନତା ଏବଂ ସେମାନଙ୍କର ଲିଡର୍ ମୋ କଥା ଶୁଣିବାକୁ ଚାହୁଁନାହାଁନ୍ତି । ତାଙ୍କ ନିଜର ସେଥିରେ କିଛି ଲାଭ ଥିବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏକଥା ଦେଖିବାର ଅଛି କି ସେମାନଙ୍କ ନିକଟକୁ ଅସ୍ତ୍ରଶସ୍ତ୍ର କେଉଁଠାରୁ ଆସୁଅଛି । ସେମାନଙ୍କୁ କିଏ ଯୁଦ୍ଧ ଅସ୍ତ୍ର ସପ୍ଲାଇ କରୁଛନ୍ତି । ତତ୍ ସହିତ ତାଙ୍କ ନିକଟକୁ ଫଣ୍ଡ୍ କେଉଁଠାକୁ ଆସୁଛି । କିଏ ସେମାନଙ୍କର ଫଣ୍ଡ୍ ଯୋଗାଇବାର ମାଧ୍ୟମ ହେଉଛି । ଏ ଅବସ୍ଥାକୁ ସୁଧାରିବା ପାଇଁ ଗୋଟିଏ ଉପାୟ ହେଉଛି ଏହା କି ସେହି ସପ୍ଲାଇ ଲାଇନ୍‌ଗୁଡିକୁ କାଟି ଦିଆଯାଉ । ସେମାନଙ୍କ ଫଣ୍ଡିଙ୍ଗ୍‌କୁ ରୋକି ଦିଆଯାଉ । ଯଦି ୟୁରୋପୀୟ ୟୁନିୟନ୍ ପଦକ୍ଷେପ ନେବେ ତେବେ ଅବସ୍ଥକୁ ସୁଧାରି ଦିଆଯାଇପାରିବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ବର୍ତମାନ ପରିସ୍ଥିତି ଏପରି କି ଗୋଟିଏ ବଡ ଶକ୍ତି (ରାଷ୍ଟ୍ର) ସିରିଆ ସରକାରଙ୍କୁ ସାହାଯ୍ୟ କରୁଛି ଓ ଅନ୍ୟପଟେ ମଧ୍ୟ ଆଉ ଗୋଟିଏ ଶକ୍ତି ଓ କିଛି ଗୋଷ୍ଠୀ ବିଦ୍ରୋହୀ ମାନଙ୍କୁ ସାହାଯ୍ୟ କରୁଛନ୍ତି । ଏବେ ଆପଣମାନେ ନିଜେ ଦେଖନ୍ତୁ କି ତା ପଛରେ କେଉଁମାନେ ଅଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ବର୍ତମାନ IS ଯେଉଁ ତେଲଗୁଡିକ ବିକ୍ରି କରୁଅଛି ସେମାନେ କାହାକୁ ବିକ୍ରି କରୁଛନ୍ତି ଓ କେଉଁଠାରେ ବିକ୍ରି ହେଉଛି । କୌଣସି ବୋତଲ ବା କଂଟେନର୍‌ରେ ପୁରାଇ ତ ବିକ୍ରି କରାଯାଉନାହିଁ ବରଂ ବଡ ବଡ ପାଣି ଜାହାଜରେ ତେଲ ଭର୍ତି ହୋଇ ବାହାରକୁ ଯାଉଛି ଓ ତା ପ୍ରତିବଦଳରେ ସେମାନେ ମିଲିୟନ୍ ମିଲିୟନ୍ ଡଲାର୍ ହାସଲ କରୁଛନ୍ତି । ସେମାନଙ୍କୁ କାହିଁକି ରୋକାଯାଉନାହିଁ, ଏହି ତେଲ ସପ୍ଲାଇକୁ କାହିଁକି ବନ୍ଦ୍ କରାଯାଉନାହିଁ । ଯେଉଁଠି ପ୍ରତିବନ୍ଧକ ଲଗାଇଯିବା କଥା ସେଠାରେ ତ ଲଗାଯାଉଛି, ଏଠାରେ କାହିଁକି ଲଗାଯାଉନାହିଁ ।

ସ୍ୱିଡେନ୍‌ର ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ବତାଇଲେ କି ସ୍ୱିଡେନ୍ ୟୁନାଇଟେଡ୍ ନେଶନ୍ (UN) କୁ କହିଛି କି VETO ର ଅଧିକାରକୁ ଶେଷ କରିଦିଆଯାଉ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ସ୍ୱିଡେନ୍ ପ୍ରତ୍ୟେକ ବିଷୟରେ ଆଗକୁ ବଢ଼ିଚାଲିଛି । ୟୁରୋପ୍‌ରେ ସ୍ୱିଡେନ୍ ସର୍ବପ୍ରଥମେ ପାଲେଷ୍ଟାଇନ୍‌କୁ ସ୍ୱୀକାର କଲା ଓ ପୁଣି ତା ପରେ ସ୍ପେନ୍ ଏହାକୁ ସ୍ୱୀକାର କରିଥିଲା ।

ଆଉଗୋଟିଏ ପ୍ରଶ୍ନ ଏହା କରାଗଲା କି ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ଏ ପୃଥିବୀର ଉପୁଜିଥିବା ବର୍ତମାନ ପରିସ୍ଥିତି ବିଷୟରେ କଣ କିଛି ଭବିଷ୍ୟବାଣୀ କରିଛନ୍ତି । ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆମେ ଅହେମଦୀମାନେ ଏ କଥାରେ ବିଶ୍ୱାସ ରଖିଛୁ କି ଏହି ସବୁ ଅବସ୍ଥା ଉପୁଜିବାର

*ଅବଶିଷ୍ଟାଂଶ ପୃଷ୍ଠା-୦୬ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**